- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-13 ◆TUESDAY ◆07 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୩ ◆ମଙ୍ଗଳବାର ◆୦୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଭଉଣୀ ଖୋଲିଲେ ଗୁମର

ସୁଜେନ ନେଇ ନାହାନ୍ତି ୪୦୦ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

## ଶ୍ରୀଲଙ୍କା ଜେଲ୍‌ରେ କଏଦୀଙ୍କ ମଧ୍ୟରେ ହଣାକଟା; ୨୫ ମୃତ



■ କଲମ୍ବୋ, ୬।୭ (ଏଜେନ୍ସି): ଶ୍ରୀଲଙ୍କାର ପଶ୍ଚିମ ଉପକୂଳ ସହର ନେଗୋମ୍ବୋ ଜେଲ୍‌ରେ ବନ୍ଦୀମାନଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷରେ ୨୫ ଜଣ କଏଦୀ ପ୍ରାଣ ହରାଇଛନ୍ତି ଏବଂ ୧୦୦ରୁ ଅଧିକ ବନ୍ଦୀ ଓ ଅନ୍ୟମାନେ ଆହତ ହୋଇଛନ୍ତି। ଅତ୍ୟଧିକ ଭିଡ଼ ଥିବା ଏହି ଜେଲରେ ଗତକାଲି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ପରେ ପରିସ୍ଥିତି ଅଧିକ ଉଗ୍ର ହୋଇ ବନ୍ଦୀମାନେ କାରାଗାରରୁ ଅସ୍ତ୍ର ଛଡ଼ାଇ ନେଇଥିଲେ ଏବଂ ପରସ୍ପର ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ।

ଜେଲ ଭିତରେ ଚାଲିଥିବା ବେଆଇନ ମାଦକ କାରବାରକୁ ସମର୍ଥନ କରୁଥିବା ଏକ ଗୋଷ୍ଠୀ ଓ ଏହାକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦରୁ ହିଂସା ଆରମ୍ଭ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ସ୍ପେଶାଲ ଟାସ୍କ ଫୋର୍ସ ଏବଂ ଦଙ୍ଗା ନିୟନ୍ତ୍ରଣ ବାହିନୀକୁ ମୁତୟନ କରାଯାଇଛି। ଅଧିକ ହିଂସା ରୋକିବା ପାଇଁ ଅନେକ ବନ୍ଦୀଙ୍କୁ ପାଲାନସେନା କାରାଶିବିରକୁ ସ୍ଥାନାନ୍ତର କରାଯାଇଛି। କାରାଗାର ବିଭାଗର ମୁଖପାତ୍ର ଏସି ଗଜନାୟକେ କହିଛନ୍ତି ଯେ, ଘଟଣାର କାରଣ ଓ ପରିସ୍ଥିତିର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

## ଆବେଦନ ଖାରଜ; ନୀରବ ମୋଦୀଙ୍କ ପ୍ରତ୍ୟର୍ପଣ ଶୀଘ୍ର



■ ନୂଆଦିଲ୍ଲୀ, ୬।୭ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ମହାଘୋଟାଲା ଏବଂ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କୁ ଭାରତକୁ ପ୍ରତ୍ୟର୍ପଣ ହେବା ବର୍ତ୍ତମାନ ସୁନିଶ୍ଚିତ ହୋଇଯାଇଛି। ଫ୍ରାନ୍ସର ଷ୍ଟ୍ରାସବର୍ଗସ୍ଥିତ ୟୁରୋପୀୟ ମାନବାଧିକାର ଅଦାଲତ (ଇସିଏଚଆର)ରେ ନୀରବ ମୋଦୀ କରିଥିବା ଶେଷ ଆଇନଗତ ଅପିଲ୍ ଖାରଜ ହୋଇଯାଇଛି। ବ୍ରିଟେନରେ ତାଙ୍କ ପାଇଁ ଥିବା ସମସ୍ତ ଆଇନଗତ ବିକଳ୍ପ ଏବେ ଶେଷ ହୋଇଛି ଏବଂ ବ୍ରିଟେନ ସରକାର ବର୍ତ୍ତମାନ ତାଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇ ପାରିବେ।

୨୦୧୯ ମାର୍ଚ୍ଚ ମାସରୁ ଲଣ୍ଡନର ୱାଣ୍ଡସୱର୍ଥ କାରାଗାରରେ ବନ୍ଦୀ ଥିବା ନୀରବ ମୋଦୀଙ୍କୁ ଭାରତ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରମାଗତ ଭାବେ ପ୍ରୟାସ କରୁଛନ୍ତି। ପୂର୍ବରୁ ବ୍ରିଟେନ ହାଇକୋର୍ଟ ମଧ୍ୟ ଭାରତର ଜେଲ୍ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉପଯୁକ୍ତ ଦର୍ଶାଇ ପ୍ରତ୍ୟାର୍ପଣକୁ ଅନୁମତି ଦେଇଥିଲେ। ଏହା ବିରୋଧରେ ନୀରବ ମୋଦୀ ଗତ ଏପ୍ରିଲ ୨୦୨୬ରେ ଇସିଏଚଆରର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେଠାରୁ ମଧ୍ୟ ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ। ଗତ ମାର୍ଚ୍ଚ ମାସରେ ଲଣ୍ଡନର କିଙ୍ଗସ୍ ବେଞ୍ଚ ▶ପୃଷ୍ଠା-୧୦

# ବଢୁଛି ଏସ୍‌ଆଇଆର୍ ଅଡୁଆ

## କର୍ଣ୍ଣାଟକରେ ସିଇଓଙ୍କୁ ଭେଟିଲେ ତିନି କେନ୍ଦ୍ର ମନ୍ତ୍ରୀ



■ ବେଙ୍ଗାଲୁରୁ, ୬।୭ (ଏଜେନ୍ସି): ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ବା ଏସ୍‌ଆଇଆରକୁ ନେଇ ବିରୋଧୀ ମେଣ୍ଟ ନିର୍ବାଚନ କମିସନଙ୍କ ଠାରୁ ଆରମ୍ଭ କରି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇ ଗୁହାରି କରିବାରେ ଲାଗିଛନ୍ତି। ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଏସ୍‌ଆଇଆର ଯୋଗୁଁ ପଶ୍ଚିମ ବଙ୍ଗରେ ମମତା ସରକାର କ୍ଷମତାଚ୍ୟୁତ ହେଲେ ବୋଲି ଟିଏମସି ଅଭିଯୋଗ କରିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ସବୁ ଅଭିଯୋଗକୁ ଖଣ୍ଡନ କରି ଚାଲିଥିବା ବିଜେପି ଆଜି ପ୍ରଥମ ଥର ଲାଗି ଏସ୍‌ଆଇଆର୍‌କୁ ନେଇ ଆପତ୍ତି ଉଠାଇଛି। କର୍ଣ୍ଣାଟକରେ ଏହି ଘଟଣା ସାମନାକୁ ଆସିଛି। ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ବିଜେପି ନେତୃତ୍ୱରେ ଏନଡିଏର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି। ଏହି ପ୍ରତିନିଧି ଦଳରେ ତିନି ଜଣ କେନ୍ଦ୍ର ମନ୍ତ୍ରୀ ରହିଥିଲେ। ସେମାନେ ହେଲେ ଏଚ୍‌ଡି କୁମାରସ୍ୱାମୀ, ପ୍ରହ୍ଲାଦ ଯୋଶୀ ଏବଂ ଶୋଭା କରନ୍ଦଲାଜେ। ସେମାନେ ଅଭିଯୋଗ କରିଛନ୍ତି ଯେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ଲୋକଙ୍କ ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ ▶ପୃଷ୍ଠା-୧୦

## ଓଡ଼ିଶାରେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩,୬୯୧ ଭୋଟର ବାଦ୍

■ ଭୁବନେଶ୍ୱର,୬।୭ (ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ ହଜାରରୁ ଅଧିକ ଭୋଟର ବାଦ୍ ପଡ଼ିଥିବା ସମୟରେ କେବଳ ଚିଠା ତାଲିକାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୭ ହଜର ୬୨୪ ଜଣ ଲୋକଙ୍କ ନାମ ବାଦ ପଡ଼ିଛନ୍ତି। ଅନ୍ୟପକ୍ଷରେ ଦେବଗଡ଼ରେ ସର୍ବନିମ୍ନ ୧୧୦୦୪ ଜଣ ଲୋକଙ୍କ ନାମ କଟିଥିବା ସୂଚନା ମିଳିଛି। ସାଧାରଣ ଭାବରେ ଦେଖିଲେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩୬୯୧ ନାମ ବାଦ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ କଟକରେ ଦ୍ୱିତୀୟ ସର୍ବାଧିକ ୧ ଲକ୍ଷ ୫୫ ହଜାର ୧୬୪ ଜଣ ଲୋକଙ୍କ ନାମ କଟିଛି। ସେହିପରି ମୟୂରଭଞ୍ଜରେ ୧୧୧୨୬୭, ▶ପୃଷ୍ଠା-୧୦

**ଗଞ୍ଜାମରୁ ୨.୭୬ ଲକ୍ଷ, କଟକରୁ ୧.୫୫ ଲକ୍ଷ ଭୋଟର କଟିଛନ୍ତି**

**ଯାଜପୁରରେ କଟିଲେ ୧.୦୫ ଲକ୍ଷ, ମୟୂରଭଞ୍ଜରେ ୧.୧୧ ଲକ୍ଷ**

**ଚିଠାରେ ଦୁଇ ପୁଅ, ସ୍ତ୍ରୀଙ୍କର ନାମ; ଜୀବିତ ସ୍ୱାମୀଙ୍କ ନାମ ନାହିଁ**

### ରାମ ମନ୍ଦିର ଚାନ୍ଦା ଚୋରି

## ହଟିଲେ ଚମ୍ପତ ରାୟ, ଅନିଲ ମିଶ୍ର



ଚମ୍ପତ ରାୟ — କ୍ରିଷ୍ଣ ମୋହନ

■ ଅଯୋଧ୍ୟା, ୬।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଫିସିଥିବା ମନ୍ଦିର ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଇସ୍ତଫାକୁ ଶେଷରେ ଗ୍ରହଣ କରି ନିଆଯାଇଛି। ଆଜି ଏଠାରେ ଅନୁଷ୍ଠିତ ରାମ ମନ୍ଦିର ଟ୍ରଷ୍ଟ ବୈଠକରେ ଅନ୍ୟତମ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫାକୁ ମଧ୍ୟ ଗ୍ରହଣ କରି ନିଆଯାଇଛି। ଚମ୍ପତ ରାୟଙ୍କ ସ୍ଥାନରେ ବର୍ତ୍ତମାନ ପାଇଁ କ୍ରିଷ୍ଣା ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ ଚାନ୍ଦା ଚୋରି ମାମଲାରେ ଯେତେ ବଡ଼ ଲୋକ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସରକାରଙ୍କୁ ପରାମର୍ଶ ଦିଆଯାଇଛି।

ଟ୍ରଷ୍ଟର ଏଭଳି ଆଭିମୁଖ୍ୟ ପରେ ଉଭୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ଚାନ୍ଦା ଚୋରି ମାମଲାରେ ଏହି ଦୁଇ ନେତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ସମସ୍ତେ ଚମ୍ପତ ଓ ଅନିଲଙ୍କ ଅତି ଘନିଷ୍ଠ ରୂପେ ପରିଚିତ। ସେମାନେ ଚୋରି କରୁଥିବା ନେଇ ଚମ୍ପତ ଜାଣିଥିଲେ ମଧ୍ୟ ଏହାକୁ ଘୋଡ଼ାଇବାକୁ ଉଦ୍ୟମ ଚଳାଇଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅନିଲ ମିଶ୍ର ମଧ୍ୟ ଅଟକାଇଥିଲେ ବୋଲି କୁହାଯାଉଛି। ଏହି ଦୁଇ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଆଡୁ ଚାପ ପଡୁଛି। ଉଭୟ ଚମ୍ପତ ଓ ଅନିଲଙ୍କୁ ଏସ୍‌ଆଇଟି ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି ଏଫ୍‌ଆଇଆର ହୋଇନାହିଁ। ଟ୍ରଷ୍ଟର କଠୋର ଆଭିମୁଖ୍ୟ ▶ପୃଷ୍ଠା-୧୦

**କ୍ରିଷ୍ଣ ମୋହନଙ୍କୁ ଟ୍ରଷ୍ଟର ଅସ୍ଥାୟୀ ଦାୟିତ୍ୱ**

### ତ୍ରୁଟିଶୂନ୍ୟ ରଥଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## କେବଳ ଅଧିକୃତ ସେବକଙ୍କୁ ଭିତର କର୍ଡନ ପାସ୍



■ ପୁରୀ, ୬।୭ (ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ। ରଥଯାତ୍ରାର ସୁପରିଚାଳନା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ।

ଗତବର୍ଷ ରଥଟଣାରେ ଢେର୍ ବିଳମ୍ବ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ କେବଳ ଚକେ ଗଡ଼ିଥିଲେ। ବଳଗଣ୍ଡିରେ ତାଳଧ୍ୱଜ ଏବଂ ମରିଚୀକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ। ରଥଟଣା ବିଳମ୍ବ ପାଇଁ କର୍ଡନ ପାସ୍‌କୁ ଦାୟୀ କରିଥିଲେ ସମସ୍ତେ। ଅତ୍ୟଧିକ କର୍ଡନ ପାସ୍ ବଣ୍ଟାଯାଇଥିବାରୁ ଭିତରେ ବିଶୃଙ୍ଖଳା ହେଲା, ଯେଉଁଥିପାଇଁ ରଥଟଣାରେ ସମସ୍ୟା ହେଲା ବୋଲି କୁହାଗଲା। ତେଣୁ ଏ ବର୍ଷ ଯେପରି କର୍ଡନ ପାସ୍ ମନଇଚ୍ଛା ବଣ୍ଟା ନ ଯାଏ ତା' ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରା କର୍ଡନ ପାସ୍ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ କହିଛନ୍ତି। କେବଳ ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ▶ପୃଷ୍ଠା-୧୦

### ବିପର୍ଯ୍ୟୟ ପରିଚାଳନା

## ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିଲା ଭେନେଜୁଏଲା

### ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ସ୍ୱୀକୃତିରେ ଆଉ ଏକ ସ୍ୱାକ୍ଷର



■ ଭୁବନେଶ୍ୱର, ୬।୭ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲ ଏକଦା ଅନ୍ତର୍ଜାତୀୟ ସ୍ତରରେ ତଥା ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଥିଲା। ଅନ୍ତର୍ଜାତୀୟ ଗଣମାଧ୍ୟମରେ ମଧ୍ୟ ନବୀନ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା। ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ କରିବାରେ ସକ୍ଷମ ହୋଇଥିବା ନବୀନଙ୍କ ନକ୍ସା କେବଳ ଭାରତ ନୁହେଁ; ଅନ୍ତର୍ଜାତୀୟ ସ୍ତରରେ ବି ଗ୍ରହଣୀୟ ହୋଇଥିଲା। ସେହି ନକ୍ସା ଆଧାରରେ ଏବେ ରାଜ୍ୟ ଓ ଦେଶରେ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ ହେଉଛି। ତେବେ ସଦ୍ୟ ଭୂକମ୍ପ ପ୍ରଭାବିତ ଭେନେଜୁଏଲା ସମ୍ପ୍ରତି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗୀ ତଥା ତତ୍‌କାଳୀନ '୫-ଟି' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିବା ଓଡ଼ିଶାର ସମ୍ମାନ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ବୃଦ୍ଧି କରିଛି। ଭେନେଜୁଏଲାର କାମଚଳା ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେସ୍‌ଙ୍କ ଆଗ୍ରହ ଓ ନିମନ୍ତ୍ରଣ କ୍ରମେ ଶ୍ରୀ ପାଣ୍ଡିଆନ ଭେନେଜୁଏଲା ଗସ୍ତ କରିଛନ୍ତି। ସେଠାରେ ସେ ଭୂକମ୍ପ ପୀଡ଼ିତଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଭେନଜୁଏଲା ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ, ଭୟାବହ ଭୂମିକମ୍ପରେ ଭେନେଜୁଏଲା ଏକପ୍ରକାର ଧ୍ୱସ୍ତବିଧ୍ୱସ୍ତ ହୋଇଛି। ୩୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି ଓ ୫୦ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଏବେ ବି ଧ୍ୱଂସସ୍ତୁପ ତଳୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି। ଏହି କ୍ରମରେ ବିପର୍ଯ୍ୟୟ ▶ପୃଷ୍ଠା-୧୦

**ଭେନେଜୁଏଲା ରାଷ୍ଟ୍ରପତିଙ୍କ ଆଗ୍ରହ କ୍ରମେ ପହଞ୍ଚିଲେ ପାଣ୍ଡିଆନ**

**ରାଷ୍ଟ୍ରପତିଙ୍କ ସହ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଆଲୋଚନା**

**ବିପର୍ଯ୍ୟୟ ପ୍ରବଣରୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ ହୋଇଛି ଓଡ଼ିଶା**

### ବିବାଦରେ ଓଇଆର୍‌ସି ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା

## ମାନଦଣ୍ଡ କୋହଳ କରିବାକୁ ଫନ୍ଦି !

**ଅନଭିଜ୍ଞଙ୍କୁ ଅଧ୍ୟକ୍ଷ ପଦ ପ୍ରଦାନ ଲାଗି ମସୁଧା**

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶକ୍ତି ସମୀକ୍ଷକ**

■ ଭୁବନେଶ୍ୱର, ୬।୭ (ସମିସ): ଗତ ଜୁନ୍ ୨୫ ତାରିଖରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ଦେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। ଓଇଆରସି ଅଧ୍ୟକ୍ଷ ପଦବୀ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଥିବାରୁ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକୀୟ ସୁଧାର ଅଟକି ରହିଛି। ତେଣୁ ପ୍ରାଥମିକତାର ସହ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଥିବା ବେଳେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଓଇଆରସି ଅଧ୍ୟକ୍ଷ ପଦରେ ନିଜ ମନ ପସନ୍ଦର ତଥା କୋଟେରୀ ଅଧିକାରୀଙ୍କୁ ଥଇଥାନ କରିବାକୁ ଶକ୍ତି ବିଭାଗ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ଏପରିକି ପୂର୍ବରୁ ଥିବା ଯୋଗ୍ୟତା ମାନଦଣ୍ଡରେ କୋହଳ କରିବାକୁ ବିଭାଗୀୟ ସ୍ତରରେ ମସୁଧା ଚାଲିଥିବା କୁହାଯାଉଛି।

ସୂଚନା ଅନୁଯାୟୀ ଓଇଆରସି ଅଧ୍ୟକ୍ଷ ପଦ ପାଇଁ ଏକାଧିକ ମାନଦଣ୍ଡ ରହିଛି। ତନ୍ମଧ୍ୟରୁ ଶକ୍ତି କ୍ଷେତ୍ର କିମ୍ବା ସମ୍ପୃକ୍ତ ବିଷୟରେ ଶିକ୍ଷାଗତ ଯୋଗ୍ୟତା ତଥା ଅଭିଜ୍ଞତାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥାଏ। ଏହି ମାନଦଣ୍ଡ ଅନିବାର୍ଯ୍ୟ ହୋଇଥିବା ବେଳେ ପ୍ରଶାସନିକ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ବେଳେ ଅଗ୍ରାଧିକାର ଦିଆଯାଇଥାଏ। ପୂର୍ବରୁ ଅବସରପ୍ରାପ୍ତ ମୁଖ୍ୟ ସଚିବ ସୁରେଶ ମହାପାତ୍ର, ପ୍ରଦୀପ କୁମାର ଜେନା ପ୍ରମୁଖ ଶକ୍ତି ବିଭାଗରେ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେହିପରି ଉପେନ୍ଦ୍ର ନାଥ ବେହେରା ମଧ୍ୟ ଓଇଆରସି ଅଧ୍ୟକ୍ଷ ପଦରେ କାର୍ଯ୍ୟ କରିବା ପୂର୍ବରୁ ଓରେଡାରେ କାର୍ଯ୍ୟ କରିବାର ଅଭିଜ୍ଞତା ▶ପୃଷ୍ଠା-୧୦

### କ୍ଷମତା ଅଳିନ୍ଦରେ ଆଲୋଡ଼ନ

## ଭୁବନେଶ୍ୱର ଡିସିପିଙ୍କ ଅଚାନକ ଇସ୍ତଫା




**ବିଭାଗ ହଜମ କରିପାରୁନି 'ବ୍ୟକ୍ତିଗତ' କାରଣ**

■ ଭୁବନେଶ୍ୱର, ୬।୭ (ସମିସ): ଇସ୍ତଫା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ତାଙ୍କ ଇସ୍ତଫା ଦେବା ଖବର ଏବେ କ୍ଷମତା ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଛି। କେଉଁ କାରଣରୁ ସେ ଇସ୍ତଫା ଦେଲେ ତାହା ବାହାରର ଲୋକ ତ ଦୂରର କଥା, ତାଙ୍କ ବିରାଦରୀ ଆଇପିଏସ୍‌ମାନେ ଓ ତାଙ୍କ ସହ କାମ କରୁଥିବା ପୁଲିସ ଅଧିକାରୀମାନେ ବି ବୁଝି ପାରୁନାହାନ୍ତି। 'ବ୍ୟକ୍ତିଗତ' କାରଣରୁ ସେ ଇସ୍ତଫା ଦେଇଥିବା କୁହାଯାଉଥିଲେ ହେଁ ବିଭାଗ ଏହି ସଂକ୍ଷିପ୍ତ ଓ ସହଜ କାରଣକୁ ହଜମ କରିପାରୁ ନାହିଁ। ୨୫ ଦିନ ତଳେ ଇସ୍ତଫାପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ହେଁ ଏହାର ସୁରାକ କେହି ପାଇ ନ ଥିଲେ। ଏବେ ୨୫ ଦିନ ପରେ ତାହା ଲୋକଲୋଚନକୁ ଆସିଛି। ନିଜ ପରିବାର, ସମ୍ପର୍କୀୟ ଓ ବନ୍ଧୁମାନଙ୍କ ସହ ଆଲୋଚନା କରି ସେ ଏପରି ନିଷ୍ପତ୍ତି ନେଇଥିବା ଓ ଆଇପିଏସ୍ ଛାଡ଼ି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ମନସ୍ଥ କରିଥିବା ନିଜେ ଶ୍ରୀ ମୀନା କହିଛନ୍ତି। ଏହା ସହ ତାଙ୍କ ଇସ୍ତଫା ସହ କୌଣସି ଘଟଣା ସହ ନ ଯୋଡ଼ିବାକୁ ଶ୍ରୀ ମୀନାଙ୍କ ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି। ସମ୍ଭବତଃ କୌଣସି (!) ଘଟଣା ହିଁ ତାଙ୍କ ଇସ୍ତଫା ପଛର କାରଣ ହୋଇଥାଇପାରେ ବୋଲି ଅନେକ ମନେ କରୁଛନ୍ତି।

ଶ୍ରୀ ମୀନା ୨୦୧୩ ବ୍ୟାଚର ଓଡ଼ିଶା କ୍ୟାଡ଼ର ଆଇପିଏସ୍। ଗଞ୍ଜାମରୁ ▶ପୃଷ୍ଠା-୧୦

ସକାଳ THE SAKALA
www.sakalaepaper.com


# ଟ୍ରମ୍ପଙ୍କ ଭୟରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟିରୁ ଓହରିଲେ ୧୩ଟି ଦେଶ



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ନହେବା ପାଇଁ ଆମେରିକା ବିଶ୍ୱର ବିଭିନ୍ନ ଦେଶ ଉପରେ କୂଟନୈତିକ ଚାପ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ଇରାନ ଗଣମାଧ୍ୟମ 'ତସନିମ୍ ନ୍ୟୁଜ୍ ଏଜେନ୍ସି'ର ରିପୋର୍ଟ ଅନୁସାରେ, ଆମେରିକାର ଏହି ଚେତାବନୀ ପରେ ଅତିକମରେ ୧୩ଟି ଦେଶ ତେହେରାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରୁ ନିଜର ପ୍ରତିନିଧିତ୍ୱ ପ୍ରତ୍ୟାହାର କରିଛନ୍ତି କିମ୍ବା ଅଂଶଗ୍ରହଣ ସୀମିତ କରିଦେଇଛନ୍ତି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ବିଶ୍ୱବ୍ୟାପୀ ଥିବା ଆମେରିକୀୟ ଦୂତମାନେ ଏହି କୂଟନୈତିକ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଶୋକସଭାରେ ଯୋଗଦେବାକୁ 'ବନ୍ଧୁତ୍ୱହୀନ କାର୍ଯ୍ୟ' ଭାବେ ଗ୍ରହଣ କରାଯିବ ଏବଂ ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆମେରିକା ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା। ବିଶେଷ କରି ଆଫ୍ରିକୀୟ ଦେଶଗୁଡ଼ିକୁ ଆମେରିକା ତରଫରୁ ଦିଆଯାଉଥିବା ଆର୍ଥିକ ଅନୁଦାନ ବନ୍ଦ କରିବାକୁ ଧମକ ଦିଆଯାଇଥିବା ବେଳେ ପ୍ରାୟ ୫ଟି ଆରବ ଦେଶକୁ ମଧ୍ୟ ସିଧାସଳଖ ସତର୍କ କରାଯାଇଥିଲା। ଏହି ଚାପ ଯୋଗୁଁ ପୂର୍ବ ୟୁରୋପର ୩ଟି, ଆଫ୍ରିକାର ୫ଟି, ପାରସ୍ୟ ଉପସାଗରୀୟ ଅଞ୍ଚଳର ୨ଟି ଏବଂ ପୂର୍ବ ଏସିଆର ୨ଟି ପ୍ରମୁଖ ଦେଶ ଏହି କାର୍ଯ୍ୟକ୍ରମରୁ ଓହରି ଯାଇଛନ୍ତି। ଅପରପକ୍ଷରେ, ଆମେରିକାର ଏହି କଟକଣା ଓ ଚାପ ସତ୍ତ୍ୱେ ତେହେରାନର ଇମାମ ଖୋମେନି ମସଜିଦ ସମ୍ମୁଖରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ଶୋକ ସନ୍ତପ୍ତ ପରିବେଶରେ ଖାମେନେଇଙ୍କୁ ଶେଷ ବିଦାୟ ଜଣାଇଛନ୍ତି। ଗତ ଫେବ୍ରୁଆରୀ ୨୮ ଆକ୍ରମଣରେ ପ୍ରାଣ ହରାଇଥିବା ୮୬ ବର୍ଷୀୟ ଏହି ଜନନାୟକଙ୍କ ସ୍ମୃତି ଚାରଣ କରିବା ସହ ସେଠାରେ ଉପସ୍ଥିତ ଜନତା ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧମୂଳକ ସ୍ଲୋଗାନ ଦେଇ ପ୍ରଦର୍ଶନ କରିଛନ୍ତି।

## ଭାରତକୁ ଇରାନର ଧନ୍ୟବାଦ

ତେହରାନ/ନୂଆଦିଲ୍ଲୀ: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖାମେନେଇଙ୍କ ରାଜକୀୟ ଶେଷକୃତ୍ୟରେ ଭାରତର ଅଂଶଗ୍ରହଣ ପାଇଁ ଇରାନ ଭାରତ ସରକାର ଓ ଜନସାଧାରଣଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛି। ଭାରତସ୍ଥିତ ଇରାନ ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏକ ବାର୍ତ୍ତା ପୋଷ୍ଟ କରି କୃତଜ୍ଞତା ପ୍ରକାଶ କରିଛି। ଭାରତ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶେଷକୃତ୍ୟରେ ଯୋଗ ଦେଇଥିଲା। ଏଥିରେ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ (ଅବସରପ୍ରାପ୍ତ) ସୟଦ ଅତା ହସନୈନ୍, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ରହି ଖାମେନେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ନେତା ସଲମାନ ଖୁର୍ଶିଦ, ପିଡିପି ନେତ୍ରୀ ମେହବୁବା ମୁଫ୍ତି, ଏବଂ ଭାରତର ଶିଖ, ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ୍ ଧର୍ମଗୁରୁମାନେ ମଧ୍ୟ ଶେଷକୃତ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ରୁଷର ମିସାଇଲ୍ ମାଡ଼; କିଭ୍‌ରେ ୮ ମୃତ

କିଭ୍, ୬।୭(ଏଜେନ୍ସି): ତୁର୍କୀରେ ଆୟୋଜିତ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ପୂର୍ବରୁ ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ସୋମବାର ବାଲିଷ୍ଟିକ୍ ମିସାଇଲ୍ ଦ୍ୱାରା ପ୍ରବଳ ଆକ୍ରମଣ କରାଯାଇଛି। ଏହି ଭୟାବହ ଆକ୍ରମଣରେ ଅତିକମରେ ୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୪ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ୟୁକ୍ରେନ ରାଜଧାନୀ ଉପରେ ଏହା ରୁଷର ଦ୍ୱିତୀୟ ବଡ଼ ଆକ୍ରମଣ, ଯାହା ଚାରି ବର୍ଷରୁ ଅଧିକ ସମୟଧରି ଚାଲିଥିବା ଏହି ଯୁଦ୍ଧର ଭୟାବହତାକୁ ଆହୁରି ବଢ଼ାଇ ଦେଇଛି। କିଭ୍‌ର ସ୍ଥାନୀୟ ପ୍ରଶାସନ ଅନୁସାରେ, ରୁଷର ଏହି କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ସହରର ୪ଟି ଆବାସିକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା, ଯେଉଁ ସମୟରେ ଲୋକମାନେ ଶୋଇଥିଲେ। ମୃତକଙ୍କ ମଧ୍ୟରୁ ୭ ଜଣ କିଭ୍‌ର ଏବଂ ଜଣେ ବୁଚା ଜିଲ୍ଲାର ବୋଲି ଜଣାପଡ଼ିଛି। କିଭ୍ ମେୟର ବିଟାଲି କ୍ଲିଟ୍‌କୋ ସହରରେ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡିଫେନ୍ସ) ସକ୍ରିୟ ଥିବା ସୂଚନା ଦେବା ସହ ଜନସାଧାରଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ, ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷ ନିୟନ୍ତ୍ରିତ କ୍ରିମିଆର ସେଭାସ୍ତୋପୋଲ୍ ଶକ୍ତି ପ୍ରକଳ୍ପ ଏବଂ ମସ୍କୋ ଉପରେ ଡ୍ରୋନ୍ ମାଡ଼ କରାଯାଇଥିବା ଦାବି କରାଯାଇଛି। ଏହି ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ଆସନ୍ତା ବୁଧବାର ତୁର୍କୀର ରାଜଧାନୀ ଅଙ୍କାରାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଦୁଇ ନେତା ଯୁଦ୍ଧର ସମାପ୍ତି ଏବଂ ଶାନ୍ତି ପ୍ରକ୍ରିୟା ଉପରେ ଆଲୋଚନା କରିବେ। ଏହାପରେ ଟ୍ରମ୍ପ ରୁଷର ନେତା ଭ୍ଲାଦିମିର ପୁଟିନଙ୍କ ସହ ମଧ୍ୟ କଥା ହେବାର କାର୍ଯ୍ୟକ୍ରମ ରହିଛି।

# ପହଲଗାମ୍ ଆତଙ୍କବାଦୀ ଆକ୍ରମଣ; ହାଫିଜ୍ ସୟିଦ୍ ବିରୋଧରେ ଏନ୍‌ଆଇଏର ଚାର୍ଜସିଟ୍



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ଜମ୍ମୁର ସ୍ୱତନ୍ତ୍ର ଅଦାଲତରେ ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍‌ଏଫ)ର ମୁଖ୍ୟ ହାଫିଜ୍ ସୟିଦ୍‌କୁ ମୁଖ୍ୟ ଅଭିଯୁକ୍ତ ଭାବେ ନାମିତ କରାଯାଇଛି। ସୀମା ପାର୍ଶ୍ୱରୁ ଭାରତ ବିରୋଧରେ ଯୁଦ୍ଧ ଘୋଷଣା ଏବଂ ଆତଙ୍କବାଦୀ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଏନଆଇଏ ତା' ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ) ଏବଂ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ର ବିଭିନ୍ନ ଧାରା ଲଗାଇଛି। ଗତ ବର୍ଷ ଡିସେମ୍ବର ମାସରେ ଦାଖଲ ହୋଇଥିବା ୧, ୫୯୭ ପୃଷ୍ଠାର ମୂଳ ଚାର୍ଜସିଟ୍‌ରେ ୭ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଡିଜିଟାଲ୍ ପ୍ଲାଟଫର୍ମରେ ଆକ୍ରମଣର ଦାୟିତ୍ୱ ନେଇଥିବା ବାର୍ତ୍ତାଗୁଡ଼ିକର ଉତ୍ସ ପାକିସ୍ତାନ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ସ୍ପଷ୍ଟ ହେବା ପରେ ଏଥିରେ ହାଫିଜ୍ ସୟିଦ୍‌ର ସମ୍ପୃକ୍ତି ପ୍ରମାଣିତ ହୋଇଛି। ଏହି ମାମଲାଟି ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମର ବୈସାରନ ଉପତ୍ୟକାରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ଆକ୍ରମଣ ସହ ଜଡ଼ିତ, ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ପକ୍ଷରୁ ୨୦୨୫ ମେ ୭ ତାରିଖରେ 'ଅପରେସନ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅପରେସନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକର ୯ଟି ପ୍ରମୁଖ ଘାଟିକୁ ସେନା ଧ୍ୱଂସ କରିଦେଇଥିଲା। ଏହା ସହିତ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସହ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ମଧ୍ୟ ବନ୍ଦ କରିଦେଇଥିଲେ। ଆଗାମୀ ଦିନରେ ଏହି ଆତଙ୍କବାଦୀ ନେଟୱର୍କର ସମୂଳ ବିନାଶ ପାଇଁ ଏନଆଇଏ ନିଜର ତଦନ୍ତ ଜାରି ରଖିଛି।

## ଭେନେଜୁଏଲାରେ ଏବେ ବି ୫୦ ହଜାର ନିଖୋଜ



କାରାକାସ, ୬।୭(ଏଜେନ୍ସି): ଭେନେଜୁଏଲାରେ ଗତ ଜୁନ୍ ୨୪ରେ ଆସିଥିବା ଦୁଇଟି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ମୃତ୍ୟୁ ସଂଖ୍ୟା ୩, ୩୪୨କୁ ବୃଦ୍ଧି ପାଇଛି। ଏହି ବିପର୍ଯ୍ୟୟର ୧୧ ଦିନ ପରେ ବିଲ୍ଡିଂ ଧ୍ୱଂସାବଶେଷ ତଳୁ ମିଳୁଥିବା ଅଜ୍ଞାତ ଶବଗୁଡ଼ିକୁ ପ୍ରଶାସନ ପକ୍ଷରୁ ଗଣସମାଧି ଦିଆଯାଉଛି। ଏହି ଭୂକମ୍ପରେ ପ୍ରାୟ ୧୬, ୭୦୦ ଲୋକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜାତିସଂଘର ଆକଳନ ଅନୁସାରେ ଦେଶରେ ଏବେ ମଧ୍ୟ ପ୍ରାୟ ୫୦, ୦୦୦ ଲୋକ ନିଖୋଜ ଅଛନ୍ତି। ଲା ଗୁଏରା ଉପକୂଳ ଅଞ୍ଚଳରେ ଶତାଧିକ ବହୁତଳ ପ୍ରାସାଦ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀମାନେ ଚିହ୍ନଟ ହୋଇପାରିନଥିବା ୧୫୦ରୁ ଅଧିକ ମୃତଦେହକୁ ଲା ଇସପେରାଞ୍ଜା ଶ୍ମଶାନରେ ସମ୍ମାନର ସହ ସମାଧି ଦେଇଛନ୍ତି। ଭୂକମ୍ପ ଯୋଗୁଁ ୨୦୦ରୁ ଅଧିକ ବଡ଼ ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାରୁ ୧୭, ୦୦୦ରୁ ଅଧିକ ଲୋକ ବେଘର ହୋଇ ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

# ନୌସେନାରେ ସାମିଲ ହେବ ଯୁଦ୍ଧପୋତ 'ମହେନ୍ଦ୍ରଗିରି'

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବା ପାଇଁ ଆସନ୍ତା ଶନିବାର (ଜୁଲାଇ ୧୧) ବିଶାଖାପାଟଣାଠାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରକଳ୍ପ ୧୭ଏ ଶ୍ରେଣୀର ଷଷ୍ଠ ଷ୍ଟିଲ୍‌ଥ୍ ଯୁଦ୍ଧପୋତ (ଫ୍ରିଗେଟ୍) 'ମହେନ୍ଦ୍ରଗିରି' (ଏଫ୩୮) ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ ହେବାକୁ ଯାଉଛି। ଓଡ଼ିଶାର ପୂର୍ବଘାଟ ପର୍ବତମାଳାର ଗୌରବ 'ମହେନ୍ଦ୍ରଗିରି' ପର୍ବତ ଶୃଙ୍ଗ ଅନୁସାରେ ଏହାର ନାମକରଣ କରାଯାଇଛି। ଏହି ଯୁଦ୍ଧପୋତର ନକ୍ସା ଭାରତୀୟ ନୌସେନାର 'ୱାରସିପ୍ ଡିଜାଇନ୍ ବ୍ୟୁରୋ' ପ୍ରସ୍ତୁତ କରିଥିବା ବେଳେ ଏହାକୁ ମୁମ୍ବାଇର 'ମାଝାଗାଓଁ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍' ନିର୍ମାଣ କରିଛି। ଏହି ଅତ୍ୟାଧୁନିକ ଯୁଦ୍ଧପୋତରେ ଭାରତୀୟ ପ୍ରତିରକ୍ଷା ଶିଳ୍ପ ଦ୍ୱାରା ନିର୍ମିତ ଶକ୍ତିଶାଳୀ ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ୍ ଏବଂ ବାରାକ-୮ ଭୂପୃଷ୍ଠରୁ ଆକାଶକୁ ମାଡ଼ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ଖଞ୍ଜାଯାଇଛି। ଏହାଫଳରେ ଏହି ଯୁଦ୍ଧପୋତ ଶତ୍ରୁପକ୍ଷର ଜାହାଜ, ଡ୍ରୋନ୍, ମିସାଇଲ୍ ଏବଂ ସ୍ଥଳଭାଗର ଲକ୍ଷ୍ୟଭେଦକୁ ଦୂରରୁ ଧ୍ୱଂସ କରିପାରିବ। ଏହା ବ୍ୟତୀତ ବୁଡ଼ାଜାହାଜ ବିରୋଧୀ ଅଭିଯାନ ପାଇଁ ଏଥିରେ ଟର୍ପିଡୋ, ରକେଟ୍ ଲଞ୍ଚର୍ ଏବଂ ଶତ୍ରୁର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଶକ୍ତିଶାଳୀ ଏଇଏସଏ ରାଡାର୍ ବ୍ୟବସ୍ଥା ରହିଛି।

## ସ୍ତ୍ରୀକୁ ଗୁଳି କରି ହତ୍ୟା: ସ୍ୱାମୀ, ପ୍ରେମିକା ଗିରଫ

ଗୁରୁଗ୍ରାମ, ୬।୭(ଏଜେନ୍ସି): ହରିଆଣାର ଗୁରୁଗ୍ରାମ ଅନ୍ତର୍ଗତ ମାନେସର ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ୨୫ ବର୍ଷୀୟ ଯୁବକ ନିଜ ପ୍ରେମିକା ସହ ମିଶି ବିବାହର ମାତ୍ର ୩ ମାସ ପରେ ନିଜ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀ ଅଙ୍କିତ ଏବଂ ତାଙ୍କର ୩୮ ବର୍ଷୀୟା ପ୍ରେମିକା ରଜନୀ ଦେବୀଙ୍କୁ ଗିରଫ କରିଛି। ଗତ ୩ ବର୍ଷ ଧରି ଚାଲିଥିବା ପ୍ରେମ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ଦୁହେଁ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ। ଗତ ମେ ୨୧ ତାରିଖରେ ୨୨ ବର୍ଷୀୟା ପୀଡ଼ିତା ନିଖୋଜ ହେବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପରଦିନ ମେ ୨୨ରେ ପ୍ରେମିକାର ଭଡ଼ା ଘରୁ ମହିଳାଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ଅଙ୍କିତ ନିଜ ସ୍ତ୍ରୀକୁ ପ୍ରେମିକାର ଘରକୁ ନେଇ ସେଠାରେ ଦୁହେଁ ମିଶି ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଥିପାଇଁ ଦୁଇ ମାସ ପୂର୍ବରୁ ଉତ୍ତର ପ୍ରଦେଶରୁ ଏକ ବେଆଇନ ପିସ୍ତଲ କିଣାଯାଇଥିଲା। ହତ୍ୟା ପରେ ଦୁହେଁ ହରିଦ୍ୱାର ଦେଇ ନେପାଳ ଫେରାର ହୋଇଯାଇଥିଲେ। ଜୁନ୍ ୩୦ରେ ଭାରତ ଫେରିବା ପରେ କ୍ରାଇମ ବ୍ରାଞ୍ଚ ସେମାନଙ୍କୁ ଗିରଫ କରି ୫ ଦିନିଆ ପୁଲିସ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ଟିସିଏସ ଯୌନ ନିର୍ଯାତନା, ଧର୍ମାନ୍ତରୀକରଣ ମାମଲା
## ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ନାସିକ, ୬।୭(ଏଜେନ୍ସି): ନାସିକସ୍ଥିତ ଟାଟା କନସଲଟେନ୍ସି ସର୍ଭିସେସ (ଟିସିଏସ) ଶାଖାରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଏବଂ ଜବରଦସ୍ତ ଧର୍ମାନ୍ତରୀକରଣ ଉଦ୍ୟମ ଅଭିଯୋଗ ମାମଲାରେ ସ୍ଥାନୀୟ ଅଦାଲତ ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନାସିକ ରୋଡ୍ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କେଜି ଜୋଶୀ ମହିଳାଙ୍କ ଗର୍ଭାବସ୍ଥା ଆଧାରରେ ତାଙ୍କର ଜାମିନ ଆବେଦନ ମଞ୍ଜୁର କରିଥିବା ବେଳେ ଏହି ମାମଲାର ସହ-ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ଏହି ଘଟଣାରେ ଦେଓଲାଲି କ୍ୟାମ୍ପ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଏବଂ ଏସସି-ଏସଟି ଅତ୍ୟାଚାର ନିରୋଧୀ ଆଇନର ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ ହୋଇଛି। ନାସିକ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଏହି ଟିସିଏସ ୟୁନିଟ୍‌ରେ ମହିଳା କର୍ମଚାରୀଙ୍କ ଉପରେ ହୋଇଥିବା ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କିତ ପ୍ରାୟ ୯ଟି ମାମଲାର ଯାଞ୍ଚ କରୁଛି।



# ପ୍ରବଳ ବର୍ଷା: ମୁମ୍ବାଇରେ ରେଡ୍ ଆଲର୍ଟ

- ଟ୍ରେନ ଓ ବିମାନ ସେବା ପ୍ରଭାବିତ
- ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ 'ମିସିଂ ଲିଙ୍କ୍' ବନ୍ଦ
- ମହାବଳେଶ୍ୱରରେ ପୋଲ ଭୁଶୁଡ଼ିଲା

ମୁମ୍ବାଇ, ୬।୭(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି। ଆରବ ସାଗରରୁ ସୃଷ୍ଟି ହୋଇଥିବା ପ୍ରବଳ ମୌସୁମୀ ବାୟୁ ପ୍ରଭାବରେ ମୁମ୍ବାଇ ମହାନଗର ସମେତ ଥାଣେ, ପାଲଘର ଏବଂ ରାୟଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଜୋରଦାର ପବନ ବୋହିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହା ସହିତ ସମୁଦ୍ରରେ ବଡ଼ ଜୁଆର ଆସିବା କାରଣରୁ ତଳିଆ ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଅଧିକ ଗମ୍ଭୀର ହେବାର ସମ୍ଭାବନା ରହିଛି। ବିପର୍ଯ୍ୟସ୍ତ ପାଣିପାଗକୁ ଦୃଷ୍ଟିରେ ରଖି ମହାନଗର ନିଗମ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ପ୍ରଶାସନ ତରଫରୁ ଲୋକଙ୍କୁ ଅତି ଜରୁରୀ କାମ ନଥିଲେ ଘରୁ ବାହାରକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଲଗାତାର ବର୍ଷା ଯୋଗୁଁ ସହରର ବିଭିନ୍ନ ମୁଖ୍ୟ ରାସ୍ତା ବୁଡ଼ିଯାଇଛି, ସ୍ଥାନୀୟ ରେଳ ସେବା ବାଧାପ୍ରାପ୍ତ ହୋଇଛି ଏବଂ ଅନେକ ବିମାନ ଯାତ୍ରାରେ ବିଳମ୍ବ ଘଟିଛି। ଏହା ସହିତ ମୁମ୍ବାଇ-ପୁଣେ ରେଳପଥରେ ଭୂସ୍ଖଳନ ଘଟିବା ସହ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ନୂତନ ଭାବେ ଉଦ୍ଘାଟିତ 'ମିସିଂ ଲିଙ୍କ୍'ରେ ଭୂସ୍ଖଳନ ହେବା ଫଳରେ ପୁଣେରୁ ମୁମ୍ବାଇ ଯାଉଥିବା ରାସ୍ତାକୁ ସୋମବାର ସକାଳୁ ବନ୍ଦ କରି ଦିଆଯାଇଛି। ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ମାର୍ଗ ସୁରକ୍ଷା ପୁଲିସ ମିଳିତ ଭାବେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସକାଳ ୪ଟାରୁ ଗାଡ଼ିଗୁଡ଼ିକୁ ଅନ୍ୟ ପଥ ଦେଇ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରଣରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମରେ ଫସି ରହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ଏକ୍ସପ୍ରେସୱେର ଦ୍ୱିତୀୟ ସୁଡ଼ଙ୍ଗ ନିକଟରେ ମାଟି ଅତଡ଼ା ଖସିବା ସହ ଖଣ୍ଡାଲା ଘାଟି ଅଞ୍ଚଳରେ ପାଣି ଜମି ରହିବା ଯୋଗୁଁ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ରେଳ ସେବା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରାୟ ୧୬ଟି ଟ୍ରେନ ବାତିଲ କରାଯାଇଥିବା ବେଳେ ୯ଟି ଟ୍ରେନର ଗତିପଥ ବଦଳାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଏବଂ ପୁଣେ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମହାବଳେଶ୍ୱରରେ ବର୍ଷା ଯୋଗୁଁ ଏକ ପୋଲ ଭୁଶୁଡ଼ି ପଡ଼ିଛି, ଯେଉଁଥିପାଇଁ ସେଠାରେ ଅନେକ ପର୍ଯ୍ୟଟକ ଫସି ରହିଥିଲେ। ସେହିପରି ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ବିମାନ ବନ୍ଦରର ରନୱେ କାର୍ଯ୍ୟ ପ୍ରାୟ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା। ସହରର କେତେକ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୦ ରୁ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି।

# ଜଳୁଛି ପିଓକେ; ଭାରତର ସାହାଯ୍ୟ ଲୋଡ଼ିଲେ ନେତା

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପିଓକେରେ ପ୍ରଶାସନର ଦମନଲୀଳା ଓ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ପିଓକେର ଜନତା ଏବେ ପାକିସ୍ତାନ ବିରୋଧରେ ମେଳି ବାନ୍ଧିବା ସହ ଭାରତର ସହାୟତା ଲୋଡ଼ିଛନ୍ତି। ମିଳିତ ଆୱାମୀ ଆକ୍ସନ କମିଟିର ପ୍ରମୁଖ ନେତା ସର୍ଦ୍ଦାର ଅମାନ ଖାନ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜରିଆରେ ନୂଆଦିଲ୍ଲୀକୁ ମାନବୀୟ ସହାୟତା ଯୋଗାଇଦେବା ସହ ନିୟନ୍ତ୍ରଣ ରେଖା ବା ଏଲଓସି ସୀମାକୁ ଖୋଲିବା ପାଇଁ ନିବେଦନ କରିଛନ୍ତି। ପିଓକେରେ ଆନ୍ଦୋଳନକୁ ଦବାଇବା ପାଇଁ ପାକିସ୍ତାନୀ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ପାକିସ୍ତାନ ସରକାର ଏହି ଅଞ୍ଚଳରେ ଆର୍ଥିକ ଅବରୋଧ ଲଗାଇଥିବାରୁ ଏବେ ସେଠାରେ ଖାଦ୍ୟ ସାମଗ୍ରୀ, ଚାଉଳ ଏବଂ ଔଷଧର ଘୋର ଅଭାବ ଦେଖାଦେଇଛି। ରାୱାଲାକୋଟର ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ଅମାନ ଖାନ କହିଛନ୍ତି ଯେ ଯଦି ପାକିସ୍ତାନୀ ପ୍ରଶାସନ ଜନତାଙ୍କ ଦାବିକୁ ଗୁଳିରେ ଉଡ଼ାଇବାକୁ ଚେଷ୍ଟା କରିବ, ତେବେ ସେମାନଙ୍କ ପାଖରେ ଅନ୍ୟ ରାସ୍ତା ମଧ୍ୟ ରହିଛି। ସେ ସେଠାକାର



ନାଗରିକମାନଙ୍କୁ ଭାରତ ସୀମା ଆଡ଼କୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି। ତ ଜୁନ୍ ୫ ତାରିଖରେ ପାକିସ୍ତାନ ସରକାର ଏହି ଜନ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗଠନକୁ ଏକ ସନ୍ତ୍ରାସବାଦୀ ସଂଗଠନ ବୋଲି ଘୋଷଣା କରି ପ୍ରତିବନ୍ଧକ ଲଗାଇଥିଲେ। ଏହା ପରେ ସ୍ଥିତି ଆହୁରି ବିଗିଡ଼ିବାରେ ଲାଗିଛି।

## ୨ ଆସାମ ରାଇଫଲ୍ସ ଯବାନ ସହିଦ

ଇମ୍ଫାଲ, ୬।୭(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ସୋମବାର ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଗରିଲା ଆକ୍ରମଣରେ ଆସାମ ରାଇଫଲ୍ସର ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଅନ୍ୟ କେତେକ ଯବାନ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଯବାନମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ପୂର୍ବରୁ ଛପି ରହିଥିବା ଉଗ୍ରବାଦୀମାନେ ସେମାନଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିଥିଲେ। ମଣିପୁର ରାଜ୍ୟପାଳ ଏହି ବର୍ବରୋଚିତ ହିଂସାକାଣ୍ଡକୁ ତୀବ୍ର ନିନ୍ଦା କରିଛନ୍ତି।

# ପ୍ରବଳ ବର୍ଷାରେ ସୁଧୁରିଲା ନିଅଣ୍ଟିଆ ସ୍ଥିତି; ୪୫ରୁ ୨୮%କୁ ହ୍ରାସ

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଉଠିଛି। ବିଗତ କିଛି ସପ୍ତାହର ମନ୍ଥର ଗତି ପରେ ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ଜାରି ରହିଛି। ଏହା ଫଳରେ ଦେଶରେ ଦେଖାଦେଇଥିବା ଋତୁଭିତ୍ତିକ ନିଅଣ୍ଟିଆ ବର୍ଷାର ପରିମାଣରେ ବଡ଼ ହ୍ରାସ ଘଟିଛି। ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ଷାର ନିଅଣ୍ଟ ପରିମାଣ ୪୫ ପ୍ରତିଶତରୁ କମି ଏବେ ୨୮ ପ୍ରତିଶତରେ ପହଞ୍ଚିଛି, ଯାହା ଚାଷ କାର୍ଯ୍ୟ ପାଇଁ ଏକ ଶୁଭ ସଙ୍କେତ ଆଣିଦେଇଛି। କିଛି ଦିନର ଶୁଷ୍କ ପାଗ ପରେ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ




ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଭାରତରେ ଘନ ମେଘମାଳା ସୃଷ୍ଟି ହୋଇଛି। ଆରବ ସାଗର ଓ ବଙ୍ଗୋପସାଗରରୁ ଆସୁଥିବା ପ୍ରଚୁର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଯୋଗୁଁ ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ବ୍ୟାପକ ବର୍ଷା ରେକର୍ଡ କରାଯାଇଛି। ।ଦିଲ୍ଲୀ, ଉତ୍ତର ପ୍ରଦେଶ, ବିହାର, ଗୁଜରାଟ ଏବଂ ପଞ୍ଜାବ ପରି ରାଜ୍ୟରେ ଏବେ ମଧ୍ୟ ସ୍ୱାଭାବିକ ଠାରୁ ବହୁତ କମ୍ ବର୍ଷା ହୋଇଛି। ସବୁଠାରୁ ଚିନ୍ତାଜନକ ସ୍ଥିତି ପୂର୍ବୋତ୍ତର ଭାରତର ମେଘାଳୟ, ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ଦେଖାଦେଇଛି, ଯେଉଁଠାରେ ବର୍ଷାର ଅଭାବ ଅଧିକ ରହିଛି। ଅପରପକ୍ଷରେ ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଜମ୍ମୁ-କାଶ୍ମୀରରେ ସ୍ୱାଭାବିକ କିମ୍ବା ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି।

## ବାରୁଇପୁରରେ ଉତ୍ତେଜନା



# ନାବାଳିକାକୁ ଦୁଷ୍କର୍ମ କରି ନଦୀରେ ଫିଙ୍ଗିଦେଇଥିଲେ

- ଅଭିଯୁକ୍ତକୁ ଧରାଇଲା ସିସିସିଟିଭି ଫୁଟେଜ
- ବିଜେପି-ଟିଏମ୍‌ସି ମୁହାଁମୁହିଁ

କୋଲକାତା, ୬।୭(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରଠାରେ ଜଣେ ୧୧ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅପରପକ୍ଷରେ, ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ରବିବାର ଏକ ଉତ୍ତ୍ୟକ୍ତ ଜନତା ସମୂହ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ଦୋଷୀମାନଙ୍କୁ ଫାଶୀ ଦଣ୍ଡ ଦେବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହା ସହିତ ଘଟଣାକୁ ସାମ୍ପ୍ରଦାୟିକ ରୂପ ନ ଦେବାକୁ ସେ ବିରୋଧୀଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୀଡ଼ିତାଙ୍କ ପରିବାରକୁ ଭେଟିବେ। ମାମଲାରେ ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ



ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଶନିବାରରୁ ନିଖୋଜ ଥିବା ନାବାଳିକାର ମୃତଦେହ ରବିବାର ଏକ ପୋଖରୀରୁ ମିଳିଥିଲା। ଫଳର ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପୁଲିସ ଗାଡ଼ି ଜାଳିଦେବା ସହ ରେଳପଥ ଅବରୋଧ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାରୁଇପୁର ସମେତ ସୋନାରପୁର ଏବଂ ନରେନ୍ଦ୍ରପୁର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ପୁଲିସ ଏହି ଘଟଣାରେ ଜଣେ ବିଜେପି କର୍ମୀଙ୍କୁ ଗିରଫ କରିବା ସହିତ ପ୍ରଭାଷ ମଣ୍ଡଳ, ଦିବାକର ସର୍ଦ୍ଦାର ଏବଂ ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସରକାରଙ୍କୁ ଗିରଫ କରିଛି। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ସନ୍ଧାନ ମିଳିଥିବା ଜଣାପଡ଼ିଛି। ଏବେ ଏସ୍‌ଆଇଟି ଦଳ ପକ୍ସୋ ଆଇନରେ ମାମଲାର ଯାଞ୍ଚ କରୁଛି। ତୃଣମୂଳ କଂଗ୍ରେସ ଓ ସିପିଏମ୍ ଭଳି ବିରୋଧୀ ଦଳର ନେତାମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଘଟଣା ବଙ୍ଗଳା ରାଜନୀତିର ତାତିକୁ ହାୱା ଦେଇଛି। ବିରୋଧୀ ଏହି ଘଟଣାରୁ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଥିବା ବେଳେ ସରକାର ଅଭିଯୁକ୍ତଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହୋଇଛି।


ନବୀନ ସରକାରଙ୍କ ସମୟର '୫-ଟି' ସଚିବ ଭି.କେ ପାଣ୍ଡିଆନ ଭୂକମ୍ପ ପୀଡ଼ିତ ଭେନେଜୁଏଲାରେ ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସମ୍ପର୍କରେ ସେଠାକାର ରାଷ୍ଟ୍ରପତିଙ୍କ ସହ ଆଲୋଚନା କରୁଛନ୍ତି

### ପୁରୀ-କୋରାପୁଟ ଏକ୍ସପ୍ରେସର ଶୁଭାରମ୍ଭ

# ଶ୍ରୀକ୍ଷେତ୍ର ସହ ଯୋଡ଼ିହେଲା ଶାବର ଶ୍ରୀକ୍ଷେତ୍ର

ପୁରୀ,୬।୭(ସମିସ): ଶ୍ରୀକ୍ଷେତ୍ର ସହ ଯୋଡ଼ି ହୋଇଛି ଶାବର ଶ୍ରୀକ୍ଷେତ୍ର। ପୂର୍ବରୁ ଶାବର ଶ୍ରୀକ୍ଷେତ୍ର ବା କୋରାପୁଟକୁ ଭୁବନେଶ୍ୱରରୁ ଗୋଟିଏ ଟ୍ରେନ୍ ଚଳାଚଳ କରୁଥିଲା। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ସୋମବାର ପୁରୀରୁ କୋରାପୁଟ ଗଡ଼ିଛି ନୂଆ ଟ୍ରେନ୍। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସବୁଜ ପତାକା ଦେଖାଇ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୂଚନା ଦେଇ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ରେଳ ବିଭାଗ ଉପକୂଳ ଓଡ଼ିଶାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଟ୍ରେନ୍ ଚଳାଚଳ କରିବ। ଓଡ଼ିଶାର ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୯୭ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ ହୋଇଛି। ରାଜ୍ୟରେ ୫୦ଟି ଷ୍ଟେସନର ପୁନଃନିର୍ମାଣ ଓ ନବୀକରଣ କରାଯାଉଛି। ସେ ପୁରୀ ରେଳ ଷ୍ଟେସନ ସହ ନବୀକରଣ ଓ ପୁନଃନିର୍ମିତ ହେବାକୁ ଥିବା ରାଜ୍ୟର ପ୍ରମୁଖ ଷ୍ଟେସନଗୁଡ଼ିକର ଫଟୋଚିତ୍ର ଦେଖାଇଥିଲେ। ଓଡ଼ିଶାରେ ଅଧିକ ରେଳ ଲାଇନ୍ କରାଯାଉଛି। ଏହା ଫଳରେ ଓଡ଼ିଶାର ରେଳ



ମ୍ୟାପ୍ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେବ। ମୁଖ୍ୟମନ୍ତ୍ରୀ ଉତ୍ତର ଓଡ଼ିଶାକୁ ଯୋଗାଯୋଗ କରିବା ପାଇଁ ଏକ ଟ୍ରେନ୍ ଚଳାଚଳ କରିବା ଲାଗି ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ରେଳ ମନ୍ତ୍ରୀ ତୁରନ୍ତ ଏହି ପ୍ରସ୍ତାବ ଗ୍ରହଣ କରି ଉତ୍ତର ଓଡ଼ିଶାକୁ ମଧ୍ୟ ଖୁବ୍‌ଶୀଘ୍ର ରେଳ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ପୁରୀ-କୋରାପୁଟ ଏକ୍ସପ୍ରେସ ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଥିଲେ। ଏହି ନୂତନ ଟ୍ରେନ୍ ଶୁଭାରମ୍ଭ ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ, ବ୍ରହ୍ମଗିରି ଓ ପିପିଲି ବିଧାୟକଙ୍କ ସହ ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର, ଡିଭିଜନାଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ପୁରୀ-କୋରାପୁଟ ଏକ୍ସପ୍ରେସ୍ ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା ଓ ଦାମନଯୋଡ଼ି ଦେଇ କୋରାପୁଟକୁ ସଂଯୋଗ କରିବ। ଏହି ନୂତନ ରେଳ ସେବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ରୋଗୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆଶା କରାଯାଉଛି।

# ବର୍ଷା ଧରାଇଦେଲା ସାର ସଙ୍କଟ

### ପ୍ରଭାବିତ ହେବ ଖରିଫ୍ ଫସଲ

ଭୁବନେଶ୍ୱର,୬।୭(ସମିସ): ଓଡ଼ିଶାରେ ବର୍ଷକୁ ପ୍ରାୟ ୧୨ ଲକ୍ଷ ଟନ୍ ସାର ଆବଶ୍ୟକ। ପୂର୍ବ ବର୍ଷର ଗଚ୍ଛିତ ସାରକୁ ମିଶାଇ ଏବର୍ଷର ଖରିଫ୍ ପାଇଁ ସରକାର ସାର ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହା ସତ୍ତ୍ୱେ ଏବେ ସୁଦ୍ଧା ରାଜ୍ୟରେ ଆବଶ୍ୟକ ସାରର ଚାରି ଭାଗରୁ ଭାଗେ ମଧ୍ୟ ମହଜୁଦ୍ ନାହିଁ। ପୂର୍ବରୁ ଦୁର୍ବଳ ମୌସୁମୀ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଥିବା ବେଳେ ଏବେ ଲଘୁଚାପ ଜନିତ ବର୍ଷା ଆସିଥିବାରୁ ଚାଷ ଆରମ୍ଭ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। ଚାଷ ଆରମ୍ଭ କରିବାକୁ ଚାଷୀ ବ୍ୟାକୁଳ ଥିବା ବେଳେ ରାଜ୍ୟରେ ସାରଅଭାବ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ଚାଷର ପ୍ରାରମ୍ଭିକ କାର୍ଯ୍ୟରେ ଡିଏପି ଓ ଗ୍ରୋମର ସାରର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଏହି ସାର ଏବେ ସରକାର ଯୋଗାଇ ଦେଇ ପାରୁନାହାନ୍ତି। ବର୍ଷାକୁ ଆଧାର କରି ଚାଷୀ ଜମି ହଳ କରିବା ସହ ଧାନ ତଳି ପ୍ରସ୍ତୁତ କଲେଣି। ଏହି ସମୟରେ ତଳି ରୁଆ ଓ ବୁଣା କାର୍ଯ୍ୟପାଇଁ ସାରର ଜରୁରୀ ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟର ବିଭିନ୍ନ ବ୍ଲକସ୍ତରରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍ସ ପାଖରେ ଯଥେଷ୍ଟ ପରିମାଣର ସାର ମହଜୁଦ ନାହିଁ। ବହୁ ସ୍ଥାନରେ ସୋସାଇଟିରେ ତାଲା ପଡ଼ିଛି। ଏପରି ସ୍ଥଳେ ଚାଷୀ କ'ଣ କରିବେ ବୋଲି ବୁଝି ପାରୁନାହାନ୍ତି ।

ରାଜ୍ୟରେ ସାର ସଂକଟକୁ ନେଇ କୃଷକ ନେତା ଅମିୟ କୁମାର ପଟ୍ଟନାୟକ ବର୍ଷିଛନ୍ତି। ସେ କହିଛନ୍ତି, ଅଧିକ ଫସଲ ଅମଳ ପାଇଁ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ଠିକଣା ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ଯୋଗାଇଦେବାରେ ଏହି ସରକାର ସମ୍ପୂର୍ଣ୍ଣ ଅସମର୍ଥ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରାସାୟନିକ ସାର କମ୍ ବ୍ୟବହାର ହେଉଥିଲେ ମଧ୍ୟ ଅନେକ ସମୟରେ ଚାଷୀ ସାର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଚଳିତ ଖରିଫ୍ ପାଇଁ ସାରା ଦେଶରେ ୩୮୩ ଲକ୍ଷ ଟନ୍ ରାସାୟନିକ ସାରର ଆବଶ୍ୟକତା ରହିଥିବା ବେଳେ ଏବେ ମାତ୍ର ୧୯୦ଲକ୍ଷ ଟନ୍ ସାର ମହଜୁଦ୍ ଅଛି। ଓଡ଼ିଶାରେ ସାରର ଯଥେଷ୍ଟ ଅଭାବ ରହିଛି। ନବରଙ୍ଗପୁର ଜିଲ୍ଲାର ଚାଷୀମାନେ ଏବେ ରାଜ ରାସ୍ତାରେ। ଅନ୍ୟପଟେ ଏପରି ପରିସ୍ଥିତିକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ଦୃଢ଼ ମୁକାବିଲା କରିବା ପରିବର୍ତ୍ତେ ଜୈବିକ ସାରର କ୍ଷେତ୍ର ପ୍ରସ୍ତୁତ ନ କରି ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାର କରିବାକୁ ଚାଷୀଙ୍କୁ ପରାମର୍ଶ ଦେବା ହାସ୍ୟାସ୍ପଦ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଚଳିତ ଖରିଫ ଚାଷ ପାଇଁ କେନ୍ଦ୍ର କିପରି ଓଡ଼ିଶା ରାଜ୍ୟର ଚାହିଦା ମେଣ୍ଟାଇବାକୁ ଆବଶ୍ୟକ ପରିମାଣର ସାର ଚାଷୀଙ୍କୁ ନିର୍ଦ୍ଧାରିତ ସମୟରେ ଯୋଗାଇ ଦିଆଯାଇ ପାରିବ ସୁବ୍ୟବସ୍ଥା କରିବା ଜରୁରୀ। କିନ୍ତୁ ଏହି ଦିଗରେ ଦିଗରେ ସରକାରଙ୍କ ସେପରି ତତ୍ପରତା ପ୍ରକାଶ ପାଉନାହିଁ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଥିବା ଲ୍ୟାମ୍ପ୍ସ, ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କୁ ଆବଶ୍ୟକ ପରିମାଣର ସାର ପହଞ୍ଚାଇ ଏହାର ସୁସମ ବଣ୍ଟନ, କଳାବଜାରୀକୁ ଦୃଢ଼ହସ୍ତରେ ଦମନ, ପ୍ରତି ବ୍ଲକସ୍ତରରେ ମନିଟରିଂ ପାଇଁ ସ୍କ୍ୱାର୍ଡ ଗଠନ ଏବଂ ପରିବେଶ ପରିସ୍ଥିତି ଓ ମୌସୁମୀକୁ ଲକ୍ଷ୍ୟରଖି ସାର ବ୍ୟବହାର ପାଇଁ ଚାଷୀଙ୍କୁ ଉପଯୁକ୍ତ ବୈଷୟିକ ପରାମର୍ଶ ଦେବାକୁ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ରାଜ୍ୟରେ ଲାଗି ରହିଥିବା ସାର ସମସ୍ୟାର ଆଶୁ ସମାଧାନ କରାନଗଲେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ସେ ଚେତାବନୀ ଦେଇଛନ୍ତି।

# ୪୭୫ ସିସିଟିଭି ନଜରରେ ରହିବ ପୁରୀ ରଥଯାତ୍ରା

ପୁରୀ,୬।୭(ସମିସ): ଏଥର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ସୋମବାର ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ଉପରେ ପୁଲିସର ପ୍ରାଥମିକତା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀରେ ପ୍ରାୟ ୧୨ ହଜାର ପୁଲିସ କର୍ମଚାରୀ ମୁତୟନ ହେଉଥିବାବେଳେ ୪୭୫ ସିସିଟିଭି କ୍ୟାମେରା ନଜରରେ ରହିବ ରଥଯାତ୍ରା।

ଗତବର୍ଷ ବ୍ୟବସ୍ଥାରେ କିଛିଟା ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏଥିରେ ଆବଶ୍ୟକ ସୁଧାର ଅଣାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ବିଭାଗର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍

**ନିୟୋଜିତ ହେବେ ୧୨ ହଜାର ପୁଲିସ ଫୋର୍ସ**

ପରିଚାଳନା ଏବଂ ସୁରକ୍ଷିତ ରଥଟଣା ଉପରେ ପୁଲିସ ବିଶେଷ ଧ୍ୟାନ ଦେବ। ଚଳିତ ବର୍ଷର ସୁରକ୍ଷା ବ୍ୟବସ୍ଥାର ତଦାରଖ ସୌମେନ୍ଦ୍ର ପ୍ରିୟଦର୍ଶୀ କରୁଥିବାବେଳେ ସୁଚାରୁ ପରିଚାଳନା ପାଇଁ ଟେକ୍ନୋଲୋଜିର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର, ତିନି ରଥ, ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ରେଳ ଷ୍ଟେସନର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସମଗ୍ର ସହରକୁ ସିସିଟିଭି ନଜରରେ ରଖାଯିବ। ଏହି ବୃହତ୍ ଧାର୍ମିକ ସମାବେଶ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ, ୨୩ ଜଣ ଏସ୍‌ପି, ୪୯ ଆଡିସ୍‌ନାଲ ଏସ୍‌ପି, ୧୦୧ ଡିଏସ୍‌ପି, ୯୦୦ରୁ ଊର୍ଦ୍ଧ୍ୱ ଅଫିସର, ୧ ହଜାରରୁ ଅଧିକ କନଷ୍ଟେବଲ ନିୟୋଜିତ ହେବେ। ଭିଡ଼ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାରେ ସହାୟତା ପାଇଁ ପ୍ରାୟ ୨,୫୦୦ରୁ ଅଧିକ ହୋମ୍‌ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏତଦ୍‌ବ୍ୟତୀତ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍‌ଏଏଫ୍ ସମେତ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଆଇଏସ୍‌ଏଫ୍) ମୁତୟନ ହେବେ। ଏହାଛଡ଼ା ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ଓଏସ୍‌ପି), ଆଇଆର୍‌ବିଏନ୍ ଏବଂ ଟ୍ରାଫିକ୍ ଫୋର୍ସର ପ୍ରାୟ ୨୨୦ ପ୍ଲାଟୁନ୍ ପୁରୀରେ ସୁରକ୍ଷା ଦାୟିତ୍ୱ ତୁଲାଇବେ।

# କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀକୁ ଏନ୍‌କାଉଣ୍ଟର

ଚମ୍ପୁଆ,୬।୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ପତଳା ଜଙ୍ଗଲରେ ସୋମବାର ଭୋର ସମୟରେ ଚମ୍ପୁଆ ପୁଲିସ କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସ୍‌କୁ ଏନ୍‌କାଉଣ୍ଟର କରିଛି। ଏଥିରେ



ନାଫିସ୍‌ର ଡାହାଣ ଗୋଡ଼ର ଆଣ୍ଠୁରେ ଗୁଳି ବାଜି ସେ ଆହତ ହୋଇଛି। ପୁଲିସ ସୂଚନା ଅନୁସାରେ, ଏମ୍‌ଡି ନାଫିସ୍ ବିରୋଧରେ କେନ୍ଦୁଝର, ମୟୂରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରେ ୩୦ରୁ ଅଧିକ ଚୋରି ମାମଲା ରହିଛି। ଗତ ରବିବାର ତାକୁ ମୟୂରଭଞ୍ଜ ଜିଲ୍ଲାର ବହଳଦା ଅଞ୍ଚଳରୁ ଚମ୍ପୁଆ ପୁଲିସ ଗିରଫ କରିଥିଲା। ତଦନ୍ତ ସମୟରେ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ନାଫିସ୍‌କୁ ପତଳା ଜଙ୍ଗଲକୁ ନେଇଥିଲା। ସେଠାରେ ଲୁଚାଇ ରଖିଥିବା ସାମଗ୍ରୀ ଦେଖାଇବା ବେଳେ ସେ ହଠାତ୍ ଏକ ଦେଶୀ ପିସ୍ତଲରେ ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା। ଯେଉଁଥିରେ ନାଫିସ୍‌ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଆହତ ନାଫିସ୍‌କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ସେଠାରୁ ସୁନା ଓ ରୁପା ଅଳଙ୍କାର ସହ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ଚମ୍ପୁଆ ଥାନାରେ କେସ୍ ନଂ୨୫୭/୨୬ ରୁଜୁ କରାଯାଇଛି। ଅନ୍ୟପକ୍ଷରେ ନାଫିସ୍‌ର ଅନ୍ୟ ସହଯୋଗୀ ଏବଂ ତାହାର ଆନ୍ତଃରାଜ୍ୟ ଅପରାଧିକ ନେଟୱର୍କର ସନ୍ଧାନ ପାଇଁ ତଦନ୍ତକୁ ଅଧିକ ଜୋରଦାର କରାଯାଇଥିବା ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ଶୋଇଥିବା ବେଳେ ଦୁଇଜଣଙ୍କୁ ହତ୍ୟା


### କକାକୁ ଟାଙ୍ଗିଆରେ ହାଣିଦେଲା ପୁତୁରା



କିଶୋରନଗର,୬।୭(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅଞ୍ଚଳରେ ସୋମବାର ଭୋର୍ ୫ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଶୋଇଥିବା ଅବସ୍ଥାରେ କକାଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛି ପୁତୁରା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ କଲଚିକଟା ଗ୍ରାମର କାଶୀନାଥ ନାୟକ ଭୋର୍ ୫ଟାରେ ନିଜ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ପୁତୁରା ଧେରେନ ନାୟକ ଏକ ଟାଙ୍ଗିଆରେ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ କାଶୀନାଥଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ତୁରନ୍ତ ପହଞ୍ଚି ମୃତଦେହ ଜବତ କରିଛି। ଥାନା ଏସ୍‌ଆଇ ମନୋଜ କୁମାର ବେହେରା ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତ ପୁତୁରା ଧେରେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ହାଣିଦେଲେ ଦୁର୍ବୃତ୍ତ; ଖଟିଆରେ ଡାକ୍ତରଖାନା ଗଲା ଶବ

ଆନନ୍ଦପୁର, ୬।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ପଇତାପାଣି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ ଗ୍ରାମର ବିଭୀଷଣ ହୋ'ଙ୍କୁ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଲା, ଗାଁକୁ ଯୋଗାଯୋଗ ପାଇଁ ଭଲ ରାସ୍ତା ନ ଥିବାରୁ ମୃତଦେହକୁ ଖଟିଆରେ ବୋହି ଆଣିବାକୁ ପଡ଼ିଥିଲା। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ସୂଚନା ଅନୁଯାୟୀ ପଇତାପାଣି ଗ୍ରାମର ଶୁକ ହୋ'ଙ୍କ ପୁଅ ବିଭୀଷଣ ହୋ' (୫୩) ରାତିରେ ନିଜ ପୁତୁରା ଘନ ହୋ'ଙ୍କ ଘର ବାରଣ୍ଡାରେ ଶୋଇଥିଲେ। ରାତିରେ କେହି ଦୁର୍ବୃତ୍ତ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀ ଜଣକ ଧାରୁଆ ଅସ୍ତ୍ର ଦ୍ୱାରା ବିଭୀଷଣଙ୍କ ମୁଣ୍ଡ, ଛାତି ଏବଂ ଶରୀର ବିଭିନ୍ନ ସ୍ଥାନରେ ଏକାଧିକ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରଦିନ ସକାଳେ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖି ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଇତାପାଣି ଗ୍ରାମଟି କେନ୍ଦୁଝର ଜିଲ୍ଲା ଶେଷ ସୀମାରେ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ଗାଁକୁ ଯିବାକୁ ହେଲେ ପ୍ରାୟ ୨ କି.ମି ପାଦରେ ଚାଲିବାକୁ ପଡେ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇ ନ ପାରିବାରୁ ଗ୍ରାମବାସୀ ମିଳିତ ଭାବେ ଖଟିଆରେ ମୃତଦେହକୁ ବୋହି ଆଣିଥିଲେ। ପରେ ମୁଖ୍ୟ ରାସ୍ତାରୁ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।



ଖବର ପାଇ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଏବଂ ଆନନ୍ଦପୁର ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ବିଭୀଷଣଙ୍କ ନାଁରେ ପୂର୍ବରୁ ଏକ ହତ୍ୟା ମାମଲା ରହିଛି। ୨୦୨୦ ମସିହାରେ ସେ ଜଣଙ୍କୁ ତୀର ମାରି ହତ୍ୟା କରିଥିଲେ। ଏହି ମାମଲାରେ ସେ ୨୦୨୩ ମସିହାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲେ। ପରେ ସେ ଜାମିନରେ ମୁକ୍ତ ହୋଇ ଘରକୁ ଫେରିଥିଲେ। ପୁଲିସ ଏହି ପୂର୍ବ ଶତ୍ରୁତାକୁ ମଧ୍ୟ ତଦନ୍ତର ପରିସର ଭିତରକୁ ଆଣିଛି। ପୁଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି।

# କଙ୍ଗାରୁ କୋର୍ଟରେ ଗଲା ଯୁବକଙ୍କ ଜୀବନ

### ସାଂସ୍କୃତିକ ମଣ୍ଡପରେ ପିଟିଲେ, ନଦୀରେ ଫିଙ୍ଗିଲେ

ନୟାଗଡ଼,୬।୭(ସମିସ): ନୟାଗଡ଼ ସଦରଥାନା ଡାଳିମ୍ବମଡ଼ା ଗାଁରେ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ହତ୍ୟା ପରେ ମୃତଦେହକୁ ନିକଟସ୍ଥ ଡାହୁକା ନଦୀରେ ଫିଙ୍ଗି ଦିଆଯାଇଛି। ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋଜାଖୋଜି ପରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଡାଳିମ୍ବମଡ଼ା ଗାଁର ଚିରଞ୍ଜୀବ ସାହୁଙ୍କ ପୁଅ ଅଭିମନ୍ୟୁ ସାହୁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

- ହାତଗୋଡ଼ ବାନ୍ଧି ଉଠାଇ ଆଣିଲେ
- ନଳକୂପ ଚାବିରେ ପିଟିପିଟି ହତ୍ୟା
- ଗାଁ ପୁରୁଷଶୂନ୍ୟ, ଏକାଧିକଙ୍କୁ ଜେରା

ଡାଳିମ୍ବମଡ଼ା ଗାଁ କଙ୍ଗାରୁକୋର୍ଟ ନିଷ୍ପତ୍ତି ଅନୁସାରେ, ଅଭିମନ୍ୟୁଙ୍କ ପରିବାରକୁ ଦୀର୍ଘଦିନ ଧରି ବାସନ୍ଦ କରାଯାଇଥିଲା। ଏହାକୁ ନେଇ ଅଭିମନ୍ୟୁ ନିଶା ସେବନ ସମୟରେ ଗାଁର ମୁଷ୍ଟିମେୟ ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ଏଥିରେ ଉତ୍‌କ୍ଷିପ୍ତ ଥିବା କିଛି ଲୋକ ରବିବାର ସନ୍ଧ୍ୟାରେ ଅଭିମନ୍ୟୁ ଗାଁ ଛକକୁ ଔଷଧ କିଣିବାକୁ ଯାଇଥିବା ବେଳେ ତାଙ୍କ ହାତଗୋଡ଼ ବାନ୍ଧି ବାଇକରେ ଉଠାଇ ଆଣି ନୂଆସାହି ସାଂସ୍କୃତିକ ମଣ୍ଡପ ଘରକୁ ନେଇ ସେଠାରେ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଅଭିମନ୍ୟୁଙ୍କ ମୃତ୍ୟୁ ପରେ ନିକଟସ୍ଥ ଡାହୁକା ନଦୀରେ ମୃତଦେହ ଫିଙ୍ଗି ଦେଇଥିଲେ। ଖବରପାଇ ଅଭିମନ୍ୟୁଙ୍କ ବାପା ରାତିରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ରାତିସାରା ଖୋଜାଖୋଜି କରିଥିଲେ ମଧ୍ୟ ଅଭିଯୁକ୍ତ କିମ୍ବା ଅଭିମନ୍ୟୁଙ୍କ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିଲା। ସୋମବାର ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଭାରପ୍ରାପ୍ତ ଏସଡିପିଓ ସୁଦୀପ୍ତ ସାହୁ, ସଦର ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ ସ୍କ୍ୱାଡ୍ ଦ୍ୱାରା



ଛାନଭିନ୍ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ସାଂସ୍କୃତିକ ମଣ୍ଡପ ଘର କାନ୍ଥରେ ରକ୍ତଛିଟା ଦେଖିବାକୁ ମିଳିଥିଲା। ସେଠାରେ ଥିବା ନଳକୂପ ଚାବିରେ ରକ୍ତ ଲାଗିଥିବାରୁ ସେଥିରେ ଆକ୍ରମଣ କରାଯାଇଥିବା ପୁଲିସ ସନ୍ଦେହ କରିଛି। ହତ୍ୟା ନେଇ ସ୍ପଷ୍ଟତା ମିଳିବା ପରେ ପୁଲିସ ନୂଆଗାଁ ଅଗ୍ନିଶମ ବିଭାଗର ସହାୟତା ନେଇଥିଲା। ଅଗ୍ନିଶମ କର୍ମଚାରୀ ଡାହୁକା ନଦୀରେ ଖୋଜୋଖୋଜି କରିବା ପରେ ଘଟଣାସ୍ଥଳରୁ ୩ ଶହ ମିଟର ଦୂର ଏକ ବାଲି କୁଦରେ ମୃତଦେହ ଲାଗିଥିବା ଦେଖାଯାଇଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ପୁଲିସ ଗାଁର ଏକାଧିକ ଲୋକଙ୍କୁ ଉଠାଇ ଆଣି ପଚରାଉଚରା ଚଳାଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ୪୮ ଘଣ୍ଟା ଧରି ଅତ୍ୟଧିକ ସକ୍ରିୟ ହେଲା ମୌସୁମୀ

# ଫୁଲୁଛି ମହାନଦୀ; ୯ରେ ଖୋଲିବ ହୀରାକୁଦ ଗେଟ୍

ଭୁବନେଶ୍ୱର/ସମ୍ବଲପୁର, ୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଝାଡ଼ଖଣ୍ଡ ମୁହାଁ ହୋଇଛି । ଯଦିଓ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଛି, ମାତ୍ର ଏହି ଲଘୁଚାପ ପ୍ରଭାବରେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆଜି ମଧ ଭାରି ବର୍ଷା ରେକର୍ଡ ହୋଇଛି ।

ଉପର ମୁଣ୍ଡରେ ବର୍ଷା ଯୋଗୁଁ କ୍ରମାଗତ ଭାବେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତା ୯ ତାରିଖରେ ହୀରାକୁଦ ଜଳଭଣ୍ଡାର ଗେଟ୍ ଖୋଲାଯିବ । ଏ ନେଇ ହୀରାକୁଦ ନଦୀବନ୍ଧ ତଳ ମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି । ୯ ତାରିଖ ସକାଳ ୧୧ଟାରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ ବୋଲି କୁହାଯାଇଛି । ତେବେ ସେମବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୦୪.୧୨ ଫୁଟ ରହିଛି । ପ୍ରତି ସେକେଣ୍ଡରେ ୮୯,୩୫୯ ଘନଫୁଟ ଜଳ ପ୍ରବେଶ କରୁଛି । ୨୨,୨୬୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ଏଥିଯୋଗୁଁ ମହାନଦୀ ଓ ତାର ଶାଖା ନଦୀ ଗୁଡିକର ଜଳସ୍ତର ବୃଦ୍ଧି ପାଇବ । ତେଣୁ ନଦୀ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଲୋକଙ୍କୁ ସତର୍କ କରାଇଛନ୍ତି ।

ସୋମବାର ସନ୍ଧ୍ୟା ୫ ଟା ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ୫୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବରଗଡ଼ରେ ୫୨, ସମ୍ବଲପୁର ୪୪, ସୁନ୍ଦରଗଡ଼ ୪୦ ଓ ନୂଆପଡ଼ାରେ ୩୪ ମିମି ବର୍ଷା ରେକର୍ଡ ହୋଇଛି । ବର୍ତ୍ତମାନ ଏହି ଅବପାତ ଦକ୍ଷିଣ ଝାଡ଼ଖଣ୍ଡ ପାଶ୍ୱର୍ବର୍ତ୍ତୀ ଉତ୍ତର-ଆଭ୍ୟନ୍ତରୀଣ ଓଡିଶା ଉପରେ ସକ୍ରିୟ ରହିଛି । ଘଣ୍ଟା ପ୍ରତି ୨୫ କିମି ବେଗରେ ଏହା ଗତି କରୁଥିବା ବେଳେ ଆଗାମୀ ୨୪ ଘଣ୍ଟାରେ ଏହି ଉତ୍ତରପଶ୍ଚିମ ଦିଗରେ ଝାଡ଼ଖଣ୍ଡ, ଉତ୍ତର ଛାତିଶଗଡ ପାଶ୍ୱର୍ବର୍ତ୍ତୀ ପୂର୍ବ ମଧ୍ୟପ୍ରଦେଶ ଦେଇ ଗତିକରିବା ସମ୍ଭାବନା ରହିଛି । ଏହି ଅବପାତ ପ୍ରଭାବରେ ସୋନପୁରରେ ସର୍ବାଧିକ ୩୨୮.୪ ମିମି ବର୍ଷା ହୋଇଥିବା ବେଳେ ହୀରାକୁଦରେ ୨୦୦.୨ ମିମି, ସମ୍ବଲପୁର ରେ ୧୯୩.୪ମିମି ରେକର୍ଡ କରାଯାଇଛି ।

ଅନ୍ୟପଟେ ରାଜ୍ୟରେ ଗତ ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ ରହିବା ଯୋଗୁଁ ଦୈନିକ ହାରାହାରି ବର୍ଷାଠାରୁ ୪ଗୁଣା କିମ୍ବା ଏହାଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି । ଏଥିପାଇଁ ଜୁନ୍ ମାସର ୪୭ ପ୍ରତିଶତ ନିଅଣ୍ଟିଆ ଭରଣ ସହ, ୧ଜୁନରୁ ୬ ଜୁଲାଇ ସୁଦ୍ଧା ରାଜ୍ୟରେ ୩୨୩.୪ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୨୬୫.୮ମିମି ତୁଳନାରେ ୨୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି । ଏହି ବର୍ଷା ଯୋଗୁଁ ଏବେ ରାଜ୍ୟର ବିଭିନ୍ନ ନଦୀ ମଧ ଫୁଲିଛି । ବିଶେଷ କରି ବୈତରଣୀ ସମେତ ମହାନଦୀରେ ଜଳସ୍ତର ବୃଦ୍ଧି ହୋଇଛି । ଏମିତି କି ବୈତରଣୀରେ ଏକ ଛୋଟ ଧରଣର ବନ୍ୟା ଆସିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି । ସେ କହିଛନ୍ତି ଯେ ବୈତରଣୀ ଜଳସ୍ତର ବଢୁଥିବାରୁ ଛୋଟ ବନ୍ୟା ଆଶଙ୍କା ରହିଛି । ଏଥିରେ ଯାଜପୁର ଜିଲ୍ଲାର ତଳିଆ ଅଞ୍ଚଳ ପ୍ରଭାବିତ ହୋଇପାରେ । ସେହିପରି ଆଖୁଆପଦାରେ ଅପରାହ୍ନ ୪ ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ଟପିବାର ଆଶଙ୍କା ରହିଛି । ଏଥିପାଇଁ ବିଭିନ୍ନ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ରହିବାକୁ କୁହାଯାଇଛି । ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ସରକାର କହିଥିବା ବେଳେ ଭଦ୍ରକର ମଧ କିଛି ତଳିଆ ଅଞ୍ଚଳର ପ୍ରଭାବିତ ହେବା ଆଶଙ୍କା ରହିଛି ।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳ ନିଷ୍କାସନ ଅବ୍ୟବସ୍ଥାର ଅଭିନବ ପ୍ରତିବାଦ

# ଟ୍ୟୁବ୍‌ରେ ପହଁରିଲେ ଛାତ୍ର କଂଗ୍ରେସ ସଭାପତି

ବରଗଡ଼, ୬।୭ (ସମିସ): ବରଗଡ଼ ଜିଲ୍ଲାପାଳଙ୍କ ଅଫିସ ଆଗରେ ସୋମବାର ଅଭିନବ ଢଙ୍ଗରେ ପ୍ରତିବାଦ କରିଛି ଛାତ୍ର କଂଗ୍ରେସ । ଜିଲ୍ଲାରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ଲଗାଣ ବର୍ଷା ପରେ ବିଭିନ୍ନ ସ୍ଥାନ ଓ ଅଫିସ ପରିସର ଜଳମଗ୍ନ ହୋଇ ରହିଛି । ଜିଲ୍ଲାପାଳଙ୍କ ଅଫିସ ଆଗରେ ଜମିଥିବା ଅଣ୍ଟାଏ ପାଣିରେ ଟ୍ୟୁବ୍ ପକାଇ ପହଁରିଥିଲେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଗୌରବ ପତି (ଆଜାଦ୍) ।

ସହରରେ ଡ୍ରେନେଜ ବ୍ୟବସ୍ଥା ଫେଲ୍ ମାରିଥିବା ବେଳେ ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏତେ ପାଣି ଜମିଛି ଯେ ଆରମ୍ଭରେ ପହଁରି ହେଉଛି । ଜନସାଧାରଣ ଏବଂ ଅଫିସ ଷ୍ଟାଫ ଯିବାଆସିବା ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି । ଲୋକଙ୍କ ସମସ୍ୟା ଜଣାଇବାକୁ ଯାଇ ଛାତ୍ର କଂଗ୍ରେସ ସଭାପତି ଆଜାଦ୍ ଏକ ଟିଉରେ ପମ୍ପ ଦେଇ ନେଇ ଜମିଥିବା ପାଣିରେ ପକାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ସରକାର ଓ ପ୍ରଶାସନକୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିବା ସହ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଥିଲେ ।



## ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ୧୫ ଜୁଆଙ୍ଗ

# ନବୀନ ଗଠନ କଲେ କମିଟି

ଭୁବନେଶ୍ୱର, ୬।୭ (ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ୧୫ ଜଣ କାମ ଆଶାରେ ତାମିଲନାଡୁ ଯାଇଥିଲେ । ତାମିଲନାଡୁର ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ (ଚିଙ୍ଗୁଡି) କମ୍ପାନୀରେ ଆମୋନିଆ ଗ୍ୟାସ ଲିକ୍ ହେବା ଯୋଗୁଁ ସେମାନଙ୍କ ଅକାଳ ମୃତ୍ୟୁ ହୋଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର ଗସ୍ତ କରି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟିବ । ଏନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

ଦଳ ପକ୍ଷରୁ କୁହାଯାଇଛି ଯେ ଉପରୋକ୍ତ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ହୃଦୟ ବିଦାରକ । ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ୧୫ ଜଣ କାର୍ଯ୍ୟ ଅନ୍ୱେଷଣରେ ରାଜ୍ୟ ଛାଡ଼ି ପଳାଇବା ଓ ଅକାଳରେ ମୃତ୍ୟୁବରଣ କରିବାକୁ ନେଇ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଉକ୍ତ ଘଟଣାରେ କେଉଁ ବିଭାଗର ଅଧିକାରୀ ମାନେ ଦାୟୀ,

**ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣା ମୃତକଙ୍କ ପରିବାରକୁ ଭେଟିବ ବିଜେଡିର ପ୍ରତିନିଧିମଣ୍ଡଳୀ**

ସରକାରଙ୍କ ବିଫଳତା ଓ ପରବର୍ତ୍ତୀ ସମୟରେ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ, ତାହାର ଅନୁଧ୍ୟାନ ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଉକ୍ତ କମିଟିର ସଦସ୍ୟ ଭାବେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, କେନ୍ଦୁଝର ବିଧାୟିକା ପ୍ରାର୍ଥୀ ମୀନା ମାଝୀ, କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ କେନ୍ଦୁଝର ଜିଲ୍ଲା ଗସ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବିଜୁ ଜନତା ଦଳର ସଭାପତି ଶ୍ରୀନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିବେ ।

## ଅଚାନକ ମାଡ଼ି ଆସିଲା ବନ୍ୟାପାଣି

# ଗଛ ଉପରେ ରାତି କାଟିଲେ ୧୪ ଶ୍ରମିକ





ନୂଆପଡ଼ା/ସିନାପାଲି, ୬।୭ (ସମିସ): ମୁହୂର୍ତ୍ତକେ ପାଣି ମାଡ଼ି ଆସିଲା । ଜୀବନ ବଞ୍ଚାଇବାକୁ ଭରସା ହେଲା ଗୋଟିଏ ଗଛ । ସେହିଠାରେ ହିଁ ରାତି କଟିଲା ୧୪ ଶ୍ରମିକଙ୍କର । ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଓଡ଼ିଶା-ଛତିଶଗଡ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଛୁରା ଥାନା ଅନ୍ତର୍ଗତ ବିଜୟପାଲ ଗାଁ ନିକଟରେ ।

ସୂଚନା ଅନୁଯାୟୀ, ଓଡ଼ିଶା-ଛତିଶଗଡ଼ ସୀମାନ୍ତ ବିଜୟପାଲ ଗାଁ ନିକଟ ବଗନଇ ନଦୀ ଉପରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିଲା । ଗରିଆବନ୍ଧ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହଠାତ୍ ବଗନଇ ନଦୀରେ ବନ୍ୟା ପାଣି ଚାଲି ଆସିଥିଲା । ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ନଦୀ କୂଳରେ ରହୁଥିବା ୧୪ ଜଣ ଶ୍ରମିକଙ୍କ ଅସ୍ଥାୟୀ କୁଡ଼ିଆ ମୁହୂର୍ତ୍ତକ ମଧ୍ୟରେ ଭାସିଗଲା । ପ୍ରାଣ ଭୟରେ ଶ୍ରମିକମାନେ ନିକଟସ୍ଥ ଏକ ଉଚ୍ଚ ଗଛରେ ଚଢ଼ିଯାଇ ରାତି କଟାଇଥିଲେ । ଖାଦ୍ୟ, ପାଣି ବିନା ଅନ୍ଧାର ରାତି ସେମାନଙ୍କ ପାଇଁ ଭୟଙ୍କର ଥିଲା ।

ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଗରିଆବନ୍ଧ ଜିଲ୍ଲାପାଳ ଭଗବାନ ସିଂହ ଉଇକେ ଓ ଏସ୍‌ପି ଦେବ୍ରତ ସିରମୋର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗରିଆବନ୍ଧ ଓ ମହାସମୁନ୍ଦ ଜିଲ୍ଲାର ଏସ୍‌ଡିଆର୍‌ଏଫ୍ ଟିମକୁ ଡକାଯାଇଥିଲା । ଯବାନମାନେ ଉଦ୍ଧାରକାରୀ ନୌକା ସହାୟତାରେ ଗଛ ଉପରେ ଅଟକି ରହିଥିବା ସମସ୍ତ ୧୪ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ସମସ୍ତ ୧୪ ଜଣ ଶ୍ରମିକ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି ବୋଲି ଗରିଆବନ୍ଧ ଅତିରିକ୍ତ ପୁଲିସ ଅଧୀକ୍ଷକ ଲିଟେଶ ସିଂହ ସ୍ପଷ୍ଟ କରିଛନ୍ତି । ଉଦ୍ଧାର ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଓ ଖାଦ୍ୟ ଯୋଗାଇ ଦିଆଯାଇଛି । ଘଟଣା ପରେ ପ୍ରଶାସନ ପକ୍ଷରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିଯୋଜିତ ଶ୍ରମିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ୪୯୪ଟି ସହରାଞ୍ଚଳ ବିକାଶ ପ୍ରକଳ୍ପର ଶୁଭାରମ୍ଭ

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାଁରେ ଓଡ଼ିଶାର ୭ଟି ପାର୍କ ଓ ରାସ୍ତା ଉତ୍ସର୍ଗୀକୃତ

ପୁରୀ, ୬।୭ (ସମିସ): ଓଡ଼ିଶାର ସହରଗୁଡ଼ିକରେ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କ ଜୀବନଧାରଣର ମାନରେ ସୁଧାର ଆଣିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'(ଏମ୍‌ଏସ୍‌ବିୱାଇ) ଅଧୀନରେ ୩୭ଟି ପୌରାଞ୍ଚଳରେ ୪୯୪ଟି ନଗର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପୁରୀ ଜିଲ୍ଲା ଓସ୍ୱାନ ହଲ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି ।

ଏହି ଅବସରରେ, ଦେଶ ଗଠନରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଓ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟର ୭ଟି ପାର୍କ ଏବଂ ରାସ୍ତାକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଛି । ମନ୍ତ୍ରୀଙ୍କ ଦ୍ୱାରା ଏହି ୪୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହିତ ସେହି ୭ଟି ପାର୍କ ଏବଂ ରାସ୍ତାର ନାମକରଣ କରାଯାଇଥିଲା । ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବେହେରା ସାହି ରାସ୍ତାର ଉନ୍ନତୀକରଣ, ବାରିପଦାର ଫରେଷ୍ଟ କଲୋନୀ ପାର୍କ, କଟକର ଟାଉନ୍ ହଲ୍ ନିକଟସ୍ଥ ପାର୍କ, ବ୍ରହ୍ମପୁର ନୀଳକଣ୍ଠ ନଗରର ପ୍ରେମ ନଗରରୁ ମାଙ୍ଗୋ ମାର୍କେଟ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ରାଉରକେଲାର ସିଭିଲ୍ ଟାଉନ୍‌ସିପ୍ ପାର୍କ, ଢେଙ୍କାନାଳ ବସ୍‌ଷ୍ଟାଣ୍ଡରୁ କୋର୍ଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଏବଂ ଜଟଣୀର ସରସ୍ୱତୀ ଶିଶୁମନ୍ଦିରରୁ ଶ୍ରୀହରି ବିହାର ପର୍ଯ୍ୟନ୍ତ ରାସ୍ତା ସାମିଲ୍ ରହିଛି ।

ଏହି ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଡ. ମହାପାତ୍ର ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସହରାଞ୍ଚଳର ନାଗରିକମାନଙ୍କ ପାଖରେ ଉନ୍ନତ ଭିତ୍ତିଭୂମି ଓ ନାଗରିକ ସୁବିଧାସୁଯୋଗ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ସ୍ଥାନୀୟ ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବା ଏବଂ ସହରାଞ୍ଚଳରେ ଉନ୍ନତ ଜନସାଧାରଣଙ୍କ ସୁବିଧା ସୁଯୋଗ ସୃଷ୍ଟି କରିବାରେ ଏମ୍‌ଏସ୍‌ବିୱାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ନାଗରିକଙ୍କ ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓଡ଼ିଶାର ସହରଗୁଡ଼ିକୁ ଅଧିକ ବାସୋପଯୋଗୀ, ସମାବେଶୀ ଏବଂ ସ୍ଥାୟୀ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଏଥିସହ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପୌରସଂସ୍ଥାଗୁଡ଼ିକୁ ପ୍ରସ୍ତୁତ ରହିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଓ ବିଭିନ୍ନ ପୌରସଂସ୍ଥାର ଅଧ୍ୟକ୍ଷ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବିକାଶର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର କୁମାର ସାହୁ ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ଏବଂ ପ୍ରଗତି ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ । ଏହି ଅବସରରେ ବିଭିନ୍ନ ପୌରାଞ୍ଚଳରୁ ଆସିଥିବା ପ୍ରତିନିଧିମାନଙ୍କ ସହ ଆଲୋଚନା ମଧ କରାଯାଇଥିଲା । ୩୭ଟି ପୌରାଞ୍ଚଳରେ ୪୯୪ଟି ପ୍ରକଳ୍ପର ଶୁଭାରମ୍ଭ ସହରାଞ୍ଚଳ ଭିତ୍ତିଭୂମିକୁ ମଜଭୁତ କରିବା ଏବଂ ନାଗରିକମାନଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶାରେ ଗୁଣାତ୍ମକ ସାର୍ବଜନୀନ ଭିତ୍ତିଭୂମିର ବିକାଶ ଏବଂ ସମୃଦ୍ଧ, ସମାବେଶୀ ତଥା ଜନକଲ୍ୟାଣକାରୀ ସହରାଞ୍ଚଳ ସୃଷ୍ଟି କରିବା ଉପରେ ଲଗାତାର ଧ୍ୟାନ କେନ୍ଦ୍ରୀଭୂତ କରୁଛି । କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା ଯୋଗଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯୋଜନାର ରୂପରେଖ ଓ ସହରାଞ୍ଚଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ । ପୁରୀରେ ୨ ହଜାର ସଂଖ୍ୟା ବିଶିଷ୍ଟ ଏକ ବହୁମୁଖୀ ଅଡିଟୋରିୟମ୍ କରାଯିବା ସହ ଅଠରନଳାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦେଇଥିଲେ । ଶେଷରେ ପୁରୀ ପୌରପାଳିକାର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


## ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିଲା ୪-ଜି ମୋବାଇଲ ହ୍ୟାଣ୍ଡସେଟ୍

# କାମ କରୁନି ପୋଷଣ ଟ୍ରାକର୍

## ୬ ମୌଳିକ ସମସ୍ୟାକୁ ନେଇ ମୟୂରଭଞ୍ଜ ସଂଘରେ ଅସନ୍ତୋଷର ଦାନା

ବାରିପଦା, ୬।୭ (ସମିସ): ଶିଶୁ ଓ ମାଆ ମୃତ୍ୟୁହାର ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କୁ ଦିଆଯାଇଥିବା ମୋବାଇଲ ହ୍ୟାଣ୍ଡସେଟ ସମସ୍ୟା ମୟୂରଭଞ୍ଜ ଜିଲ୍ଲା ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ଅସନ୍ତୋଷ ନିଆଁରେ ଘିଅ ଢାଳିବା ଭଳି ହୋଇଛି । ସୋମବାର ସଂଘର ଶତାଧିକ ସଦସ୍ୟା ୬ ଦଫା ଦାବି ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ଦେଇ ଦାବି ଉପସ୍ଥାପନ କରିଛନ୍ତି । ଜିଲ୍ଲାର ୨୬ଟି ବ୍ଲକ୍‌ରେ ୫୧୫୩ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି । ସମସ୍ତ କର୍ମୀଙ୍କୁ ସରକାର ପୋଷଣ ଟ୍ରାକର୍ ମୋବାଇଲ୍ ହ୍ୟାଣ୍ଡସେଟ ପ୍ରଦାନ କରିଛନ୍ତି । ତେବେ ସେଗୁଡିକ ୪-ଜି ମୋବାଇଲ ହୋଇଥିବାରୁ ଆବଶ୍ୟକ କାର୍ଯ୍ୟ ଉକ୍ତ ହ୍ୟାଣ୍ଡସେଟ ଦ୍ୱାରା ସମ୍ପାଦିତ ହେଉନାହିଁ । ସେହିପରି ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ମୋବାଇଲ୍ ବ୍ୟକ୍ତିଗତ ବ୍ୟବହାର ନିଷିଦ୍ଧ ହୋଇଥିବା ସତ୍ତ୍ୱେ ସରକାରୀ ସିମ୍ କାର୍ଡ ଓ ନେଟ୍ ପ୍ୟାକ୍ ପ୍ରଦାନ କରାଯାଇନାହିଁ । ଅପରପକ୍ଷରେ ମୋବାଇଲ ଭାଙ୍ଗିଗଲେ ବା ଖରାପ ହେଲେ କର୍ମୀ ଦାୟୀ ବୋଲି ଏକ ସ୍ୱୀକାରୋକ୍ତି ଅଣ୍ଡରଟେକିଂ ଲେଖା ନିଆଯାଉଥିବାରୁ ବ୍ୟବହାର ଓ ମରାମତି ବ୍ୟବସ୍ଥା ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ କର୍ମୀ ନିଜ ବ୍ୟକ୍ତିଗତ ମୋବାଇଲ୍ ବ୍ୟବହାର କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନେଇଛନ୍ତି ।

ତତ୍‌ସହିତ ଦୀର୍ଘଦିନ ଧରି ତାଙ୍କର ଅନ୍ୟ ୫ଟି ମୌଳିକ ଦାବି ନେଇ କୁହୁଳୁଥିବା



ଅସନ୍ତୋଷରେ ଏହି ମୋବାଇଲ ପ୍ରସଙ୍ଗ ଇନ୍ଧନ ଯୋଗାଇଛି । ୨୦୨୨ରୁ ୨୦୨୫ ମଧ୍ୟରେ ବିଭିନ୍ନ ବ୍ଲକ୍‌ରେ ଅନେକ କର୍ମୀଙ୍କ ଦରମା ଖାତାକୁ ଆସୁନାହିଁ । ବାରମ୍ବାର ମୌଖିକ ଓ ଲିଖିତ ଅନୁରୋଧ ସତ୍ତ୍ୱେ ସମାଧାନ ହୋଇନାହିଁ । ୨୦୨୩ ନଭେମ୍ବରରୁ ମିନି ଅଙ୍ଗନବାଡ଼ି ମୁଖ୍ୟ ଅଙ୍ଗନବାଡ଼ିରେ ସାମିଲ ହୋଇଥିଲେ ମଧ ୨୦୨୪ ଫେବୃଆରୀରେ ହୋଇଥିବା ଭତ୍ତା ବୃଦ୍ଧି (୭,୫୦୦ରୁ ୧୦,୦୦୦ ଟଙ୍କା) ୨୦୨୩ ନଭେମ୍ବରରୁ ୨୦୨୪ ମେ' ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ । ବଜାରରେ ଅଣ୍ଡା ମୂଲ୍ୟ ୮ ଟଙ୍କାରୁ ଊର୍ଦ୍ଧ୍ୱ ଥିବାରୁ ସପ୍ତାହରେ ୫ଟି ପରିବର୍ତ୍ତେ ୪ଟି ଅଣ୍ଡା ପ୍ରଦାନ ସହିତ ଟିଏଚଆର ବକେୟା, କିଶୋରୀ ବାଳିକାଙ୍କ ପୁରୁଣା ଓ ନୂତନ ଭତ୍ତା, ଅଗ୍ରୀମ ୩ ମାସ ଏସଏନପି ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି । ୨୦୨୩ରୁ ଅବସରକାଳୀନ ଭତ୍ତା ଓ ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ପ୍ରଦାନ କରାଯାଉନାହିଁ । ଅନଲାଇନ୍ କାର୍ଯ୍ୟର ଅଧିକ ଚାପ ସହିତ ଅଫଲାଇନ୍ ୧୧ ଖଣ୍ଡ ଖାତା ରଖିବାକୁ ପଡୁଛି, ଯାହା ଅଡିଟ୍ ସମୟରେ କର୍ମୀଙ୍କୁ ଅନେକ ଅସୁବିଧାରେ ପକାଉଛି । ଅଫଲାଇନ୍ କାର୍ଯ୍ୟ ହ୍ରାସ କରିବାକୁ ମଧ ଅନୁରୋଧ କରାଯାଇଛି । ଅଲ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘ ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ମୟୂରଭଞ୍ଜ ଶାଖାର ସଭାନେତ୍ରୀ ସୌଭାଗ୍ୟ ମଞ୍ଜରୀ କରଣ ଓ ସମ୍ପାଦିକା ନନ୍ଦିତା ଦତ୍ତ କହିଛନ୍ତି ଯେ, ଉପରୋକ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି । ଅନ୍ୟଥା ଜିଲ୍ଲାରେ କର୍ମୀଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଆନ୍ଦୋଳନ ରୂପ ଧାରଣ କରିବାରେ ସନ୍ଦେହ ନାହିଁ । ସମସ୍ୟା ସମାଧାନ ହେଲେ ସଭିଏଁ ଆହୁରି ଉତ୍ସାହର ସହିତ ସରକାରୀ ଯୋଜନା କାର୍ଯ୍ୟକାରୀ କରିପାରିବେ । ଜିଲ୍ଲାପାଳ ଏହି ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।

# ଲଗାଣ ବର୍ଷାରେ କାନ୍ଥ ପଡ଼ି ଶିଶୁକନ୍ୟା ମୃତ, ମାଆ ଆହତ

ଠାକୁରମୁଣ୍ଡା/ମହୁଲଡିହା, ୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଲଗାଣ ବର୍ଷା ହୋଇଛି । ଫଳରେ ଠାକୁରମୁଣ୍ଡାରେ ଧନ ଜୀବନ ନଷ୍ଟ ହୋଇଛି । ମହୁଲଡିହା ପଞ୍ଚାୟତର ମହୁଲଡିହା ଗ୍ରାମରେ ୫ ତାରିଖ ରାତିରେ ଘର କାନ୍ଥ ପଡ଼ିବାରୁ ଜଣେ ୨ ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଥିବାବେଳେ ମାଆ ଆହତ ହୋଇଥିବା



ଜଣାପଡ଼ିଛି । ମୃତ ଶିଶୁକନ୍ୟା ଚାନ୍ଦିନୀ (ଜେମା) ମୁଣ୍ଡା । ଏକ ପୁରୁଣା ଘର ଭିତରେ ମାଆ ଶାନ୍ତି ସିଂ (୨୬) ଦୁଇଝିଅ ବୁଦୁନୀ (୪) ଓ ସାନ ଚାନ୍ଦିନୀ ସହ ଶୋଇଥିଲେ । ଘର କାନ୍ଥ ଖସି ପଡିବା ଶବ୍ଦରେ ପଡୋଶୀ ଆସି କାନ୍ଥ ତଳୁ ମାଆ ଓ ୨ ଝିଅଙ୍କୁ ଉଦ୍ଧାର କରିଥିଲେ । ସେତେବେଳକୁ ସାନଝିଅ ଜେମାର ମୃତ୍ୟୁ ହୋଇସାରିଥିଲା । ମୃତକଙ୍କ ବାପା ଗୋବିନ୍ଦ ମୁଣ୍ଡା କାମ କରିବା ପାଇଁ ବାସୁଦେବପୁର ଯାଇଥିଲେ । ଆଜି ସ୍ଥାନୀୟ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସରପଞ୍ଚ ଚମ୍ପାବତୀ ଟୁଡୁ, ସାତକୋଶିଆ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ସରପଞ୍ଚଙ୍କ ଅଭିଯୋଗ କ୍ରମେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅପରାହ୍ନରେ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି ।

# ସ୍ୱାସ୍ଥ୍ୟ ମିତ୍ରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଲା ଓଜେସି



ଭୁବନେଶ୍ୱର, ୬।୭ (ସମିସ): ଗତ ୧୫ ଦିନ ଧରି ଭୁବନେଶ୍ୱର ଲୋୟର ପିଏମଜି ଠାରେ ଓଡ଼ିଶା ସ୍ୱାସ୍ଥ୍ୟ ମିତ୍ର ସଙ୍ଘ ଧାରଣାରତ ରହିଛି । ସ୍ୱାସ୍ଥ୍ୟମିତ୍ର ମାନଙ୍କୁ ସରକାର ଛଟେଇ କରିବା ପରେ ସେମାନେ ଖରାବର୍ଷାରେ ପଡ଼ି ରହି ନିଜ ହକ୍ ପାଇଁ ଆନ୍ଦୋଳନ କରୁଛନ୍ତି । ତେବେ ସରକାର ସେମାନଙ୍କ ଦାବି ଶୁଣିନଥିବାରୁ ଏହାର ପ୍ରତିବାଦରେ ଓଡ଼ିଶା ଜନତା କଂଗ୍ରେସ ସଭାପତି ଇଂ ମହମ୍ମଦ ମୋକିମ୍ ଆଜି ଧାରଣାସ୍ଥଳ ଗସ୍ତ କରି ଆନ୍ଦୋଳନରତ ସ୍ୱାସ୍ଥ୍ୟମିତ୍ର ମାନଙ୍କ ସହ ଆଲୋଚନା କରିଛନ୍ତି ।

୨୦୧୮ ମସିହାରୁ ଚାକିରି ପାଇବା ପରେ ସ୍ୱାସ୍ଥ୍ୟମିତ୍ରମାନେ କୋଭିଡ୍ ସମୟରେ ଏବଂ ତାହାପରେ ସ୍ୱାସ୍ଥ୍ୟସେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସ୍ଥଳେ ସରକାର ସେମାନଙ୍କୁ ଛଟେଇ କରିବା ଆଦୌ ସମୀଚିନ ନୁହେଁ ବୋଲି ଓଜେସି ସଭାପତି କହିଛନ୍ତି । ସରକାର ନୂତନ ନିଯୁକ୍ତି ସୃଷ୍ଟି କରିବା ପରିବର୍ତ୍ତେ ନିଯୁକ୍ତି ପାଇଥିବା ଓଡ଼ିଆ ଯୁବକ ଯୁବତୀ ମାନଙ୍କୁ ଛଟେଇ କରି ସେମାନଙ୍କ ପେଟପାଟଣାରେ ଲାତ ମାରୁଛନ୍ତି ବୋଲି ମହମ୍ମଦ ମୋକିମ୍ ନିଜ ଅଭିଭାଷଣରେ ପ୍ରକାଶ କରିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି । ଏହି ଆନ୍ଦୋଳନକୁ ଓଜେସି ସଂପୂର୍ଣ୍ଣ ସମର୍ଥନ କରୁଛି ଏବଂ ସ୍ୱାସ୍ଥ୍ୟମିତ୍ର ମାନଙ୍କ ଦାବି ପୂରଣ ନହେଲେ ଓଜେସି ରାଜରାସ୍ତାକୁ ଓହ୍ଲାଇବ ବୋଲି ମୋକିମ୍ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଓଜେସି ଉପସଭାପତି ନଜିବୁର୍ ରେହମାନ ଖାନ୍, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ସୋମନାଥ ରାଉତ, ଓଡ଼ିଶା ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ଓଡ଼ିଶା କୃଷକ ଜନତା କଂଗ୍ରେସ ସଭାପତି ସଂଗ୍ରାମ କିଶୋର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।



# ବର୍ଷା ଦିନେ ଡ୍ରେନ୍ କାମ

## ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



**■ ସାଇଫନ୍ ପାଇଁ କଟାଯାଇଥିଲା; ଲଗାଣବର୍ଷାରେ ଦବିଲା ପଳାଶୁଣୀ-ବଡ଼ଗଡ଼ ରାସ୍ତା**

ଭୁବନେଶ୍ୱର, ୬।୭ (ସମିସ): ପଳାଶୁଣୀରୁ ବଡଗଡ଼କୁ ସଂଯୋଗ କରୁଥିବା ଦୟା ୱେଷ୍ଟ କେନାଲ୍ ରାସ୍ତାରେ ନିର୍ମାଣାଧୀନ ସାଇଫନ୍ କାମ ଚାଲିଥିବା ବେଳେ ରାସ୍ତାକୁ କଟାଯାଇଥିଲା। କିନ୍ତୁ ୩ ଦିନ ଲଗାଣ ବର୍ଷାରେ ରାସ୍ତା ଦବି ଯାତାୟତ ଏକପ୍ରକାର ବନ୍ଦ ହୋଇଛି।

ପଳାଶୁଣୀରୁ ଝାରପଡ଼ା ଦେଇ ବରଗଡ଼କୁ ଏହି ରାସ୍ତା ସଂଯୋଗ କରୁଥିବାରୁ ପ୍ରତିଶତ ଶହଶହ ଲୋକେ ଯାତାୟତ କରିଥାନ୍ତି। ହେଲେ ସାଇଫନ୍ କାମ ଯୋଗୁଁ ଦୁଇଟି ସ୍ଥାନରେ ରାସ୍ତାକୁ କାଟି ଦିଆଯାଇଛି। ଶନିବାର ରାତିରେ ପ୍ରବଳ ବର୍ଷାରେ କେନାଲ ରାସ୍ତା କେନାଲ ଭିତରକୁ ଧସିଯାଇଛି। ୪୪ ନମ୍ବର ୱାର୍ଡ ଅନ୍ତର୍ଗତ ବଡଗଡ଼ ଛକରୁ ଅନନ୍ୟା ହସ୍ପିଟାଲ୍ ରାସ୍ତାର କିଛିବାଟ ଯିବା ପରେ ଦୟା ୱେଷ୍ଟ କେନାଲ୍ ରାସ୍ତା ଦବି ଯାଇଥିଲା। ଭାରୀଯାନ ଚଳାଚଳ ଫଳରେ ଏଠାରେ ଥିବା ପୁରୁଣା କଲଭର୍ଟ ଭାଙ୍ଗି ଯାଇଥିଲା। ୬ ନମ୍ବର ମୁଖ୍ୟନାଳ ଏଠାକୁ ସଂଯୋଗ କରୁଥିବାବେଳେ ବର୍ଷାବେଳେ ଏହି ବାଟ ଦେଇ ବର୍ଷା ଓ ନାଳର ଆବର୍ଜନା ପାଣି ଗଙ୍ଗୁଆକୁ ନିଷ୍କାସନ ହୋଇଥାଏ। ଯେହେତୁ ରାସ୍ତା ଓ କଲଭର୍ଟ ଦବି ଯାଇଥିଲା, ଏହାକୁ ଭାଙ୍ଗି ପ୍ରାୟ ୨ କୋଟି ଟଙ୍କାରେ ନୂଆ କଲଭର୍ଟ ଓ ରାସ୍ତା କରାଯାଉଛି। ସେହିଭଳି ଏହି ସ୍ଥାନରୁ ଅଳ୍ପ କିଛି ବାଟ ଗଲା ପରେ ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ଦୟା ୱେଷ୍ଟ କେନାଲ୍ ରାସ୍ତାକୁ କାଟି ଦିଆଯାଇଛି। ଏଠାରେ ବି ରାସ୍ତା ଓ କଲଭର୍ଟ ଦବିଥିଲା। ଏଠାରେ ୫ ନମ୍ବର ନାଳ ସଂଯୋଗ କରୁଥିବାବେଳେ ବିଧାନସଭା, ସଚିବାଳୟ ଆଦି ପ୍ରମୁଖ ଅଞ୍ଚଳର ଆବର୍ଜନା ପାଣି ଏହି ବାଟ ଦେଇ ଗଙ୍ଗୁଆକୁ ନିଷ୍କାସିତ ହେଉଛି। ଏହାକୁ ଭାଙ୍ଗି ପ୍ରାୟ ୧.୬୭ କୋଟି ଟଙ୍କା ନୂଆ କଲଭର୍ଟ ଓ ରାସ୍ତା କରାଯାଉଛି। କିନ୍ତୁ ଦୁଇ କାମ ଶେଷ ହୋଇନଥିବା ବେଳେ ଲଗାଣ ବର୍ଷେରେ ପାଣିର ପ୍ରଖର ସୁଅରେ ଏହି ସ୍ଥାନଟି ସମ୍ପୂର୍ଣ୍ଣ ଦବି ଯାଇଥିଲା। ଯାତାୟତକୁ ସୁଗମ କରିବାକୁ ଏଠାରେ ବାଲିବସ୍ତା ପକାଯିବା ସହ ଅନ୍ୟ ବ୍ୟବସ୍ଥା କରାଯାଉଥିବା ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା କହିଛନ୍ତି। ତାଙ୍କ କହିବା ଅନୁସାରେ, କେନାଲ ତଳେ ରହିଥିବା ସାଇଫନ୍ କାମ ଚାଲିଥିଲା। ଗୋଟେ ପାଖ ଭାଙ୍ଗିଯାଇଥିବାରୁ ପ୍ରବଳ ବର୍ଷାରେ ରାସ୍ତା ଦବିଛି। ତେବେ ସାଇପନ୍ ଠାରୁ ଆହୁରୀ ୨କିଲୋମିଟର ଡ୍ରେନ୍ ନିର୍ମାଣ କରାଯିବ। ଓସ୍କାର ସିଟି ଓ ସନ୍ତୋଷୀ ବିହାର ଦେଇ ଏହି ଡ୍ରେନ୍ ଗଙ୍ଗୁଆରେ ମିଶିବ। ଏଥିପାଇଁ ଯୋଜନା ରହିଥିବା ବେଳେ ଏପର୍ଯ୍ୟନ୍ତ ଟେଣ୍ଡର ହୋଇନଥିବା ଜଣାପଡ଼ିଛି। ତେବେ ଆଗାମୀ ଦିନରେ ବର୍ଷାରେ ସ୍ଥିତି ଆହୁରି ଖରାପ ହେବା ଆଶଙ୍କା ସୃଷ୍ଟି ହୋଇଛି।

## ବିଦ୍ୟାଳୟରେ ଲହଡ଼ି ମାରୁଛି ଡ୍ରେନ୍‌ପାଣି



ବାଲିଅନ୍ତା, ୬।୭ (ସମିସ): ବାଲିଅନ୍ତା ଉଚ୍ଚ ବିଦ୍ୟାଳୟରେ ଲଗାଣ ବର୍ଷା ପ୍ରଭାବରେ ଡ୍ରେନପାଣି ବିଦ୍ୟାଳୟ ପରିସରରେ ଲହଡି ମାରୁଛି। ଫଳରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ପାଣିରେ ଯିବା ଆସିବା କରିବାରେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତୀମାନେ ପାଣିରେ ପଶି ଯାତାୟାତ କରିବା ଦ୍ୱାରା ସାପ ଏବଂ ଅନ୍ୟନ୍ୟ ସରିସୃପମାନଙ୍କ ଭୟର ଆଶଙ୍କା ରହିଛି। ଏହାଛଡା ଥଣ୍ଡା, କାଶ, ଚର୍ମରୋଗ ଆକ୍ରାନ୍ତ ଭୟରେ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟ ଛାଡିବାକୁ ଅଭିଭାବକମାନେ ଉଚିତ ମନେ କରୁ ନାହାନ୍ତି। ବାରମ୍ବାର ଅଧିକାରୀଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ବିଲଡରମାନେ ସରକାରୀ ଜମି ଏବଂ ଜଳ ନିଷ୍କାସନ ବାଟ ଅବରୋଧ କରି ଆପାର୍ଟମେଣ୍ଟ ନିର୍ମାଣ କରିବା ଦ୍ୱାରା ବର୍ଷା ପାଣି ନିଷ୍କାସନ ସମସ୍ୟା ବଢ଼ାଇଛି। ଯଦି କିଛି ଅଘଟଣ ଘଟି ପିଲାମାନଙ୍କର କିଛି ଅସୁବିଧା ହୁଏ ସେଥିପାଇଁ କିଏ ଦାୟୀ ରହିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଜନସାଧାରଣ କହିବାନୁସାରେ ଏଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନକୁ ଓହ୍ଲାଇ ବିକ୍ଷୋବ କରାଯିବ। ବିଦ୍ୟାଳୟ ନିକଟରେ ପୋତି ହୋଇପଡ଼ିଥିବା ଡ୍ରେନ ପୁନଃରୁଦ୍ଧାର କରାନଯିବା ଦ୍ୱାରା ବିଦ୍ୟାଳୟ ହତାରୁ ବର୍ଷାପାଣି ନିଷ୍କାସନ ସମସ୍ୟା ବୃଦ୍ଧି ପାଉଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

**ପୁରୁଣା ଫଟୋ ପୁରୁଣା ସ୍ମୃତି**



ଭୁବନେଶ୍ୱର, ୬।୭ (ସମିସ): ସମୟ ସୁଅରେ ଯେପରି କିଛି ସ୍ମୃତି ସବୁବେଳେ ମନରେ ଘର କରି ରହିଯାଏ, ଠିକ୍ ସେହିଭଳି କିଛି ପୁରୁଣା ସିନେମା ମଧ୍ୟ ମନରେ ଛପି ଯାଇଥାଏ। ଏପରି ଅନେକ ଓଡିଆ ଚଳଚ୍ଚିତ୍ର ରହିଛି ଯାହା ଆଜିବି ଲୋକଙ୍କୁ ସେଥିରେ ଥିବା କଳାକାର ଏବଂ ତାଙ୍କ ଅଭିନୟକୁ ଚର୍ଚ୍ଚାର ବିଷୟ ବାରମ୍ବାର ଆଣିବାକୁ ବାଧ୍ୟକରେ। କାରଣ ସେହିସବୁ କାଳଜୟୀ ସିନେମାକୁ କେବେ ଭୁଲି ହେବନି। ସେଥିରେ ଥିବା କଳାକାର ହିଁ ଚଳଚ୍ଚିତ୍ରର ଲୋକପ୍ରିୟତା ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଠିକ୍ ସେହିଭଳି ଏକ ଚଳଚ୍ଚିତ୍ର ହେଉଛି 'କୃଷ୍ଣ ସୁଦାମା'।

ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିବା ଏହି ଫଟୋଟି ୧୯୭୬ ମସିହାରେ ମୁକ୍ତିଲାଭ କରିଥିବା କ୍ଲାସିକ ଓଡିଆ ଚଳଚ୍ଚିତ୍ର 'କୃଷ୍ଣ ସୁଦାମା'ର ଅଟେ। ଏହି ସିନେମା ନିତାଇ ପାଲିତଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ଏଥିରେ ଅଭିନେତା ଶାନ୍ତିସ୍ୱରୂପ ମିଶ୍ର ଶ୍ରୀକୃଷ୍ଣଙ୍କ ଭୂମିକାରେ ଏବଂ ଗୋବିନ୍ଦ ତେଜ ସୁଦାମା ଭୂିକାରେ, ଅଭିନେତ୍ରୀ ଅନିତା ଦାସ ଆଉ ଶାନ୍ତି ସ୍ୱରୁପ ମିଶ୍ର ଏବଂ ତ୍ରିପୁରା ମିଶ୍ର ଏହି ସିନେମାରେ ଅଭିନୟ କରିଥିବା ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ଭଗବାନ ଶ୍ରୀକୃଷ୍ଣ ଏବଂ ତାଙ୍କ ପିଲାଦିନର ପରମ ବନ୍ଧୁ ସୁଦାମାଙ୍କ ମଧ୍ୟରେ ଥିବା ଅତୁଟ ଏବଂ ପବିତ୍ର ବନ୍ଧୁତ୍ୱର କାଳଜୟୀ କାହାଣୀ। ଚଳଚ୍ଚିତ୍ରଟି ଭକ୍ତି, ଅନୁଗତ୍ୟ ଏବଂ ଦୈବୀ କୃପାର ଭାବନାକୁ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରତିପାଦନ କରେ।

## ଜିମ୍ ମାଲିକଙ୍କୁ ବିଅର ବୋତଲରେ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୬।୭ (ସମିସ): ଜିମ୍ ମାଲିକଙ୍କୁ ବିଅର ବୋତଲରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୀଳାଦ୍ରି ବିହାର ରିକ୍ସା କଲୋନୀର ରାଜା ଜେନା (୨୯)। ପୁଲିସ ସୂଚନାନୁସାରେ, ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ସୁନିଲ କୁମାର ନାୟକଙ୍କର ରୟାଲ ଫିଟନେସ ଜିମ୍ ରହିଛି। ସୋମବାର ଭୋରରୁ ରାଜା ସେହି ଜିମ୍ ଆଗରେ ଉଲଗ୍ନ ହୋଇ ଶୋଇଥିଲେ। ଭୋର୍ ପ୍ରାୟ ୫ଟା ୩୦ ସମୟରେ ସୁନିଲ ସେଠାରେ ପହଞ୍ଚି କାହିଁକି ଉଲଗ୍ନ ହୋଇ ଶୋଇଛ ବୋଲି ରାଜାକୁ ପଚାରିବା ସହ ତାଗିଦ୍ କରିଥିଲେ। କିଛି ସମୟ ପରେ ସୁନିଲ ଜିମରେ ଥିବାବେଳେ ରାଜା ଭିତରକୁ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଅର ବୋତଲରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ସୁନିଲ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ରାଜା ଫେରାର ହୋଇଯିବା ସହ ହତ୍ୟା କରିଦେବାକୁ ଧମକ ଦେଇଥିଲା। ସୁନିଲଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ରାଜାକୁ ଗିରଫ କରିବା ସହ କାଚ ବୋତଲ ଜବତ କରିଛି।

## ଭାଇଭଉଣୀଙ୍କୁ ଖଣ୍ଡା ଚୋଟ; ଜଣେ ଗିରଫ



ଭୁବନେଶ୍ୱର, ୬।୭ (ସମିସ): ଭାଇଭଉଣୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୋଇ ନଗରର ଦୀପକ କୁମାର ନାଏକ ଓରଫ୍ ପଙ୍କ (୨୪)।

ପୁଲିସ ସୂଚନାନୁସାରେ, ନବ ପରିଡ଼ା ଓ ଦୀପକ ବାୟା ବାବା ବସ୍ତିରେ ରହୁଥିବା ବେଳେ ଉଭୟ ପରସ୍ପରର ପଡ଼ୋଶୀ। ଗତକାଲି ସନ୍ଧ୍ୟାରେ ନବ ନିଜ ଘର ଆଗରେ ଫୋନରେ କଥା ହେଉଥିବା ବେଳେ ଦୀପକ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। କାରଣ ପଚାରିବାରୁ ନିଶାସକ୍ତ ଅବସ୍ଥାରେ ଥିବା ଦୀପକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା। ସେତିକିବେଳେ ନବଙ୍କ ଭଉଣୀ ମଧ୍ୟସ୍ଥତା କରିବାକୁ ଆସିବାରୁ ଦୀପକ ନିଜ ଘରୁ ଏକ ଧାରୁଆ ଖଣ୍ଡା ଆଣି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ସତ୍ତ୍ୱେ ଦୀପକର ଆକ୍ରମଣରେ ନବଙ୍କ ଭଉଣୀ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପରେ ଦୀପକର ପରିବାର ଲୋକମାନେ ତା'ଠାରୁ ଖଣ୍ଡାଟି ଛଡ଼ାଇ ନେଇ ତାକୁ ଘଟଣାସ୍ଥଳରୁ ନେଇଯାଇଥିଲେ। ଦୀପକ ଯିବା ପୂର୍ବରୁ ନବ ଓ ତାଙ୍କ ପରିବାରକୁ ହତ୍ୟା କରିଦେବାକୁ ଧମକ ଦେଇଥିଲା। ନବ ଏନେଇ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଦୀପକକୁ ଗିରଫ କରିବା ସହ ତା' ଘରୁ ଖଣ୍ଡା ଜବତ କରି କୋର୍ଟ ଚାଲାଣ କରିଛି।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ଶିଳ୍ପୀ କଣ୍ଠେ ଜଗନ୍ନାଥ'

ଭୁବନେଶ୍ୱର, ୬।୭ (ସମିସ): ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତିବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ସଙ୍ଗୀତାୟନ 'ଶିଳ୍ପୀ କଣ୍ଠେ ଜଗନ୍ନାଥ' ରବୀନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା କର୍ମଚାରୀ ଚୟନ କମିଶନର ସଚିବ ରାଜୀବ ଲୋଚନ ସିଂ, ସମ୍ମାନ ଅତିଥି ଓଡ଼ିଶୀ କଣ୍ଠ ସଙ୍ଗୀତଜ୍ଞ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ପ୍ରଦୀପ କୁମାର ମିଶ୍ର, ସୁରେନ୍ଦ୍ର ଦାସ, କଣ୍ଠ ଶିଳ୍ପୀ ସୌରଭ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବରିଷ୍ଠ ଗୁରୁ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଥଯାତ୍ରା ଉପଲକ୍ଷେ ଭକ୍ତିଗୀତ ପରିବେଷଣ କରାଯାଇଥିଲା। ଭକ୍ତି ସଙ୍ଗୀତ ଏମିତି ଆଖି ଦିଅ ଚକା ଆଖି କଣ୍ଠ ଦାନ କରିଥିଲେ ଗୁରୁ ଡ. ବିଜୟ କୁମାର ଜେନା, ଗୁରୁ ଚନ୍ଦନ କୁମାର। ଗୁରୁ ପ୍ରମୋଦ କୁମାର ସାହୁ ତବଲା ଏବଂ ଗୁରୁ ଶ୍ରୀନିବାସ ଶତପଥୀ ବଂଶୀ, ଗୁରୁ ସୌମ୍ୟରଞ୍ଜନ ନାୟକ ମର୍ଦ୍ଦଳରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।



## ଡ. ବାସନ୍ତୀ ମହାନ୍ତିଙ୍କ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର, ୬।୭ (ସମିସ): ଗାଳ୍ପିକା ଓ ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତିଙ୍କ ୫୦ ତମ ସାରସ୍ୱତ ସୃଷ୍ଟି, 'କ୍ରାନ୍ତଦର୍ଶୀ' ପୁସ୍ତକ ପାଠକାର୍ପଣ ହୋଇଛି। ବାଉରିବନ୍ଧୁ ମେମୋରିଆଲ ଟ୍ରଷ୍ଟ ଓ ଚେନ୍ନାଇ ସୃଜନୀ ପରିବାରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ କଥାସମ୍ରାଟ ସ୍ମୃତିନ୍ୟାସର ଅଧ୍ୟକ୍ଷା ତଥା ଓଡ଼ିଶା ମହିଳା କମିଶନର ପ୍ରାକ୍ତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବରେଣ୍ୟ ଅତିଥି ଭାବେ ନାଳନ୍ଦା ବିଶ୍ୱିଦ୍ୟାଳୟର ଡିନ୍ ପ୍ରଫେସର ଗୋଦାବରୀଶ ମିଶ୍ର, ପ୍ରଫେସର ଡ. ମୋନିକା ଦାଶ ଯୋଗ ଦେଇଥିଲେ। ଚେନ୍ନାଇ ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଆଶୁତୋଷ ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଲେଖିକାଙ୍କ ଏହି ପଚାଶ ତମ ସୃଷ୍ଟିର ଶୁଭ ଜନ୍ମ ଲଗ୍ନ ଉତ୍ସବ ପାଳିତ ହୋଇଥିଲା। ଏହାପରେ ସାହିତ୍ୟିକମାନଙ୍କ ଦ୍ୱାରା 'କ୍ରାନ୍ତଦର୍ଶୀ' ପୁସ୍ତକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପୁସ୍ତକରେ ଚବିଶ ଜଣ ବରପୁତ୍ରଙ୍କ ଜୀବନାଦର୍ଶ ଆଲୋଚିତ ହୋଇଅଛି। ଏହି ଉତ୍ସବରେ ଡ. ଧରଣୀ ଧର ନାଥ, ଡ. ସୀମାନ୍ତ ନନ୍ଦ ସ୍ୱମତ ରଖିଥିବା ବେଳେ, ମହାଶ୍ୱେତା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।



## ୨୯ରେ ମଞ୍ଚସ୍ଥ ହେବ 'ଅମ୍ରିତା-ଇମରୋଜଙ୍କ ଜୀବନ କାହାଣୀ'

ଭୁବନେଶ୍ୱର, ୬।୭ (ସମିସ): ଆସନ୍ତା ୨୯ ତାରିଖରେ ଉତ୍ତର ପୁରୁଷ ପକ୍ଷରୁ ମଞ୍ଚସ୍ଥ ହେବ ଭାରତୀୟ ଭାଷା ସାହିତ୍ୟର ପ୍ରଖ୍ୟାତ ଲେଖିକା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଅମ୍ରିତା ପ୍ରିତମ ଓ ଚିତ୍ରଶିଳ୍ପୀ ଇମରୋଜଙ୍କ ଜୀବନ କାହାଣୀ। ଯେଉଁଥିରେ ଅମ୍ରିତା ଓ ତାଙ୍କଠୁ ଦଶ ବର୍ଷ ସାନ ଚିତ୍ରଶିଳ୍ପୀଙ୍କ ଦେହାତୀତ ପ୍ରେମକାହାଣୀ ଓ ଅମ୍ରିତା ପ୍ରିତମ ଓ ସାହିର ଲୁଧିଆନିଙ୍କ ସାୟରି। ଏହି ନାଟକର ନିର୍ଦ୍ଦେଶନା ଦେବଦତ୍ତ ପତି ଦେଇଥିବା ବେଳେ କୁନାଲ ହୃଦୟଙ୍କ ମୂଳ ହିନ୍ଦୀ ନାଟକର ଓଡ଼ିଆ ଅନୁସୃଜନ୍ ମଧ୍ୟ ନିଜେ ଦେବଦତ୍ତ କରିଛନ୍ତି। ନାଟକରେ ବିଶିଷ୍ଟ ଅଭିନେତ୍ରୀ ଭାସ୍ୱତୀ ଅମ୍ରିତା ପ୍ରିତମଙ୍କ ଭୂମିକାରେ ଅଭିନୟ କରୁଥିବା ବେଳେ ସୁକନ୍ୟା ଦିଶନୀ ଓ ଈଶୁ ମଧୁସ୍ମିୟା, ସୌମ୍ୟ, ସାଇ, ରଜତ, ପ୍ରିୟବ୍ରତ, ଓମ୍, ମୁରଲୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଏଥିପାଇଁ ଦର୍ଶକମାନେ ବୁକ୍ ମାଇଁ ସୋ ରେ ଟିକେଟ ବୁକିଂ କରିପାରିବେ।

## ଦୋକାନ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ନନ୍ଦନକାନନ, ୬।୭ (ସମିସ): ରାତି ହେଉ କି ଦିନ; ଭୁବନେଶ୍ୱରରେ ଚୋରି ଲୁଟ ତରାଜ ଦିନକୁ ଦିନ ବଢ଼ି ଚାଲିଛି। ପୁଲିସ ଆଖି ଖୋଲି ଜଗିଛି କି ଆଖି ବୁଜି ଜଗିଛି ତାହା ଏବେ ଜନସାଧାରଣରେ ଏକ ବଡ ପ୍ରଶ୍ନ ଭାବେ ଉଭା ହୋଇଛି। ଗତ ରାତିରେ ଇନ୍‌ଫୋସିଟି ଥାନା ପଟିଆ ଷ୍ଟେସନ ରୋଡରେ ଏକ ଭେରାଇଟି ଷ୍ଟୋର ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ଥାନାରେ ହୋଇଛି। ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ସିସିଟିଭି ହାର୍ଡ ଡିସ୍କ ଚୋରି ହୋଇଛି। ଦୋକାନ ମାଲିକ ଅମୁଲ୍ୟ ପ୍ରଧାନଙ୍କ ଅଭିଯୋଗ ଅନୁସାରେ ଗତ ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳୁ ଆସି ଦୋକାନ ଖୋଲିଲା ବେଳକୁ ସଟର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନରୁ ଚୋରି କରି ନେଇଛି। ଦୋକାନରେ ଥିବା କ୍ୟାସ ବାକ୍ସରୁ ଟଙ୍କା, ସିଗାରେଟ, ଗୁଟଖା, ପାନ ମସଲା, ଥରମୋପ୍ଲସ, ସିସିଟିଭି ହାର୍ଡଡିସ୍କ ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଛି। ଏନେଇ ସେ ଆଜି ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**● କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି ବ୍ରେକ୍'**

## କବିତାର ବର୍ଷାରେ ଭିଜିଲେ ଯୁବ ପିଢ଼ି



ଭୁବନେଶ୍ୱର, ୬।୭ (ସମିସ): କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି ବ୍ରେକ୍'ର ତୃତୀୟ ସଂସ୍କରଣ ରବିବାର ଷ୍ଟୁଡିଓ ଏନ୍‌ଆର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲେଖକ ଦେବବ୍ରତ ଦାସଙ୍କ ଉପନ୍ୟାସ 'ତୁଷ' ଏବଂ ନିହାର ରଞ୍ଜନ ପରିଡ଼ାଙ୍କ ଉପନ୍ୟାସ 'ରେନ୍‌କୋଟ୍'ର ତୃତୀୟ ସଂସ୍କରଣ ଲୋକାର୍ପଣ ହୋଇଥିଲା। ଯୁବପିଢ଼ି ନିଜର କବିତା, ଗଳ୍ପ ଏବଂ ସଙ୍ଗୀତ ନିଆରା ଶୈଳୀରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ତରୁଣ ପିଢ଼ିର ପ୍ରତିଭାବାନ୍ କବି ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲା ବେଳେ କଳିଙ୍ଗ ଭାଷା ମୁକ୍ତମଞ୍ଚର ଆବାହକ ସତ୍ୟ ଶିବ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଂଶୁମାନ ସାହୁ, ଜ୍ୟୋତି ରଞ୍ଜନ ବାରିକ, ସୁମିତ୍ ପଣ୍ଡା, ବିଶ୍ୱକସେନ୍ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଯୁବ କବି ଏବଂ ଗାଳ୍ପିକଙ୍କ ନୂଆ ବହିକୁ ଦର୍ଶକ କିଣିବା ସହ ସେମାନଙ୍କର ଦସ୍ତଖତ ନେଇଥିଲେ। ଯୁବପିଢ଼ିକୁ ଓଡ଼ିଆ ଭାଷାସାହିତ୍ୟ ଏବଂ ସଙ୍ଗୀତ ସହ ଯୋଡ଼ି ରଖିବାରେ କଳିଙ୍ଗ ଭାଷା ମୁକ୍ତମଞ୍ଚର ଏପରି ପ୍ରୟାସର ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# ତ୍ରିରଥ ଶୈଳୀରେ ନିର୍ମିତ ଉତ୍ତରେଶ୍ୱର ମନ୍ଦିର



ଭୁବନେଶ୍ୱର, ୬।୭ (ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ପ୍ରତି ଛକ, ପ୍ରତି ଗଳିରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କିର୍ତ୍ତୀରାଜିର ମୁକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧାତ୍ମିକ ଭାବନା ସହ ମଧ୍ୟ ଜଡିତ। ସେଥିମଧ୍ୟରୁ ସପ୍ତମ ଶତାବ୍ଦୀର ଉତ୍ତରେଶ୍ୱର ମନ୍ଦିର।

ଏହି ମନ୍ଦିରଟି ବିନ୍ଦୁସାଗରର ଦକ୍ଷିଣ ପାର୍ଶ୍ୱକୁ ରହିଛି। ଏହା ରାଜଧାନୀର ପ୍ରାଚୀନତମ ମନ୍ଦିର ମଧ୍ୟରୁ ଅନ୍ୟତମ। ଏହା ତ୍ରିରଥ ଶୈଳୀରେ ନିର୍ମିତ ଉଭୟ ବମାନ ଏବଂ ଜଗମୋହନ ଏହି ମନ୍ଦିରରେ ସ୍ଥାପିତ ଅଛନ୍ତି। କାର୍ତ୍ତିକେୟଙ୍କ ପ୍ରତିମା ସହ କିଛି ଅନନ୍ୟ ମୂର୍ତ୍ତିକଳା ପାଇଁ ଉକ୍ତ ମନ୍ଦିରଟି ବିଖ୍ୟାତ। ଅନ୍ୟଥା ମନ୍ଦିରଟି ସାଜସଜ୍ଜା ବିହୀନ ଅଟେ। ଦେବୀ ଚାମୁଣ୍ଡା ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ। ସ୍ୱର୍ଣ୍ଣାଦ୍ରି ମହୋଦୟା ଅନୁସାରେ ପବିତ୍ର ବିନ୍ଦୁସାଗରର ଚାରି କୂଳରେ ଚଣ୍ଡିକାଙ୍କ ଚାରି ମୂର୍ତ୍ତି ଦେଖିବାକୁ ମିଳେ। ତନ୍ମଧ୍ୟରୁ ଉତ୍ତରେଶ୍ୱରରେ ଅବସ୍ଥିତ ଚାମୁଣ୍ଡା ଅନ୍ୟତମ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ଉତ୍ତରରେ ବିନ୍ଦୁସାଗର କୂଳରେ ଅବସ୍ଥାପିତ ହୋଇଥିବାରୁ ମନ୍ଦିର ନାମ ଉତ୍ତରେଶ୍ୱର ରଖାଯାଇଥିବା କୁହାଯାଏ। ଏହି ମନ୍ଦିରଟି ଚାରୋଟି ପୀଠ ମଧ୍ୟରୁ ଅନ୍ୟତମ। ଅନ୍ୟ ଚାରୋଟି ପୀଠ ହେଲା ଯୋଗ ପୀଠ ଭାବରେ ଖରାଖିଆ ବୈଦ୍ୟନାଥ, ଭୋଗ ପୀଠ ଭାବେ ଲିଙ୍ଗରାଜ ଏବଂ ସୀଦ୍ଧ ପୀଠ ଭାବେ କେଦାରଗୌରୀ ମନ୍ଦିର ପରିଚିତ। ମନ୍ଦିରର ଦ୍ୱାରରେ ନବଗ୍ରହ ସ୍ଥାପିତ ଅଛନ୍ତି। ମନ୍ଦିରରେ ନରସିଂହଙ୍କ ଜନ୍ମ, କାର୍ତ୍ତିକ ପୂର୍ଣ୍ଣିମୀ, ଶିବରାତ୍ରି, ଦୂର୍ଗାଷ୍ଟମୀ ଏବଂ ଚୈତ୍ର ମଙ୍ଗଳବାର ଏଠାରେ ପାଳନ କରାଯାଇଥାଏ। ସେହିପରି ଚୈତ୍ର ମଙ୍ଗଳବାର ଦିନ ଏଠାରେ ଉତ୍ତରେଶ୍ୱରଙ୍କୁ ପଣା ଭୋଗ ଦିଆଯାଇଥାଏ। ଉତ୍ତରାୟିନୀଙ୍କୁ ପ୍ରଭୁ ଲିଙ୍ଗରାଜଙ୍କ ଆସ୍ଥା ଚଣ୍ଡୀ ବୋଲି କୁହାଯାଏ।

### ଏବେ କେମିତି ରହିଛି



ଏହି ମନ୍ଦିରଟି ବିନ୍ଦୁସାଗରର କୂଳରେ ଅବସ୍ଥାପିତ। ପ୍ରତିଦିନ ଏଠାକୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୁଏ। ମନ୍ଦିରର ପରିସରରେ ଏକ ଐତିହ୍ୟ କୁଣ୍ଡ ମଧ୍ୟ ରହିଛି। ହେଲେ ସମୟ ସହ ତାର ରକ୍ଷଣାବେକ୍ଷଣ ଅଭାବରୁ ପାଣିର ରଙ୍ଗ ପରିବର୍ତ୍ତନ ହବେ ସହ ଅପରିଷ୍କାର ମଧ୍ୟ ହୋଇଗଲାଣି। ସେହି କୁଣ୍ଡ ମଧ୍ୟରେ କଇଁଛ ମଧ୍ୟ ଅଛନ୍ତି। ମନ୍ଦିରଟି ସାଜସଜ୍ଜା ବିହୀନ ହୋଇଥିବାରୁ ସେଥିରେ କାରୁକାର୍ଯ୍ୟ ହୋଇ ନାହିଁ। ଏହା ବ୍ୟତୀତ ମନ୍ଦିରର ଅନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ସମୟରେ କରାଯାଉଛି ବୋଲି ଜଣେ ସ୍ଥାନୀୟ ବାସିନ୍ଦା ମତ ଦେଇଥିଲେ।

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

ସକାଳ
THE SAKALA

## ପ୍ରଦୂଷଣ ବନାମ ପରିବେଶ

ସାମ୍ପ୍ରତି ଭାରତରେ ଇ-୨୦ ଇନ୍ଧନ ବିତର୍କ ଓ ବିରୋଧାଭାସ ସୃଷ୍ଟି କରିଛି। ଇ-୨୦ ପେଟ୍ରୋଲ୍(୧ ଲିଟରରେ ୮୦ ଭାଗ ବା ୮୦୦ ମିଲିଲିଟର ପେଟ୍ରୋଲ୍ ଓ ୨୦ ଭାଗ ବା ୨୦୦ ମିଲିଲିଟର ଇଥାନଲ୍) ଉତ୍ପାଦନ ଓ ବିକ୍ରି ଉଦ୍ୟମର ସଫଳତା ପରେ ଇ-୧୫ ଡିଜେଲ୍(୧ ଲିଟରରେ ୮୫ ଭାଗ ଡିଜେଲ୍ ଓ ୧୫ ଭାଗ ଇଥାନଲ୍) ଉତ୍ପାଦନ ଓ ବିକ୍ରି ପାଇଁ ସରକାର ସଜବାଜ ହେଉଛନ୍ତି। ଇ-ଇନ୍ଧନ ବା ଇଥାନଲ୍ ଯୁକ୍ତ ଇନ୍ଧନ ବ୍ୟବହାର ପ୍ରକୃତି ଓ ପରିବେଶ ପାଇଁ ହିତକର ହେବା ସହିତ ମୋଟରଯାନର ଯାନ୍ତ୍ରିକ ଆୟୁବର୍ଦ୍ଧକ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏହାଦ୍ୱାରା ମାଇଲେଜ୍ ବା ପରିବେଗ ମନ୍ଥର ହେଉଛି ବୋଲି ବ୍ୟବହାରକାରୀ ଅଭିଯୋଗ କରୁଛନ୍ତି।

ଏହା ନିଃସନ୍ଦେହ ଯେ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ବିଷାକ୍ତ ଉପାଦାନରେ ମୋଟରଯାନରୁ ନିର୍ଗତ ଧୂଆଁ ବା ଇନ୍ଧନ ଦହନ ଜନିତ ବର୍ଜ୍ୟ ବା ପ୍ରଦୂଷଣ ସର୍ବାଧିକ। ଏବେ ଆମେ ଏଭଳି ଏକ ଜଗତ ଓ ସମୟରେ ପହଞ୍ଚିସାରିଛୁ ଯେ ପରିବେଶ ସୁରକ୍ଷା ପାଇଁ ଗାଡ଼ିମୋଟର ସଂଖ୍ୟା ହ୍ରାସ କରିବା ପ୍ରାୟତଃ ଅସମ୍ଭବ। ତେଣୁ ଇନ୍ଧନରୁ ନିର୍ଗତ ବିଷାକ୍ତ ବାଷ୍ପକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ସେଥିରେ ଇଥାନଲ୍ ମିଶ୍ରଣ ସପକ୍ଷରେ ମତ ପ୍ରକାଶ ପାଉଛି। ଦୀର୍ଘବର୍ଷ ଧରି ଏ ଦିଗରେ ପରୀକ୍ଷା ନିରୀକ୍ଷା ପରେ ଏବେ ଏହାର ପରୀକ୍ଷାମୂଳକ ପ୍ରୟୋଗ ହୋଇ ସଫଳ ହୋଇଥିବା ଦାବି କରାଯାଉଛି। କିନ୍ତୁ ସତରେ କ'ଣ ଇ-ଇନ୍ଧନ ବ୍ୟବହାର ପରିବେଶ ପାଇଁ ହିତକର ଏବଂ ଆର୍ଥିକ ଦୃଷ୍ଟିରୁ ମିତବ୍ୟୟୀ? ଏହି ପ୍ରସଙ୍ଗରେ ପୁଣି ଏକ ନୂଆ ବିତର୍କ ଆରମ୍ଭ ହୋଇଛି।

ଇଥାନଲ୍ ମୁଖ୍ୟତଃ ଶ୍ୱେତସାରଯୁକ୍ତ ଶସ୍ୟ ଯଥା ଚାଉଳ, ମକା, ଆଖୁ, ସୋୟାବିନ୍ ଆଦିରୁ ପ୍ରସ୍ତୁତ ହେଉଛି। ଏ ସବୁ ଶସ୍ୟ ଜଳବହୁଳ ନିର୍ଭରଶୀଳ। ତେଣୁ ସରକାର ଏ ସବୁ ଶସ୍ୟ ମଧ୍ୟରୁ ତୁଳନାତ୍ମକ ଭାବେ କମ୍ ଜଳ ଆବଶ୍ୟକ କରୁଥିବା ଧାନ ବା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ଅଧିକରୁ ଅଧିକ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଏହା ପଛରେ କିନ୍ତୁ ସରକାରଙ୍କର ଯେଉଁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରହିଛି ରହିଛି ତାହା ସାମ୍ନାକୁ ଆସୁନାହିଁ। ଦେଶର ଇନ୍ଧନ ଚାହିଦା ପୂରଣ ପାଇଁ ଆବଶ୍ୟକ ଇଥାନଲ୍ ଉତ୍ପାଦନରେ ଆମ ଦେଶର ଚାଉଳ କେତେ ସକ୍ଷମ ଏବଂ ଏହା ଅର୍ଥନୀତି ପ୍ରତି କିଭଳି ଅନୁକୂଳ ତାହା ଦେଖାଯାଉ।

ଭାରତ ଏବେ ବିଶ୍ୱର ସର୍ବବୃହତ୍ ଧାନ ଉତ୍ପାଦନକାରୀ ଓ ରପ୍ତାନୀକାରୀ ରାଷ୍ଟ୍ର। ୨୦୨୫-୨୬ କୃଷି ବର୍ଷରେ ଭାରତ ମୋଟ ୧୫୪ ନିୟୁତ ଟନ୍ ଧାନ ଉତ୍ପାଦନ କରିଥିବା ବେଳେ ୨୪.୫ ନିୟୁତ ଟନ୍ ବା ବିଶ୍ୱ ଚାଉଳ ବାଣିଜ୍ୟର ୪୦% ଚାଉଳ ରପ୍ତାନୀ କରିଛି। ଏଥିସହିତ ଖାଦ୍ୟ ନିରାପତ୍ତା ଯୋଜନାରେ ଦେଶର ୮୦ କୋଟି ପରିବାରକୁ ମାସିକ ବ୍ୟକ୍ତି ପିଛା ୫ କେଜି ଲେଖାଏଁ ଚାଉଳ ମାଗଣାରେ ବଣ୍ଟାଯାଉଛି। ମୋଟ ଚାଉଳ ଉତ୍ପାଦନର ଏହା ଦୁଇ-ତୃତୀୟାଂଶ। ଏହାସତ୍ତ୍ୱେ ଭାରତୀୟ ଖାଦ୍ୟ ନିଗମର ଭଣ୍ଡାରରେ ବିପୁଳ ପରିମାଣର ଚାଉଳ ପଡ଼ି ରହିଛି। ଗତ ଏପ୍ରିଲ ୧ ତାରିଖ ସୁଦ୍ଧା ନିଗମ ପାଖରେ ବଫର ଷ୍ଟକ୍(ନିର୍ଦ୍ଧାରିତ ସର୍ବାଧିକ ପରିମାଣ)ଠାରୁ ପାଞ୍ଚଗୁଣ ଅଧିକ ଚାଉଳ ଗଚ୍ଛିତ ରହିଛି। ଏହାର ଭଣ୍ଡାରଣ ଓ ରକ୍ଷାବେକ୍ଷଣ ପାଇଁ ନିଗମକୁ ଅତିରିକ୍ତ ୧୦, ୭୧୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଏହି ବଳକା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରି ଗୋଟିଏ ଗୁଳିରେ ଦୁଇଟି ଶିକାର କରିବାକୁ ସରକାର ଯୋଜନା କରିଛନ୍ତି। ଗୋଟିଏପକ୍ଷରେ ଅତିରିକ୍ତ ଭଣ୍ଡାରଣର ଖର୍ଚ୍ଚ କମିବ ଏବଂ ଅପରପକ୍ଷରେ ସରକାରଙ୍କ ଶୁଭଦୃଷ୍ଟିରେ ଥିବା ଶିଳ୍ପପତିମାନଙ୍କ ବ୍ୟବସାୟ ବଢ଼ିବ। ଏ ପର୍ଯ୍ୟନ୍ତ ଇଥାନଲ୍ ଉତ୍ପାଦନ କେବଳ ଘରୋଇ ଶିଳ୍ପାନୁଷ୍ଠାନ ଅଧୀନରେ ରହିଥିବାରୁ ଏଥିରେ କାହାର ଫାଇଦା ହେବ ତାହା ବୁଝାଇ କହିବା ଅନାବଶ୍ୟକ।

ଇ-ଇନ୍ଧନ ପରିବେଶ-ଅନୁକୂଳ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏଥିପାଇଁ ସରକାରୀ ରାଜକୋଷ କେତେ କ୍ଷତି ମୁଣ୍ଡାଇବ ତା'ଉପରେ ଥରେ ଦୃଷ୍ଟି ପକାଯାଉ। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)ରେ ସରକାର ଧାନ କିଣିବାର ଏକ ଅଲିଖିତ ବାଧ୍ୟବାଧକତା ରହିଆସିଛି। ଏଥିସହିତ ଭୋଟ ରାଜନୀତି ଜଡ଼ିତ ଥିବାରୁ ଧାନ କିଣା ଜଞ୍ଜାଳରୁ କୌଣସି ସରକାର ବର୍ତ୍ତି ପାରିବେ ନାହିଁ। ଅଧିକନ୍ତୁ ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ପଞ୍ଜାବ, ହରିଆଣା ଆଦି କେତେକ ରାଜ୍ୟ ଏମ୍ଏସ୍ପି ବାଦ୍ କ୍ୱିଣ୍ଟାଲ୍ ପିଛା ପ୍ରାୟ ୨୦ ରୁ ୪୦ ପ୍ରତିଶତ ଯାଏଁ ବୋନସ୍ ପ୍ରଦାନ କରିଆସୁଛନ୍ତି। ଏହାବାଦ୍ ମୁକ୍ତ ବା ରିହାତିଯୁକ୍ତ ବିଜୁଳି ଶକ୍ତି, ସର୍ବାଧିକ ବ୍ୟବହୃତ ୟୁରିଆ ଖର୍ଚ୍ଚର ୯୦% ସରକାର ବହନ କରୁଛନ୍ତି। ଦେଶରେ ସର୍ବାଧିକ ଧାନ ଚାଷ ହେଉଥିବା ପଞ୍ଜାବରେ ୨୦୨୩-୨୪ରେ ହୋଇଥିବା ଏକ ଆକଳନ ଅନୁଯାୟୀ ୧ ହେକ୍ଟର ଧାନଚାଷ ପାଇଁ ବିଜୁଳି, ଜଳସେଚନ, ସାର ଆଦିକୁ ମିଶାଇ ହାରାହାରି ୪୦ ହଜାର ଟଙ୍କା ସରକାର ପରୋକ୍ଷରେ ବହନ କରୁଛନ୍ତି।

ଏ ସବୁକୁ ମିଶାଇଲେ ମିଲରଙ୍କ ଜରିଆରେ ଚାଷୀଙ୍କଠାରୁ ୧ କେଜି ଚାଉଳ ସଂଗ୍ରହ ବା କିଣିବା ପାଇଁ ନିଗମ ୪୪ ଟଙ୍କା ଖର୍ଚ୍ଚ କରୁଛି; ଅଥଚ ଇଥାନଲ୍ ପ୍ଲାଣ୍ଟକୁ କେଜି ପିଛା ୨୩ ଟଙ୍କାରେ ଚାଉଳ ବିକ୍ରି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମର ୫ ନିୟୁତ ଟନ୍ ଚାଉଳ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର ହୋଇଥିଲା। ଏଣୁ କେଜି ପିଛା ୨୧ ଟଙ୍କା କ୍ଷତିରେ ୧ ଲିଟର ଇଥାନଲ୍ ଉତ୍ପାଦନ ପାଇଁ ୩ କେଜି ଚାଉଳ ବ୍ୟବହାର କଲେ ଲାଭ କାହାର? ପୁଣି ଗୋଟିଏ କେଜି ଚାଉଳ ଉତ୍ପାଦନ ପାଇଁ ହାରାହାରି ୪ ହଜାର ଲିଟର ଜଳ ଆବଶ୍ୟକ। ହେକ୍ଟର ପିଛା ଆବଶ୍ୟକ ୨୫୦ କେଜି ରାସାୟନିକ ସାରରୁ ୫ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ବାୟୁ ଓ ଭୂତଳ ଜଳକୁ ପ୍ରଦୂଷିତ କରୁଛି। ୧ ହେକ୍ଟର ପିଛା ଧାନ କ୍ଷେତ ୫ ଟନ୍ ଅଙ୍ଗାରକାମ୍ଳ ଓ ଏହାର ୨୫ ଗୁଣ ମିଥେନ୍ ଗ୍ୟାସ୍ ନିର୍ଗମନ କରେ। ଏଣୁ ଇ-ଇନ୍ଧନ ପରିବେଶ ଓ ଆର୍ଥିକ ଅନୁକୂଳ ହେବ କେମିତି?

ଏକପକ୍ଷରେ ଇଥାନଲ୍ ଦ୍ୱାରା ପ୍ରତ୍ୟକ୍ଷ ପରିବେଗ ହ୍ରାସ ପାଉଥିବା ବେଳେ ପରୋକ୍ଷରେ ପ୍ରଦୂଷଣ ମଧ୍ୟ ବଢୁଛି। ଭାରତରେ ଇ-ଇନ୍ଧନ ପରୀକ୍ଷଣ ସ୍ତରରେ ରହିଥିବା ସତ୍ତ୍ୱେ ଏହାକୁ ବିଧିବଦ୍ଧ ଅନୁମୋଦନ କରିବା କେତେଦୂର ଯଥାର୍ଥ ତାହା ସୁଧୀ ପାଠକ ଚିନ୍ତା କରିବେ। ●

# ଚାଷ ତରତର ବଣିଜ ମଠ

**ବିଦ୍ୟାଧର ମହାରଣା**



ଚାଷ ତରତର, ବଣିଜ ମଠ। ଓଡ଼ିଆ କୃଷି ସଂସ୍କୃତିର ଏହି ଲୋକପ୍ରିୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରବାଦର ଅର୍ଥ ହେଉଛି ଚାଷ କାମ ସବୁବେଳେ ସମୟାନୁସାରେ ଓ ତତ୍ପରତାର ସହିତ କରିବା ଆବଶ୍ୟକ। ଅପରପକ୍ଷରେ ବ୍ୟବସାୟ କରିବା ବେଳେ ଧୈର୍ଯ୍ୟ, ବିଚାର ଓ ସତର୍କତା ଦରକାର। ଏହା ସମୟ ପରିଚାଳନା ଓ ସଠିକ ନିଷ୍ପତ୍ତିର ଗୁରୁତ୍ୱକୁ ଦର୍ଶାଏ, ଯାହା ଚାଷୀ ଓ ବ୍ୟବସାୟୀଙ୍କୁ ସଫଳତା ପ୍ରଦାନ କରିଥାଏ।

ଚାଷ କାର୍ଯ୍ୟ ପ୍ରକୃତି ଉପରେ ନିର୍ଭରଶୀଳ। ପାଗଯୋଗ ଠିକ୍ ନରହିଲେ ଫସଲର ଅଭିବୃଦ୍ଧି ଅନୁକୂଳ ହୋଇନଥାଏ। ପ୍ରତ୍ୟେକ ଫସଲର କେତେକ ନିର୍ଦ୍ଦିଷ୍ଟ ଅବସ୍ଥା ଥାଏ। ଯେପରିକି ଶସ୍ୟରେ ଅଙ୍କୁରୋଦଗମ, ତଳିରୁଆ, ପିଲ, ଗର୍ଭ ସଞ୍ଚାର, ଫୁଲ, ଦାନା ଗଠନ ଓ ଅମଳ ଇତ୍ୟାଦି। ଡାଲି ଓ ତୈଳବୀଜ ଫସଲରେ ବୁଣା, ବୀଜପତ୍ର, ଅଙ୍ଗୀୟ ବୃଦ୍ଧି, ପ୍ରଜନନ ଓ ଅମଳ ସ୍ଥିତି ଆଦି ଥାଏ। ପ୍ରତି ଅବସ୍ଥା ନିର୍ଦ୍ଦିଷ୍ଟ ଦିନରେ ସମାପନ ହୁଏ। ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣର ଜଳ, ଉତ୍ତାପ ଓ ଆର୍ଦ୍ରତା ଆବଶ୍ୟକ ହୁଏ। ସୁତରାଂ ଚାଷୀମାନେ ଅବହେଳା ନକରି ତରତର ହୋଇ କୃଷି କର୍ମ ସମ୍ପାଦନା କରିବା ଆବଶ୍ୟକ। ଫଳରେ ଫସଲରେ ରୋଗପୋକ ଆକ୍ରମଣ କମିଥାଏ ଏବଂ ଅମଳ ବୃଦ୍ଧିପାଏ। ଏହାଛଡ଼ା କୃଷି ନିମନ୍ତେ ଜମି ପ୍ରସ୍ତୁତି, ବିହନ ବୁଣା, ରୁଆ, ଘାସ ବଛା, ସାର ଓ ଔଷଧ ପ୍ରୟୋଗ ଓ ଅମଳ ସମୟରେ ବ୍ୟତିକ୍ରମ ହେଲେ ଚାଷୀ କ୍ଷତିସହିବା ନିଶ୍ଚିତ।

ଅପରପକ୍ଷରେ ବ୍ୟବସାୟ ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ଏଥିରେ ଅଧିକ ଅର୍ଥ ଲଗାଣ ଓ ବିଭିନ୍ନ ଅଂଶୀଦାର ଆବଶ୍ୟକ ହୋଇଥାଏ। ବ୍ୟବସାୟରେ କ୍ଷତିର ଆଶଙ୍କା ଅଧିକ ଥିବାରୁ ପ୍ରତି ପଦକ୍ଷେପକୁ ଭାବିଚିନ୍ତି ପରିଚାଳନା କରିବାକୁ ହୁଏ। ବ୍ୟବସାୟ ବା ବଣିଜ କରିବା ସମୟରେ ବଜାର ଦର, ଗ୍ରାହକଙ୍କ ଚାହିଦା, ଲାଭ-କ୍ଷତି ଆଦି ବିଷୟରେ ଚିନ୍ତା କରି ଧୀରେ ସୁସ୍ଥେ ପଦକ୍ଷେପ ନେବା ଉଚିତ। ତରବରିଆ ନିଷ୍ପତ୍ତି ବ୍ୟବସାୟରେ କ୍ଷତି ଘଟାଇପାରେ। ବ୍ୟବସାୟ କରିବା ପୂର୍ବରୁ ବିଶ୍ଳେଷଣ (ଶକ୍ତି, ଦୁର୍ବଳତା, ସୁଯୋଗ, ବିପଦ) ଭଲ ଭାବେ କରାଯିବା ଆବଶ୍ୟକ। ବ୍ୟବସାୟର ଅସଲ ଉଦ୍ଦେଶ୍ୟ ପ୍ରଥମରୁ ସ୍ଥିର ହେବା ଆବଶ୍ୟକ। ଏଥିପାଇଁ ସ୍ମାର୍ଟ ସୂଚୀ(ସଠିକ, ମାପଯୋଗ୍ୟ, ସଫଳତା, ବାସ୍ତବ ଓ ସମୟ ଅନୁଯୋଗୀ) ବ୍ୟବହାର କରାଗଲେ ଉଦ୍ଦେଶ୍ୟ ସଠିକ ହୋଇଥାଏ।

ଚଳିତ ବର୍ଷ ଓଡ଼ିଶାରେ ବର୍ଷାଋତୁ ସାଧାରଣଠାରୁ କିଛି କମ୍ ରହିପାରେ ବୋଲି ପ୍ରାରମ୍ଭିକ ଅନୁମାନ ଦେଖାଉଛି। ଭାରତୀୟ ପାଣିପାଗ ବିଭାଗଙ୍କ ଦୀର୍ଘମିଆଦୀ ପୂର୍ବାନୁମାନ ଅନୁସାରେ ୨୦୨୬ ରେ ଏଲ୍-ନିନୋ ପ୍ରଭାବରେ ଦେଶର କେତେକ ଅଞ୍ଚଳରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା ମଧ୍ୟ ତାହାର ପ୍ରଭାବ ଭୋଗିପାରେ। ସାଧାରଣତଃ ଓଡ଼ିଶାରେ ଜୁନ୍ ଦ୍ୱିତୀୟ ସପ୍ତାହରୁ ମୌସୁମୀ ପ୍ରବେଶ କରେ ଏବଂ ବର୍ଷର ତେଇଶ ସପ୍ତାହ ଠାରୁ ଛୟାଳିଶ ସପ୍ତାହ ପର୍ଯ୍ୟନ୍ତ ରହେ। ଏବର୍ଷ ଉପକୂଳ ଓଡ଼ିଶାରେ ସାଧାରଣ କିମ୍ବା ଭଲ ବର୍ଷା ହୋଇପାରେ। କିନ୍ତୁ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷାର ବିଚ୍ଛିନ୍ନତା ଦେଖାଯାଇପାରେ। ଏହାକୁ ବିଚାର କରି ଧାନଚାଷ ପାଇଁ ବର୍ଷା ଆଧାରିତ ଅଞ୍ଚଳରେ ଅପେକ୍ଷାକୃତ କମ୍ ଅବଧିର ବିହନ ବ୍ୟବହାର କରାଯିବା ଉଚିତ। ପାଣିପାଗ ବିଭାଗର ସାପ୍ତାହିକ ସୂଚନା ଅନୁସାରେ କୃଷି କର୍ମ କରିବା ଆବଶ୍ୟକ। କଥାରେ ଅଛି 'ହାଟୁଆ ହୁଡ଼ିଲେ ହାଟ ପାଳିଏ, ଚାଷୀ ହୁଡ଼ିଲେ ବରଷେ।'

ଏହି ପ୍ରସଙ୍ଗଟି ଉପସ୍ଥାପନ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ସରକାର କୃଷି ଓ ଶିଳ୍ପ ତଥା ପୁଞ୍ଜି ନିବେଶ ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଛନ୍ତି ତାହା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଗଭୀର ଚିନ୍ତା କରିବା ଆବଶ୍ୟକ। କୃଷି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କରାଗଲେ ନିଷ୍ପତ୍ତିଗୁଡ଼ିକ ତୁରନ୍ତ ହେବା ଆବଶ୍ୟକ। ସରକାର ଆଗତୁରା ବିହନ, ସାର ଓ ଯନ୍ତ୍ରପାତି ବିକ୍ରୟ କେନ୍ଦ୍ରଗୁଡ଼ିକରେ ଗଚ୍ଛିତ କରି ରଖିବା ଆବଶ୍ୟକ। ଅପରପକ୍ଷରେ କୃଷି ଯଦି ବ୍ୟବସାୟିକ ହିସାବରେ ବା ଉଦ୍ୟୋଗ ହିସାବରେ କରାଯାଏ, ତେବେ ଏଗୁଡ଼ିକୁ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ହେବ। ଆବଶ୍ୟକସ୍ଥଳେ ବିଶେଷଜ୍ଞମାନଙ୍କ ପରାମର୍ଶ ଗ୍ରହଣ କରିବା ଆବଶ୍ୟକ। ସେହିପରି କୃଷି ଭିତ୍ତିଭୂମି ପାଇଁ ପୁଞ୍ଜି ନିବେଶ କରିବା ପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ। ଉଦାହରଣ ସ୍ୱରୂପ ନୂତନ ଜଳସେଚନ ପ୍ରକଳ୍ପ ସ୍ଥାପନ ପୂର୍ବରୁ ଏହାର ବ୍ୟୟ ଅଟକଳ, ବିସ୍ଥାପନ ସମସ୍ୟା, ପ୍ରକଳ୍ପ ଦ୍ୱାରା ଲାଭକ୍ଷତି, ପରିବେଶ ସମସ୍ୟା ଓ ଅନ୍ୟାନ୍ୟ ବିକଳ୍ପ ବିଷୟରେ ଗଭୀର ଭାବରେ ଚିନ୍ତାକରି ନିଷ୍ପତ୍ତି ନେବାକୁ ହେବ।

କୃଷି କ୍ଷେତ୍ରରେ ହଠାତ୍ କୌଣସି ସମସ୍ୟା ଦେଖାଗଲେ ଏହାକୁ କାଳବିଳମ୍ବ ନକରି ସମାଧାନ କରିବାକୁ ହେବ। କାରଣ ଏଥିରେ ବିଳମ୍ବ କରିବା ଅର୍ଥ ସମସ୍ୟାକୁ ଅଧିକ ବଢ଼ାଇବା ସହ ସମାନ। ମନେକରାଯାଉ କ୍ଷେତ୍ରରେ ହଠାତ୍ ରୋଗପୋକ ଆକ୍ରମଣ ଦେଖାଗଲା। ତେବେ ଏପରି ପରିସ୍ଥିତିରେ ସମସ୍ତ ସମ୍ବଳ ଏକାଠି କରି ଏହାର ନିରାକରଣ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ସେହିପରି ନିର୍ମାଣ, ଭିତ୍ତିଭୂମି ସ୍ଥାପନ ଓ ବିଭିନ୍ନ ଶିଳ୍ପୋଦ୍ୟୋଗ ପାଇଁ ପୁଞ୍ଜିନିବେଶ କରିବା ପୂର୍ବରୁ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଗଭୀର ଅନୁଧ୍ୟାନ କରି ପରିବେଶ, ଜନସାଧାରଣଙ୍କ ଉପରେ ଏଗୁଡ଼ିକର ପ୍ରଭାବ ଇତ୍ୟାଦି ଉପରେ ଅନୁଶୀଳନ କରିବା ପରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। କାରଣ ତରତର ହୋଇ ପ୍ରକଳ୍ପ ସ୍ଥାପନ କଲେ ବହୁ ଅସମାହିତ ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବନାହିଁ। ଚାଷରେ ତତ୍ପରତା ଏବଂ ବ୍ୟବସାୟରେ ଧୈର୍ଯ୍ୟ ଅବଲମ୍ବନ କଲେ ସଫଳତା ଲାଭ କରାଯାଇପାରେ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ପଖାଳର ଅଭିସାର

**ଗୌରୀ ପ୍ରସାଦ ମହାପାତ୍ର**

ବିଗତ ଶତାବ୍ଦୀର ଷାଠିଏ ଦଶକର ଶେଷ ଓ ସତୁରୀ ଦଶକର ଆଦ୍ୟଭାଗରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ପ୍ରୌଢ଼ଶିକ୍ଷା ଅଭିଯାନ ଅନ୍ତର୍ଗତ 'କାଳିଆ ବଳଦ ଗଲା ଗଲା' ପୁସ୍ତକରେ ଉପଦେଶ ଛଳରେ ଲିଖିତ 'ଚା' ଆଉ ପଖାଳ' ଗୀତଟିକୁ ଯେଉଁମାନେ ମନେ ରଖିଥିବେ ସେମାନଙ୍କ ପାଇଁ ଆଜିର 'ପଖାଳ ପାଇଁ ୨ କୋଟି ଖର୍ଚ୍ଚ' ଶୀର୍ଷକ ସମ୍ବାଦଟି ଭାବାନ୍ତର ଆଣିଥିବ। ସଂକ୍ଷେପରେ 'ଚା' ଆଉ ପଖାଳ' ଗୀତୋପଦେଶର ସାରାଂଶ ଏହିପରି -

କୌଣସି ଏକ ପରିବାରରେ ଦିନେ ସକାଳୁ ସକାଳୁ ଟେବୁଲ୍ ଉପରେ ବସିଥିବା ଚା' ଚଟାଣରେ ଥିବା ପଖାଳକୁ ଭର୍ତ୍ସନା କରିଚାଲିଛି। ଅସୂୟା ଓ ଅହଂକାରଭରା ଶବ୍ଦରେ ଚା' କହିଛି - 'ଗୁରୁତ୍ୱ ଦୃଷ୍ଟିରୁ ଓ ଉଚ୍ଚଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସବୁବେଳେ ଟେବୁଲ୍ ଉପରେ ସମ୍ମାନିତ ସ୍ଥାନ ପାଉଛି; ମୋ ପାଖରେ ସୁନ୍ଦର ଫୁଲଦାନୀ, ଖବରକାଗଜ, ପତ୍ରିକା ଆଦି ଆଭିଜାତ୍ୟର ଉପାଦାନମାନ ରହିଛି। ଅଥଚ ମାମୁଲି ପଦବାଚ୍ୟ ହୋଇଥିବାରୁ ତୋର ସ୍ଥାନ କେବଳ ଚଟାଣ ଉପରେ।' ପ୍ରତ୍ୟୁତ୍ତରରେ ପଖାଳ ଅତି ସରଳ ଭାବରେ ନିଜର ହିତକାରୀ ଗୁଣ ଆଉ ଚା'ର ଅପକାରୀ ପ୍ରଭାବ ବଖାଣିଛି। ଶେଷରେ ପରିବାରର ସାନ ପୁଅ ଆସି ଚା' ପିଇବା ବଦଳରେ ପଖାଳ ଖାଇଛି। ଏଥିରୁ କିଏ ବଡ଼ କିଏ ଛୋଟ(ଉପକାରୀ ଓ ଅପକାରୀ) ପ୍ରମାଣିତ ହୋଇଛି।

ଏବେ ପଖାଳର ମନସ୍ତତ୍ତ୍ୱକୁ ପଢ଼ାଯାଉ। ପଖାଳ ସିନା ସେଦିନ ଚା'ଠାରୁ ତର୍କରେ ଜିତିଗଲା, କିନ୍ତୁ ତା' ମନ ଭିତରର କେଉଁ ଏକ ନିଭୃତ କୋଣରେ ନିଶ୍ଚୟ ଏକ ଅବସୋସ ରହିଯାଇଥିବ ଯେ ବିପୁଳ ପୌଷ୍ଟିକତା ଓ ହିତକାରୀ ଗୁଣ ସତ୍ତ୍ୱେ 'ଗରିବର ଖାଦ୍ୟ' ଭଳି ଅଲୋଡ଼ା ଓ ଅପରିହାର୍ଯ୍ୟ ପରିଚୟ(ଅପଖ୍ୟାତି)ଟିଏ ତା'ସହିତ ଚିରଦିନ ଯୋଡ଼ି ହୋଇଯାଇଛି। ହୁଏତ ସେଦିନ ତା'ମନରେ ମଧ୍ୟ ଟେବୁଲ୍ ଉପରେ ସ୍ଥାନ ପାଇବାର ଆକାଂକ୍ଷାଟିଏ ଜନ୍ମ ନେଇଥିବ। ଶ୍ରମଣା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଯେଭଳି ନିତିଦିନ ଅଗଣାକୁ ସଫା କରି ପାଣି ଛିଞ୍ଚି ଫୁଲ ବିଞ୍ଚି ଚାହିଁ ବସୁଥିଲା, ପଖାଳ ମଧ୍ୟ ସେଭଳି ଚାହିଁ ରହିଥିବ କେବେ କେଉଁ ସମ୍ଭ୍ରାନ୍ତର ହାତ ଓ ମୁଖ ତା'କୁ ସ୍ପର୍ଶ କରିବ! ପୁଣି ସେ ପାଷାଣୀ ଅହଲ୍ୟା ଭଳି ଅପେକ୍ଷା କରି ରହିଥିବ କେବେ କେଉଁ ଜଣେ ମର୍ଯ୍ୟାଦାପୁରୁଷଙ୍କ ସ୍ପର୍ଶରେ 'ଗରିବର ଖାଦ୍ୟ' ଅଭିଶାପରୁ ସେ ମୁକ୍ତ ହେବ!

ପଖାଳର ସେହି ଶ୍ରମଣା-ଅହଲ୍ୟା ସୁଲଭ ଆକାଂକ୍ଷା ଓ ଅପେକ୍ଷାର ଅନ୍ତ ଘଟିଛି ଏବଂ ସେହି ଅଭିସାରର ସ୍ୱପ୍ନ ବିଧିବଦ୍ଧ ଭାବେ ବାସ୍ତବ ରୂପ ନେଇଛି ୨୦୨୬ ମାର୍ଚ୍ଚ ୨୦ ତାରିଖରେ। ସେଦିନ ରାଜଧାନୀ ଭୁବନେଶ୍ୱରର କୌଣସି ଏକ ଆଭିଜାତ୍ୟସମ୍ପନ୍ନ ଆଡ଼ମ୍ବରପୂର୍ଣ୍ଣ ଭୋଜନାଳୟରେ ଜଣେ ଭୋଜନପ୍ରିୟ ଶାସନମୁଖ୍ୟ ଓ ତାଙ୍କ ଧନାଢ୍ୟ ସତୀର୍ଥମାନଙ୍କ କର ଓ ମୁଖ ସ୍ପର୍ଶରେ ପଖାଳ କେବଳ ଧନ୍ୟ ହୋଇନାହିଁ, 'ଗରିବର ଖାଦ୍ୟ' ଅପଖ୍ୟାତିରୁ ମୁକ୍ତି ପାଇଛି। ସତେଯେମିତି ସୀତାଙ୍କ ସନ୍ଧାନରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶ୍ରମଣାର କୁଟୀରକୁ ଆସିଛନ୍ତି ଏବଂ ଅଇଁଠା କୋଳି ଖାଇ ତା'ର ଶବରୀ ଜୀବନକୁ ଧନ୍ୟ କରିଛନ୍ତି। ଶ୍ରମଣା ଓ ପଖାଳ ଭିତରେ ତଫାତ୍ କେବଳ ଏତିକି ଯେ ସେମାନଙ୍କୁ ଉଦ୍ଧରିତ କରିଥିବା ପ୍ରଭୁମାନଙ୍କର ନାମ ଯୁଗାବତାର ଅନୁଯାୟୀ ଭିନ୍ନ। ପଖାଳ ଆହୁରି ମଧ୍ୟ ଉତ୍ଫୁଲ୍ଲିତ ହୋଇଥିବ 'ଗିନିସ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡ'ରେ ସ୍ଥାନିତ ହେବାର ଗର୍ବ ନେଇ, ଯାହାର ସାମଗ୍ରିକ ଆୟୋଜନ ପାଇଁ ଖର୍ଚ୍ଚ ହୋଇଛି ୨ କୋଟିରୁ ଅଧିକ ଟଙ୍କା।

ଗରିବ-ଓଡ଼ିଶାର ଭାତକଂସାର ସୀମା ଭିତରେ ବାନ୍ଧି ହୋଇ ରହିଥିବା ପଖାଳର ଏ ଉତ୍ତରଣରେ ଚା' ବୋଧହୁଏ ଆଜି ମ୍ରିୟମାଣ ହୋଇଯାଇଥିବ। କାରଣ ଓଡ଼ିଶା ଭଳି ଗରିବ ରାଜ୍ୟରେ ଚା'ଭୋଜିରେ ଏତେ ଟଙ୍କା ଖର୍ଚ୍ଚ ହୋଇଥିବା କେବେ ରେକର୍ଡଭୁକ୍ତ ହୋଇନାହିଁ କି ଏଭଳି ସରକାରୀ ସ୍ୱୀକୃତି ପାଇନାହିଁ। ଜାତିସଂଘରେ ଶ୍ରୀଅନ୍ନର ସ୍ୱୀକୃତି ପାଇଥିବା ଓଡ଼ିଶାର ଆଉ ଏକ ଗରିବର ଖାଦ୍ୟ ମାଣ୍ଡିଆ ମଧ୍ୟ ପଖାଳର ଏହି ଉପଲବ୍ଧିରେ ଈର୍ଷୁକ ହୋଇଯାଇଥିବ। ପୂର୍ବ ସରକାର ଅମଳରେ ରାଜ୍ୟ ଓ ଜାତୀୟସ୍ତରରେ 'ମାଣ୍ଡିଆ ଦିବସ' ପାଳନ କରି ଏହାକୁ ବିଶ୍ୱାଦୃତ କରାଯାଇଥିଲେ ମଧ୍ୟ ଏଭଳି ବହ୍ୱାଡ଼ମ୍ବର ଓ ଖର୍ଚ୍ଚବହୁଳ ଆୟୋଜନର ଅନୁପସ୍ଥିତିରେ ମାଣ୍ଡିଆ ମନରେ ହୀନମନ୍ୟତା ଜନ୍ମ ନେଇସାରିଥିବ। ଆଜିର ଦିନରେ ଯଦି 'କାଳିଆ ବଳଦ ଗଲା ଗଲା' ଶୀର୍ଷକ ବହିଟିର ସଂଶୋଧିତ ସଂସ୍କରଣ ପ୍ରକାଶିତ ହୁଅନ୍ତା(ସାମ୍ପ୍ରତିକ ଏନ୍ସିଇଆରଟି ପାଠ୍ୟକ୍ରମ ଭଳି) ତେବେ ପଖାଳ ସେଦିନର ପ୍ରତିଦ୍ୱନ୍ଦ୍ୱୀ ଚା'କୁ ଦେଖେଇ ହୋଇ କହିବାର ସୁଯୋଗଟିଏ ପାଇଯାଆନ୍ତା।

ଉପରୋକ୍ତ ବ୍ୟଙ୍ଗ-ଶ୍ଳେଷଧର୍ମୀ ଆଲୋଚନାରୁ କିଛିସମୟ ପାଇଁ ଅବ୍ୟାହତି ନେଇ ବାସ୍ତବ ଦୁନିଆକୁ ଆସିବା। ମାର୍ଚ୍ଚ ୨୦ ତାରିଖରେ 'ପଖାଳ ଦିବସ'ର ଉତ୍ଥାନ ସହିତ ସମାଜର ବିଭିନ୍ନ ସ୍ତର ଏବଂ ଅର୍ଥନୀତିର ବିଭିନ୍ନ ବର୍ଗରେ 'ପଖାଳଖିଆ ଉତ୍ସବ'ମାନ ଗତ କିଛିବର୍ଷ ହେଲା ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ଆୟୋଜନ ହୋଇଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପୂର୍ବତନ ରାଷ୍ଟ୍ରପତିଙ୍କ ପରି ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ମଧ୍ୟ ପଖାଳ ଖାଇଛନ୍ତି। ତେଣୁ ୨୦୨୬ ମାର୍ଚ୍ଚ ୨୦ ତାରିଖ ସେଭଳି ଅନନ୍ୟ ନଥିଲେ ମଧ୍ୟ ସରକାରୀ ସ୍ତରରେ 'ପଖାଳ ଦିବସ' ପାଳନ ପାଇଁ ଗରିବ ଓଡ଼ିଶାର ଲୋକଙ୍କ ଟିକସ ପଇସାରେ ଗଠିତ ରାଜ୍ୟ ରାଜକୋଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ଅଭୂତପୂର୍ବ ନିଷ୍ପତ୍ତି। ଏହା ଓଡ଼ିଶାର ଗରିବ ବର୍ଗ ପ୍ରତି ଉପହାସ ନୁହେଁ ତ? ପୁଣି ଓଡ଼ିଆ ଜନଜୀବନର ପ୍ରାଣ ଓ ଜୀବଧନ ପଖାଳର ଉତ୍ତରଣ ପାଇଁ କୁଆଡ଼େ ଅଣଓଡ଼ିଆଙ୍କ ସାହଚର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ଥିଲା। ତେଣୁ ସରକାରଙ୍କ 'ପଖାଳଖିଆ କାର୍ଯ୍ୟକ୍ରମ'ରେ ଦଳଦଳ ଅଣଓଡ଼ିଆ ନିମନ୍ତ୍ରିତ ହୋଇ ପଞ୍ଚତାରକା ହୋଟେଲ୍‌ରେ ଆତିଥେୟ ଲଭିଲେ। ପୁଣି ଓଡ଼ିଆ ଅସ୍ମିତାର ଅନ୍ୟତମ ପରିଚୟ ପଖାଳକୁ ରାନ୍ଧିବା ଓ ପରସିବା ଦାୟିତ୍ୱ ନେଲେ ଅଣଓଡ଼ିଆ ନାମୀଦାମୀ ରୋଷେୟାମାନେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାରକୁ ବିଶ୍ୱାଦୃତ କରିବା ଲକ୍ଷ୍ୟରେ ଆମେରିକା/ରୁଷ ରାଷ୍ଟ୍ରପତିଙ୍କ ଦ୍ୱାରା ରଥରେ ଛେରାପହଁରା ଦାୟିତ୍ୱ ସମର୍ପି ଦେଲା ଭଳି କଥା ଏ ହେଲା। 'ପଖାଳ ଦିବସ'ର ଏଭଳି ଖର୍ଚ୍ଚବହୁଳ ଆୟୋଜନ ଦେଖି ଏବେ ପଖାଳ ବୋଧହୁଏ କହୁଥିବ ମୁଁ ତ ଗରିବର ଖାଦ୍ୟର ଅପଯଶ ଅର୍ଜିଛି। କିନ୍ତୁ ମନ୍ତ୍ରୀ-ନେତା-ବାବୁମାନେ ମଧ୍ୟ କ'ଣ ଏତେ ଗରିବ ଯେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ପଖାଳ ଖାଇବା ପାଇଁ ସେମାନଙ୍କ ପାଖରେ ପଇସା ନ ଥିଲା!

ପଖାଳର ଆଭିଜାତ୍ୟ-ଅଭିସାରର ସ୍ୱପ୍ନ ସାକାର ହୋଇଛି ସତ; କିନ୍ତୁ ଏବେ ଯଦି ତା'ର ମନସ୍ତତ୍ତ୍ୱ ପଢ଼ି ହୁଅନ୍ତା ତେବେ ଜଣାପଡ଼ନ୍ତା - ହୁଏତ ପୁଣି ସେ ଫେରିଯିବାକୁ ଚାହୁଁଥିବ ସେହି ପୁରୁଣା ଗାଁଗହଳିର ଚାଳଛପର ଘରକୁ, ଯେଉଁଠି ଲେଖାଯାଇଥିବ ତା' ଷଠିଘର; ଯେଉଁଠି ନ ଥିବ ଆଭିଜାତ୍ୟର ଅହଂକାର; ଥିବ କେବଳ ଅନ୍ନକୁ ବ୍ରହ୍ମ ଜ୍ଞାନ କରୁଥିବା ଅପାଠୁଆ ନିପଟ ଓଡ଼ିଆଙ୍କ ଅମୂଲ୍ୟ ଆତ୍ମୀୟତା। ପଞ୍ଚତାରକାର ଅଭିସାରିଣୀ ପଖାଳ ଏବେ କହୁଥିବ - ସେହି ପତ୍ରକୁଡ଼ିଆ ମୋ ପାଇଁ ଶତଗୁଣେ ଶ୍ରେୟସ୍କର, ଯେଉଁଠି ମାଟିଖପରାରେ ଲଙ୍କା, ଲୁଣ, ତେନ୍ତୁଳି ହେଉ ପଛେ ନିଜ କଷ୍ଟାର୍ଜିତ ପଇସାରେ ଲୋକେ ପଖାଳ ଖାଉଛନ୍ତି, ରାଜସ୍ୱ ଲୁଟି ନାହାନ୍ତି। ପଖାଳ ଆଜି ପୁଣି ଆତଙ୍କିତ ହୋଇଯାଇଥିବ ଯେ ତା'ର ଟେବୁଲ୍-ଅଭିସାରର ଖର୍ଚ୍ଚବହୁଳ ଆଡ଼ମ୍ବର ପରେ ଟିକସ-ସର୍ବସ୍ୱ ଭାରତରେ ହୁଏତ 'ପଖାଳ କର' ଓ 'ଉପକର' ଆଦି ଲାଗୁ ହୋଇ ଗରିବର ପଖାଳକଂସାକୁ ଆଉ ମହଙ୍ଗା କରିଦେବ ନାହିଁ ତ! ଯଦି ସେଭଳି କେବେ ହୁଏ ତେବେ ପଖାଳର ଅଭିସାର ଅଭିଶାପ ହୋଇଯିବ ଆଉ ତା'ର ଏହି ମହାର୍ଘ ଉପଲବ୍ଧି ତା'କୁ ପଶ୍ଚାତାପ ପାଇଁ ବାଧ୍ୟ କରିବ। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ରହସ୍ୟମୟ ଶ୍ରୀଜଗନ୍ନାଥ

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

**ଡଃ ସମୀର କୁମାର ନନ୍ଦ**



ଭାରତରେ ଚାରିଧାମ ରହିଛି। ବଦ୍ରିନାଥ ଧାମରେ ବଦ୍ରିନାରାୟଣ, ଦ୍ୱାରିକାଧାମରେ ଦ୍ୱାରିକାଧୀଶ ଓ ରାମେଶ୍ୱରଧାମରେ ରାମେଶ୍ୱରମ ବିରାଜିତ ଓ ପୂଜିତ। କିନ୍ତୁ ପୁରୀ ଧାମରେ ସେ ନା ପୁରୀନାଥ, ନା ଓଡ଼ିଶାନାଥ, ନା ଭାରତନାଥ। ସେ ଜଗତରନାଥ ଜଗନ୍ନାଥ ନାମରେ ପରିଚିତ। ସମଗ୍ର ଜଗତର କଲ୍ୟାଣ ପାଇଁ ସେ ଜଗତକର୍ତ୍ତା, ଜଗତହର୍ତ୍ତା, ଜଗତବିଧାତା ଓ ଜଗତରକ୍ଷାକର୍ତ୍ତା। ଯେତେବେଳେ ଯିଏ ଜଗତପିତା ଓ ଜଗତମାତାଙ୍କୁ ଆରାଧନା କରେ ସେତେବେଳେ ସେ ହୋଇଯାଏ ଜଗତଜିତା। ବେଦର ଆଦିପୁରୁଷ ଜଗତର ନାଥ ଜଗନ୍ନାଥ। ତାଙ୍କର ଅନନ୍ତ ମସ୍ତକ, ଅନନ୍ତ ଚକ୍ଷୁ ଓ ଅନନ୍ତ ପାଦ। ଭୌତିକ ଓ ଆଦିଭୌତିକ ଜଗତରେ ପରିବ୍ୟାପ୍ତ ସେ ପରାତ୍ପର। ଚରାଚରର ସମସ୍ତ ଦୃଷ୍ଟ ଓ ଅଦୃଷ୍ଟ ସୃଷ୍ଟି ତାଙ୍କର ଚେତନାର ସୌନ୍ଦର୍ଯ୍ୟରେ ରସାଣିତ। ମହାଜାଗତିକ ସମସ୍ତ ପ୍ରକାଶର ଊର୍ଦ୍ଧ୍ୱରେ ସେ ସୀମାହୀନ କର୍ତ୍ତା, କାର୍ଯ୍ୟ ଓ କାରଣ। ସେ ସମସ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କର୍ଣ୍ଣଧାର। ସୃଷ୍ଟି ଓ ବିବର୍ତ୍ତନର ସେ ନିୟାମକ। ଯନ୍ତ୍ରଣା-ଜର୍ଜରିତ ନିଖିଳ ମାନବର ପାର୍ଥିବ ଚେତନାର ସେ ସଦାଜାଗ୍ରତ ନିୟନ୍ତା। ସେ ସମସ୍ତ ଅସ୍ତିତ୍ୱର ରହସ୍ୟ। ସେ ଶେଷହୀନ ବାସ୍ତବତା। ସେ ତଦେକମ୍। ସେ ବିଧାତାର ବିଧାତା। ସେ ପରିଚିତ ଅପରିଚେୟ, ନାମହୀନ ସର୍ବନାମ। ମହାଜାଗତିକ ବିବର୍ତ୍ତନରେ ସେ ଦେବମୁହୂର୍ତ୍ତମାନଙ୍କର ଉତ୍ସ। ଭଗବତ ଗୀତାର ସେ ପୁରୁଷୋତ୍ତମ। ସେ ପୂର୍ଣ୍ଣ ଚେତନାର ବାସ୍ତବତା, ସ୍ଥିର ଓ ଅସ୍ଥିର। ଭଙ୍ଗୁର ଓ ଚିରନ୍ତନର ଊର୍ଦ୍ଧ୍ୱରେ ତାଙ୍କର ଗତି। ସେ ଅନତିତମ ଦୂରତା, ପୂର୍ଣ୍ଣତମ ରହସ୍ୟ।

ସେ ସମସ୍ତଙ୍କୁ ହାତ ଦେଇଦେଇ ହସ୍ତହୀନ। ଯିଏ ତାଙ୍କୁ ହସ୍ତ ପ୍ରସାରଣ କରି ଆଲିଙ୍ଗନ କରେ ସେ ହୁଏ ନିଜର। ସେ ବିଲୀନ ହୋଇଯାଏ ଅନନ୍ତ ପିଣ୍ଡମୟ ବ୍ରହ୍ମରେ। ସେ ସମସ୍ତ କାଳକୁ ଅତିକ୍ରମ କରି କାଳାଧୀଶ। ତେଣୁ ସେ ଅପଲକ ନେତ୍ର, ସେ ଅନନ୍ତ ଗତିହୀନ ଗତିଶୀଳତା। ଏଣୁ ସେ ପାଦବିହୀନ, ସ୍ଥାଣୁ, ସେ ଅକ୍ଷର, ସେ ବାଙ୍ମୟ। ଓଡ଼ିଶାର ଆଦିବାସୀ ଶବରମାନଙ୍କ ସହିତ ତାଙ୍କର ସଂଯୋଗ ମାନବିକ ବିଭୁତିର ଏକ ମହନୀୟ ଉପାଖ୍ୟାନ। ଶବରମାନେ ତାଙ୍କ ଦେବତାକୁ ବନ୍ଧୁ ଓ ଜ୍ଞାତି ହିସାବରେ ଗ୍ରହଣ କରି ନେଇଛନ୍ତି। ସେମାନଙ୍କ ଆଖିରେ ଜଗନ୍ନାଥ ମଣିଷ, ଅତିମାତ୍ରାରେ ମଣିଷ। ଯିଏ ସେମାନଙ୍କ ସହିତ ହସନ୍ତି, ଖେଳନ୍ତି ଓ ସେମାନଙ୍କ ସୁଖ-ଦୁଃଖରେ ଭାଗ ନିଅନ୍ତି।

ଶ୍ରୀଜଗନ୍ନାଥଙ୍କ ଲୀଳା ମାନବ ସ୍ୱରୂପୀ। ଶ୍ରୀଜଗନ୍ନାଥଙ୍କ ଆଦି ଓ ଅନ୍ତ କେଉଁଠି ତାହା ରହସ୍ୟାବୃତ୍ତ। ଓଡ଼ିଆଙ୍କ ଭାବମାନସରେ ସେ ମନୁଷ୍ୟ ପରି ଖାଆନ୍ତି, ଶୁଅନ୍ତି, ଧୂଳିଧୂସରିତ ହୁଅନ୍ତି। ଓଡ଼ିଆଙ୍କ ପିଠା ଓ ମିଠା ଏବଂ ମାଉସୀଙ୍କ ଘରେ ପୋଡ଼ପିଠା ମଧ୍ୟ ଖାଆନ୍ତି। ଭାବରେ ବାଇଗଣ କିଆରିରେ ଖଣ୍ଡିଆଖାବରା ହୋଇ ବୁଲନ୍ତି। ପୁଣି ବନ୍ଧୁ ବୋଲି କହି କାହାକୁ ରାତିରେ ଖାଇବାକୁ ଆଣିଦେଇ ଅତିଥି ଚର୍ଚ୍ଚା କରନ୍ତି। ଭକ୍ତଙ୍କ ସାଙ୍ଗରେ ମେଳା ମଉଛବ କରନ୍ତି। ମାନ-ଅଭିମାନ, ରାଗ-ରୁଷା ଓ ଥଟ୍ଟା-ପରିହାସରେ ନିଜକୁ ମଜ୍ଜାଇ ଦିଅନ୍ତି। ଆମ ପରି ପଖାଳ ଖାଆନ୍ତି। ଖାଇସାରି ପାନ ମଧ୍ୟ ଗ୍ରହଣ କରନ୍ତି। ପ୍ରାତଃରୁ ଉଠି ମୁଖ ପ୍ରକ୍ଷାଳନ, ଦନ୍ତମାର୍ଜନ, ସ୍ନାନଶୌଚ, ପୋଷାକ ପରିଧାନ କରନ୍ତି। ରାତିରେ ପହଡ଼ ପାଇଁ ଗୀତଗୋବିନ୍ଦ ଶୁଣନ୍ତି।

ଜଗନ୍ନାଥ କେବଳ ଏକ ପୂଜିତ ପ୍ରତିମୂର୍ତ୍ତି ନୁହନ୍ତି। ସେ ପୁରୁଷମାନଙ୍କ ମଧ୍ୟରେ ପୁରୁଷୋତ୍ତମ, ବେଦମାନଙ୍କ ମଧ୍ୟରେ ସାମବେଦ ଓ ଦେବତାମାନଙ୍କ ମଧ୍ୟରେ ଜଗନ୍ନାଥ। ●

ଦେବଗଡ଼, ମୋ: ୯୪୩୭୨୧୮୯୧୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟକ ବିକ୍ରମଙ୍କ ପରିବାର ବର୍ଗଙ୍କୁ ଭେଟିଲେ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ

## ବରିଷ୍ଠ ନେତା ଦେବୀ ଓ ଅତନୁଙ୍କ ସହ ସାମିଲ ହେଲେ ଚନ୍ଦ୍ରଶେଖର, ଚ୍ୟାଉପଟ୍ଟନାୟକ



ବ୍ରହ୍ମପୁର,୬ ।୭(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ ଆଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ନେତୃମଣ୍ଡଳୀ। ରାଜନୈତିକ ଆକ୍ରୋଶର ଶୀକାର ହୋଇଥିବା ଯୁବ ନେତା ବିକ୍ରମଙ୍କ ସହିତ ଦଳ ସଦାସର୍ବଦା ରହିଛି ଏବଂ ରହିବ ମଧ୍ୟ। ଏହି ବାର୍ତ୍ତା ଦେବା ପାଇଁ ବିଜେଡିର ନେତୃମଣ୍ଡଳୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଭେଟି ଆଶ୍ୱାସନା ଦେଇଥିବା ଜଣାପଡିଛି। ବିଜେଡିର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକଙ୍କ ଦିନିକିଆ ଗଞ୍ଜାମ ଗସ୍ତ କାଳରେ ଏହି ସାକ୍ଷାତ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ତଥା ବରିଷ୍ଠ ରାଜ୍ୟ ଉପ ସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବ ବିଜେଡି ଜୋନ ସଭାପତି ଜ୍ୟୋତିରଂଜନ ସାହୁଙ୍କ ସମେତ ବହୁ କର୍ପୋରେଟର ଓ ପୂର୍ବତନ କର୍ପୋରେଟର ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ନେତୃବୃନ୍ଦ ବିକ୍ରମଙ୍କ ଅନୁପସ୍ଥିତିରେ ତାଙ୍କ ବୃଦ୍ଧ ବାପା ଓ ମାଆଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗତ ଅକ୍ଟୋବର ୨୨ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି।

# ବେଆଇନ ଖଣି ଖନନ ବିରୋଧରେ ପଦକ୍ଷେପ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬ ।୭(ସମିସ): ରାଜ୍ୟରେ ବେଆଇନ ଖଣି ଖନନ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲାର ପିପିଲି ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମବାସୀଙ୍କ ତରଫରୁ ଦାଖଲ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ ଯେ ବେଆଇନ ଖଣି ଖନନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ ହୋଇଛି ଏବଂ ସମଗ୍ର ରାଜ୍ୟରେ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ବେଆଇନ ଖଣି ଖନନ କରିବାକୁ କଦାପି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଓଡ଼ିଶାରେ ବେଆଇନ ଖଣି ଖନନ ରୋକିବା ପାଇଁ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି ଏବଂ ଆଗାମୀ ଦିନରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ପରବର୍ତ୍ତୀ ଏକ ସପ୍ତାହ ମଧ୍ୟରେ ପ୍ରତିଜବାବ ଦାଖଲ କରିବାକୁ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ, ଗୋବର୍ଦ୍ଧନପୁର ନିକଟ ଦୟା ନଦୀରୁ କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିବା ନେଇ ପ୍ରଭାବିତ ଗ୍ରାମବାସୀମାନେ ଗତ ୨୦୨୫ ଡିସେମ୍ବର୨୬ ତାରିଖରେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏ ନେଇ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନଥିଲା।

## ବହୁଚର୍ଚ୍ଚିତ ପିଲାଚୋର ଭିଡ଼ହିଂସା ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଗିରଫ

ବିଷମକଟକ/କଲ୍ୟାଣସିଂହପୁର, ୬।୭(ସମିସ): ବହୁଚର୍ଚ୍ଚିତ ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଭିଡ଼ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଭଜରାନ ନାଇକ ସହ ରାଜେଶ ଉଲ୍ଲକାକୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି। ଏଥିସହ ଗିରଫ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି। ମୁଖ୍ୟ ଅଭିଯୁକ୍ତ ଭଜରାନଙ୍କ ଘର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଦୁରିପଦର ଗ୍ରାମରେ ଏବଂ ରାଜେଶଙ୍କ ଘର ଧାମୁଣିପଙ୍ଗା ପଞ୍ଚାୟତ କଟିକିନାଳ ଗ୍ରାମରେ। ସୋମବାର ବିଷମକଟକ ଉପକାରାଗାରରେ ପୀଡ଼ିତାଙ୍କ ଉପସ୍ଥିତିରେ ଏହି ଅଭିଯୁକ୍ତମାନଙ୍କର ଟେଷ୍ଟ ଆଇଡେଣ୍ଟିଫିକେସନ୍ (ଟିଆଇ) ପ୍ୟାରେଡ୍ କରାଯାଇଛି। ସୋମବାର ସନ୍ଧ୍ୟାରେ ବିଷମକଟକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଜୈନଙ୍କ ଉପସ୍ଥିତିରେ ଟିଆଇ ପ୍ୟାରେଡ୍ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା। ଏହି ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସୂଚନା ଦେଇଥିଲେ। ଘଟଣା ଦିନ ଭିଡ଼ହିଂସାରେ ସାମିଲ ଥିବା କିଛି ଅଭିଯୁକ୍ତଙ୍କୁ ପୀଡ଼ିତା ଟିଆଇ ପ୍ୟାରେଡ୍‌ରେ ଚିହ୍ନଟ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ଜୁନ୍ ୧୬ ତାରିଖ ଫେଲୋସିପ କାର୍ଯ୍ୟରେ ଯାଉଥିବା ଦିଲ୍ଲୀ ଆଜାଦପୁର ଅଞ୍ଚଳର ସୁମନ ଝାପ ଓ ଗୁଜୁରାଟ ସୁରତର ଅର୍ପିତା ସୂତାରିଆଙ୍କୁ ପିଲାଚୋର ବୋଲି ବିଭିନ୍ନ ଗ୍ରାମରେ ଭଜରାନ ଓ ରାକେଶ ଅପପ୍ରଚାର କରିଥିଲେ। ସୁମନ ଓ ଅର୍ପିତା ଦାଣ୍ଡପଦର, ସିଲେଟ, ବଣ୍ଡେଲି, କଲ୍ୟାଣସିଂହପୁର ବ୍ଲକ ତାଡିଝୋଲା, ଧାମୁଣିପଙ୍ଗା, କଟିକିନାଳ, ଇନ୍ତାଲିଗୁଡା ଗ୍ରାମ ଦେଇ ଆସୁଥିବା ବେଳେ ସାହିନଗର ନିକଟରେ ଯୁବକ ମାନେ ସଂଘବଦ୍ଧ ଭାବେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଯୁବତୀଙ୍କୁ ବିବସ୍ତ୍ର କରି ମାଡ଼ ମାରିବା ସହ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋମବାର ସନ୍ଧ୍ୟାରେ ପୀଡ଼ିତା ବିଷମକଟକ ଥାନାରେ ପହଞ୍ଚିବା ପରେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ବିଷମକଟକ ଉପକାରାଗାରକୁ ନିଆଯାଇଥିଲା। ସେଠାରେ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଟିଆଇ ପ୍ୟାରେଡ୍ ସମ୍ପନ୍ନ ହୋଇଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଏହି ଟିଆଇ ପ୍ୟାରେଡ୍ ମାମଲାର ବିଚାର ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଭାବେ ବିବେଚନା କରାଯାଉଛି।

### ବିଷମକଟକ ଉପକାରାଗାରରେ ୨୪ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ



# ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଜାମିନ ପାଇଁ ହାଇକୋର୍ଟରେ ଭୀମସେନ

କଟକ,୬ ।୭(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଗତ ଜୁଲାଇ ୧ରେ କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ଟୁଡୁଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଥାଉକି ଚନ୍ଦ୍ରିକାଙ୍କ ମୃତଦେହ କାଠଯୋଡ଼ି କୂଳରୁ ମିଳିବା ପରେ ଗତ ଜୁନ ୪ରେ ବାରଙ୍ଗ ଥାନାରେ ଚନ୍ଦ୍ରିକାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଅଭିଯୋଗ ଆଧାରରେ ଜୁନ ୧୩ରେ ଶ୍ରୀ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପରେ ଗତ ଜୁନ ୨୭ରେ ଶ୍ରୀ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା। ସେ ଓଡ଼ିଶା ଟାକ୍ସେସନ ଓ ଆକାଉଣ୍ଟସ ସର୍ଭିସର ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ।


**RURAL WOMEN'S HIGHER SECONDARY SCHOOL**
At /PO.: Banpur, Dist.: Khordha, PIN-752031

**Walk-in-Interview**

Wanted Contractual Teaching Faculties for PGT ENGLISH. A walk-in-interview will be held on **21.07.2026(Tuesday)at 10.30 A.M.** in the office of the undersigned. Candidate having 55% marks in concerned subject are requested to send their resume, photo copies of original certificates and their testimonials (Having B.Ed. Preference will be given first) before **21.07.2026** through our E-mail: rwc.banpur@gmail.com. and produce all original documents at the time of Interview.

Sd/- Principal Rural Women's Higher Secondary School, Banpur

Office of the Principal
**KANSBAHAL HIGHER SECONDARY SCHOOL LAING, SUNDARGARH**
Mail-principalkblcollege@yahoo.in, Mobile No- 9439104355

**Walk-in-Interview**

A walk-in-interview for the selection of a post of Lecturer in Odia (Management Post) will be held in the office of the undersigned on 14/07/2026 at 11:00 am. Interested candidates with 50% or above mark in the concerned subject may attend the interview with their bio-data,originals and a set of xerox copies of their educational documents. No TA/DA will be given.

Principal
Kansbahal H.S School Laing
Sundargarh

GOVERNMENT OF ODISHA 25001/659/2627
**OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH**
L.I. No. 4605 Dt. 01.07.2026

**CANCELLATION OF TENDER**

The tender for the work Sl. No. 06 – Maintenance and Repair of R.I. Office-cum-Residence at Santoshpur in the Tender Call Notice Bid Identification No. Online-EERKL-15 of 2026-27 invited by the Executive Engineer, Rural Works Division-II, Sundargarh is hereby cancelled due to technical issues.

OIPR-25001/25193/1/26-27/0034
Executive Engineer
R.W. Division-II, Sundargarh

**AFFIDAVIT**

I, JASPAL SINGH, S/O SOHAN SINGH BHOGAL resident of At - Nua Sahi First Lane, PO/PS - Jeypore, Dist - Koraput - 764001, Odisha declare by this Affidavit No. 2994, Dated - 06/07/2026, that now onwards I shall be known as **JASPAL SINGH BHOGAL** for all future purposes.

**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_W_26_15_Signal • ତାରିଖ: 02.07.2026 • କାର୍ଯ୍ୟର ନାମ: ରତଲାମ ମଣ୍ଡଳର ନାଗଦା–ଭୋପାଳ ସେକ୍ସନ୍‌ର ୯ଟି ଷ୍ଟେସନ (ଆକୋଡିଆ, ଶୁଜାଲପୁର, କାଲାପିପାଲ, କାଚ୍ଚି, ପରବତୀ, ବାକାଲ, ସେହୋର, ପଞ୍ଚାୱାନ ଏବଂ ବକାନିଆନ ଭାଉନ୍ରୀ) ଠାରେ ବର୍ତ୍ତମାନର PI ସିଷ୍ଟମ୍‌କୁ ନୂତନ EI ସିଷ୍ଟମ୍‌ରେ ପରିବର୍ତ୍ତନ ସହିତ ସମ୍ବନ୍ଧିତ ବାହ୍ୟ ସିଗ୍ନାଲିଂ କାର୍ଯ୍ୟ ପାଇଁ S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ। • ଟେଣ୍ଡରର ଆନୁମାନିକ ମୂଲ୍ୟ: ଟ.33,02,93,402.53/- • ବିଡ୍ ସିକ୍ୟୁରିଟି/ଅର୍ନେଷ୍ଟ ମନି: ଟ.66,05,900.00/- • ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ଣ 3.00 ଘଣ୍ଟା • ଟେକ୍ନିକାଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ଣ 3.30 ଘଣ୍ଟା ପରେ • କମର୍ସିଆଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: ଟେକ୍ନିକାଲ୍ ବିଡ୍‌ର ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚିତ କରାଯିବ। • କାର୍ଯ୍ୟ ସମାପ୍ତିର ଅବଧି: 24 ମାସ। • ଟେଣ୍ଡରିଂ ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବାର ସ୍ଥାନ: ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (କାର୍ଯ୍ୟ), ଡିଆରଏମ୍ କାର୍ଯ୍ୟାଳୟ, ରତଲାମ (ମଧ୍ୟପ୍ରଦେଶ)। ଟେଣ୍ଡରଟି www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଦେଖିହେବ ଏବଂ ଅଫର୍ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ହିଁ ଦାଖଲ କରିବାକୁ ପଡ଼ିବ। CRY/06/126

Like us on: facebook.com/WesternRly

**କବଲା ହଜିଛି**

ଏତଦ୍ୱାରା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଟକଙ୍କ ଇଜଲାସରେ ସତ୍ୟାପନ ହୋଇଥିବା ସତ୍ୟପାଠ ପ୍ରକାରେ ମୁଁ ଅମାୟିକ ଦେବାଶିଷ ପ୍ରଭୁପାଦ ସ୍ୱାଇଁ, ପିତା- ନକୁଳ ଚରଣ ସ୍ୱାଇଁ, ସା- ଜ୍ୟୋତ୍ସ୍ନା ବିହାର, ପୋ- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକ-୭୫୩୦୦୧ ଏହା ଘୋଷଣା କରେକି ମୁଁ ଅଟୋରିକ୍ସାରେ କଟକ ଯାତ୍ରା କରିବା ସମୟରେ ସୁକାନ୍ତି ଦାସଙ୍କ ନାମରେ ପଞ୍ଜୀକୃତ ପ୍ଲଟ୍ ନଂ୧୮୬୮/୪୨୭୧, ଖାତା ନଂ.୧୧୬୨/୩୫୪୦, ମୌଜା- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକର ଅସଲ ବିକ୍ରି କବଲା ସଂ୧୦୩୯୧୮୦୩୦୩୭ କେଉଁଠାରେ ହଜାଇ ଦେଇଛି, ଯାହାର ଅଶେଷ ପ୍ରୟାସ ସତ୍ତ୍ୱେ ସନ୍ଧାନ ମିଳୁନାହିଁ। ଯଦି ସନ୍ଧାନ ମିଳେ, ତେବେ ଯୋଗାଯୋଗ କରନ୍ତୁ: ସୋମନାଥ ପଟ୍ଟନାୟକ- 8420011985

**ODISHA MINING ADARSHA VIDYALAYA**
At- Phulbad, PO-Umuri, Jeypore, Dist-Koraput (Odisha) -764002
(An English Medium Secondary School under Ministry of S & M E,
Govt. of Odisha, Sponsored by Odisha Mining Corporation)
Phone: 7978897651 | E-mail: principalomavjeypore@gmail.com

**SHORT TENDER CALL NOTICE No. 01/26**

Sealed tenders are invited from registered firms having GST number and Tax Clearance for the supply of Grocery Items, Daily Use Toiletries, Perishable Items, Students' TLM, School Uniforms and Sports Items. The completed tender documents must reach The Principal, Odisha Mining Adarsha Vidyalaya, At-Phulbad, PO-Umuri, Dist-Koraput, PIN-764002 by Registered/Speed Post on or before **15 July 2026 at 5.00 P.M.** The envelope should be superscribed **"TENDER SUBMITTED FOR ________ ITEM."** The tender paper for each item along with the terms and conditions may be downloaded from the school website: https://oav.edu.in/OMAVRAY. The tenders will be opened in the presence of the tenderers or their duly authorised representatives at **11.00 A.M. on 17 July 2026.** The Principal, Odisha Mining Adarsha Vidyalaya, Jeypore, reserves the sole right to reject any or all tenders without assigning any reason and may also change the date of opening of the tender through notification on the above-mentioned website. Tenderers should not submit more than one item in a single envelope. Separate envelopes must be submitted for each item for which the tenderer wishes to apply.

Sd/-Principal, OMAV, Jeypore

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SD/O/SER/ 2500001236: Rate Contract for General Civil Works.**
2. **TPWODL/AK/O/SU/ 2500001237: Rate Contract for MCCB With enclosure of various ratings.**
3. **TPWODL/VP/O/SU/2500001233: Rate Contract for supply of Earthing Coil and Earthing Pipe.**
4. **TPWODL/SA/O/SITC/2500001232: Supply, Installation, Testing and Commissioning of 11 KV & 33KV Single circuit towers at river crossing locations under ODSSP-IV**

Interested bidders to submit Tender Participation Fee and Authorization Letter through email **before 18th July 2026, 15:00 Hrs.** for **SL. NO. 1,3 &4** and on and **before 14th July 2026** for **SL. No. 2** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Chief-TS, Contracts & Stores**

GOVT. OF ODISHA 25001/661/2627
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail: eerw_anandapur@yahoo.co.in
No. 5051 Date: 03.07.2026

**2nd Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 & 1st Corrigendum Notice No. 4560 dated 25.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender in: O/o the S. E.R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-Online 09/EE/RW/AND /2026-27 | 17.07.2026 at 10.00 A.M. | 27.07.2026 up to 5.00 P.M. | 24.07.2026 up to 5.00 P.M. | 28.07.2026 at 11.30 A.M. in the |

**All other contents remain unchanged.**

OIPR-25001/25055/1/26-27/0012
Sd/- Superintending Engineer
R.W. Division, Anandapur

**AFFIDAVIT**

By virtue of an affidavit sworn before the Notary Public, Rayagada, No. 7147 dated 06.07.2026, I, Kamala Kanta Dandasena, S/o- Nalini Ranjan Dandasena, At-Paiko Street, Kashipur, PO/PS-Kashipur, Dist-Rayagada, Odisha-765015, declare that my father's name is wrongly recorded as Nalini Dandasena instead of Nalini Ranjan Dandasena in my Passport. Henceforth, my father shall be known as **Nalini Ranjan Dandasena** for all purposes.

GOVERNMENT OF ODISHA 25001/654/2627
**OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH**
L.I. No. 4678 / Dt. 04.07.2026
1st Corrigendum to Bid Identification No. Online – EERKL-16/2026-27

Due to some unavoidable circumstances in respect of the tender for Building Works invited in Tender Call Notice **Bid Identification No. Online – EERKL-16/2026-27** by the Executive Engineer, Rural Works Division-II, Sundargarh, the date of online bidding and opening of the tender, which was scheduled from **30.06.2026 to 07.07.2026**, is hereby extended as follows:

| Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From: | To | | Online-EERKL-16/2026-27 |
| 06.07.2026 at 10.00 A.M. | 14.07.2026 up to 5.00 P.M. | 13.07.2026 up to 5.00 P.M. | 15.07.2026 at 11.00 A.M. |

OIPR-25001/25193/1/26-27/0033
Executive Engineer
R.W. Division-II, Sundargarh

**AFFIDAVIT**

I, Sandhyarani Dash, D/o. Late Umesh Chandra Dash, W/o. Manas Ranjan Mahapatra, resident of at 40/B, BDA HIG Duplex, Baramunda, Bhubaneswar, Ps- Bharatpur, Dist-Khurda, Odisha, hereby declare that, I have changed my name from **Sandhyarani Dash to Sandhyarani Mahapatra** is one and same person for all purpose, by way of vide affidavit No.20/ 18.02.2026 at Executive Magistrate Bhubaneswar.

25001/663/2627
E.Mail – rw_sundargarh@yahoo.co.in
Ph – 06622-272280 (off)
**OFFICE OF THE SUPERINTENDING ENGINEER RURAL WORKS DIVISION: SUNDARGARH**
**1st Corrigendum to Bid Identification No Online-SESNG-07 of 2026-27**

In continuation to this office bid Identification No: Online-SESNG-07 of 2026-27 invited vide this office notice no. 4445 dt. 18.06.2026 is partially modified for the work TCN has been made as follows:-

| Sl No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 29.06.2026 at 11.00 A.M to 09.07.2026 up to 06.00 P.M | Extended up to 15.07.2026 up to 5.00 P.M |
| 2 | Last date of seeking clarification | 08.07.2026 at 11.00 A.M | Extended up to 14.07.2026 up to 11.00 A.M |
| 3 | Date of Opening of Tender | 10.07.2026 at 10.00 A.M | Extended up to 15.07.2026 at 05.10 P.M |

All other terms & conditions remain unchanged.
OIPR-25001/25046/1/26-27/0011
Superitending Engineer
R.W. Division, Sundargarh

8001/187/2627
**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,ବାମରା ବନ୍ୟପ୍ରାଣୀ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER: BAMRA WILDLIFE DIVISION**
AT/PO: Bamra, Dist: Sambalpur, Odisha – 768221
Mob. No.: 9437960711
E-mail ID: dfo.bamrawl@odisha.gov.in
EoI No. 04 Dated: 06.07.2026

**INVITATION FOR EXPRESSION OF INTEREST (EoI)**

For engagement of scientific consultant NGO / Non-profit Organization / Agency for preparation of Zonal Master Plan of Eco Sensitive Zone (ESZ) around Khalasuni and Badrama Wildlife Sanctuaries under Bamra Wildlife Division.

The Divisional Forest Officer, Bamra Wildlife Division, Bamra, Sambalpur invites applications from NGOs / Non-profit organizations / agencies for preparation of the Zonal Master Plan of Eco Sensitive Zone (ESZ) of Khalasuni and Badrama Wildlife Sanctuaries.

NGOs / Non-profit organizations / Agencies fulfilling the eligibility requirements may submit their applications to the Divisional Forest Officer, Bamra Wildlife Division, Bamra, Sambalpur, latest by 05.00 P.M. on 30.07.2026, as per the EoI document.

The Technical Bids shall be opened on 31.07.2026 at 11.00 A.M. The detailed EoI is available on the following websites: www.sambalpur.odisha.gov.in, www.odishaforest.in

OIPR-8001/8144/1/26-27/0004
Divisional Forest Officer
Bamra Wildlife Division

**AFFIDAVIT**

By Virtue of an Affidavit before the Executive Magistrate, Bhadrak, vide Affidavit No.-7949, on dtd. 03.07.2026, I Sk. Hedatulla, aged 50 years, S/o Sk. Baraktulla, At-Bankamohalla, P.O./P.S.-Purunabazar, Dist-Bhadrak, Odisha, on behalf of my minor son SK. MAHEMOOD, in his Birth Certificate but wrongly it has been mentioned as SK. MAHIUDDIN in Aadhaar Card bearing No. 3205 2157 8158. SK. MAHEMOOD & SK. MAHIUDDIN is one and same. This Affidavit is for Aadhaar Correction.

**OFFICE OF THE PRINCIPAL**
**SINDHA DEVI HIGHER SECONDARY SCHOOL, NANDAPUR**
DIST.- KORAPUT, PIN: -764037
PH. NO.: 06868-273554, MOB.: 08763240445, Email: sdm.ndp@gmail.com
Letter No. 242/SDHSS/2026 Date: 06.07.2026

**ADVERTISEMENT**

Application with Bio-Data is invited from interested candidates along with relevant certificates and a passport size recent coloured photo by registered/speed post/in person for appointment for the academic session **2026-27**. Age as per the Govt. of Odisha norms. The last date of receipt of application is **Dt. 21.07.2026**. Applications received after the last date of application shall be summarily rejected. The candidates are requested to remain present at **11.00 A.M. on 29.07.2026** at **SDHSS, Nandapur, Dist.-Koraput** along with all the original certificates for verification & interview. **No TA/DA will be paid for attending the interview.**

| Post | Essential Qualification | Consolidated Remuneration per month |
|---|---|---|
| Guest Faculty in Odia, History and Commerce | Master's Degree in the subject concerned with at least **55% marks** or equivalent Grade. | Rs. 13,500/- (Thirteen Thousand Five Hundred) |
| Assistant Librarian (Contractual) | Graduation in Arts/Commerce/Science with Bachelor Degree in Library and Information Science. | Rs. 11,000/- (Eleven Thousand) |

**Principal-cum-Secretary**
Sindha Devi Higher Secondary School
Nandapur, Dist. Koraput
Odisha, Pin - 764037

32001/503/2627
**OFFICE OF THE SUPERINTENDING ENGINEER EARTH DAM DIVISION, CHITRAKONDA DISTRICT: MALKANGIRI**
E-mail ID: executiveengineereddckd@gmail.com
**e-Procurement Notice No. SE-EDD-CKD-03/2026-27**

1. **Type of Works:** River Bank Flood Protection Work
2. **Total No. of Works:** One (01) No.
3. **Estimated Cost:** Rs. 98.63 Lakh
4. **Period of Completion:** Six (6) Calendar Months
5. **Class of Contractor:** 'B' Class

| Procurement Officer | Bid Identification No. | Availability & Submission of Bids online | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Earth Dam Division, Chitrakonda | SE-EDD-CKD-03(1)/2026-27 | 10.07.2026 at 10.00 A.M. | 24.07.2026 up to 5.00 P.M. |

**Date of Opening of Tender/Bid: 27.07.2026 at 10.30 A.M.** in the office of the **Superintending Engineer, Earth Dam Division, Chitrakonda.**
**Further details can be seen from the Government Website:** www.tendersodisha.gov.in

(Er. K. C. Sheti)
Superintending Engineer
OIPR-32001/32019/1/26-27/0005 Earth Dam Division, Chitrakonda, Malkangiri (Odisha)

**AFFIDAVIT**

By virtue of an affidavit sworn before Notary Public: Bargarh vide no.386 dtd.04.07.2026, I, Sabnam Khatun, W/o- Mohammad Jilani, D/o- Resau Chandra Behera, resident of At- Barahaguda Canal, Po.- Barahaguda, Ps.- Rural, Dist.- Bargarh state that, my father's original name is **Resau Chandra Behera** but in my Pass Port I.D.Card bearing no. L3220083 my father's name has been wrongly mentioned as Keshab Behera, whereas in my Voter's ID no. ACU1622745 my father's name reflected as Subal Sahu. That **Resau Chandra Behera, Keshab Behera** and **Subal Sahu** belongs to same and one person.

**AFFIDAVIT**

By virtue of an affidavit CF No. 46, dtd- 02.07.2026 sworn before The Executive Magistrate, Bhubaneswar. I, **Manas Kumar Mallik,** S/o Late Bira Kishore Mallik, resident of AT/PO-Khujenpali, PS: Balangir, Odisha, PIN: 767002 have changed my name & my wife name from **(M.K. Mallik** to **Manas Kumar Mallik)** & **(Janki Mallik** to **Janaki Mallik)** in my daughter's **(Arpita Mallik)** birth certificate vide Regd. No. 137, dtd- 28.02.2009.





# ଶୁଣ ସରକାର



୮ ଦଫା ଦାବି ପୂରଣ ନହେବା ଓ ୫ ଲକ୍ଷ ଟଙ୍କା ସର୍ଟ ଟେଣ୍ଡର ଉଚ୍ଛେଦ ବିରୋଧରେ ନିଖିଳ ଓଡ଼ିଶା କଣ୍ଟ୍ରାକ୍ଟର ମହାସଂଘର ନିର୍ମାଣ ସୌଧ ସମ୍ମୁଖରେ ଘଣ୍ଟ ବାଡ଼େଇ ବିକ୍ଷୋଭ




ଚାକିରି ବୟସସୀମା କୋହଳ, ଅଫ୍‌ଲାଇନ୍ ପରୀକ୍ଷା ଓ ଅନ୍ୟାନ୍ୟ ଦାବିରେ ମାଷ୍ଟର କ୍ୟାଣ୍ଟିନ ଛକରେ ଡିଷ୍ଟ୍ରିକ୍ଟ କନେଷ୍ଟବଳ /ଓଆଇଏସ୍ଏଫ୍ କନେଷ୍ଟବଳ ଆଶାୟୀଙ୍କ ବିକ୍ଷୋଭ

# ସୁଦର୍ଶନ ଦାରୁପୀଠରେ ସ୍ନାନଯାତ୍ରା

ଧଉଳି, ୬।୭(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଗଡ଼କଣ୍ଟୁଣିଆ ସୁଦର୍ଶନ ଦାରୁ ପୀଠରେ ପୁରୀ ଜଗନ୍ନାଥ ମନ୍ଦିରର ନୀତିକନ୍ତି ଅନୁସାରେ ଶ୍ରୀଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିରରେ ପୂଜିତ ନୂତନ ବିଗ୍ରହମାନଙ୍କର ସ୍ନାନ ପୂର୍ଣ୍ଣିମା ଯାତ୍ରା ପାଳିତ ରେ ୧୦୮ ଗଡ୍ଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ।ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଅଣସର ଗୃହକୁ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦି ଛାଡ଼ି ଗୋଟି ପହଣ୍ଡିରେ ଅଣସରକୁ ବିଜେ କରିଥିଲେ ଦାରୁବିଗ୍ରହ। ପହଣ୍ଡି ସରିବା ପରେ ଚିତା ଓଲାଗି ହୋଇ ଅଣସର ନୀତି ହୋଇଥିଲା। ଏହାପରେ କୋଠ ସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିଥିଲେ।ଶ୍ରୀବିଗ୍ରହ ବା ପ୍ରଭୁଙ୍କ ପ୍ରତିମା ବିଷୟରେ ବ୍ୟାସଦେବକୃତ 'ଶ୍ରୀମଦ୍ ଭାଗବତ'ରେ ଉଲ୍ଲେଖ ଅଛି। ସେଥିରେ ବର୍ଣ୍ଣିତ ଆଠପ୍ରକାରର ପ୍ରତିମା ମଧ୍ୟରୁ 'ଚିତ୍ରପ୍ରତିମା' ଅନ୍ୟତମ। ଏହି ପ୍ରତିମାଙ୍କୁ ପାରମ୍ପରିକ ରୀତିରେ ଶ୍ରୀମନ୍ଦିରର ଚିତ୍ରକାର ସେବକ ଅଙ୍କନ କରିଥାଆନ୍ତି। ଏହି ସମୟରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରା ଆଦି ଦାରୁଦିଅଁମାନଙ୍କର ଗୁପ୍ତସେବା ଚାଲିଥିବାରୁ ସେମାନଙ୍କର ଦର୍ଶନ ନିଷେଧ ଥାଏ। ସେଥିପାଇଁ ଏହି ପଟପ୍ରତିମାଙ୍କଠାରେ ଶ୍ରୀଦାରୁଦିଅଁଙ୍କର ସମସ୍ତ ପୂଜାଅର୍ଚ୍ଚନା କରାଯାଇଥାଏ। ଏହି ତିନି ପଟପ୍ରତିମା ଚତୁର୍ଭୁଜ ରୂପେ ଅଙ୍କିତ ହୋଇଥାଆନ୍ତି। ମନ୍ଦିର ଗୃହର ର ମୁଖ୍ୟ ଦ୍ୱାରରେ ଶ୍ରୀଜଗନ୍ନାଥ ଶ୍ରୀଅନନ୍ତ ନାରାୟଣ ରୂପରେ, ମା' ସୁଭଦ୍ରା ଭୁବନେଶ୍ୱରୀ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ, ଶ୍ରୀସୁଦର୍ଶନ ଶ୍ରୀନାରାୟଣ ପ୍ରତିମାଙ୍କର ଶ୍ରୀହସ୍ତରେ ଚକ୍ରରୂପେ ଅବସ୍ଥିତ ଥାଆନ୍ତି। ମହାଅଣସର ପଟିରେ ପରମ୍ପରା ଅନୁଯାୟୀ ସ୍ଥାନିତ ହୋଇଥିଲେ।ଭକ୍ତମାନେ ବର୍ତ୍ତମାନ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ପଟିଦିଅଁଙ୍କୁ ଦର୍ଶନ କରିବେ।ଏହି ସମୟରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରା ଆଦି ଦାରୁଦିଅଁମାନଙ୍କର ଗୁପ୍ତସେବା ଚାଲିଥିବାରୁ ସେମାନଙ୍କର ଦର୍ଶନ ନିଷେଧ ଥାଏ। ସେଥିପାଇଁ ଏହି ପଟପ୍ରତିମାଙ୍କଠାରେ ଶ୍ରୀଦାରୁଦିଅଁଙ୍କର ସମସ୍ତ ପୂଜାଅର୍ଚ୍ଚନା କରାଯାଇଥାଏ।ଏ ପ୍ରସଙ୍ଗରେ ପ୍ରଶ୍ନ ଉଠେ- ଏହି ପଟିଦିଅଁ ବା ପଟପ୍ରତିମା କ'ଣ ବ୍ରହ୍ମ? ଏହାର ଉତ୍ତର ଅଛି 'ନୀଳାଦ୍ରିମହୋଦୟ'ରେ। ସେଥିରେ କୁହାଯାଇଛି, ଯେତେବେଳେ ଦାରୁବ୍ରହ୍ମ ଅଣସର ଘରେ ରହିଥାଆନ୍ତି, ସେତେବେଳେ ସେଠାରେ ଦାରୁବିଗ୍ରହଙ୍କର ପୂଜା ହୁଏନାହିଁ। କାରଣ, ସେତେବେଳେ ଦାରୁରୂପୀ ଶ୍ରୀଜଗନ୍ନାଥ ପଟକୁ ଆଶ୍ରୟ କରି ରହିଥାଆନ୍ତି। ସେହି ସମୟରେ ପଟବ୍ରହ୍ମ ହିଁ ଦାରୁବ୍ରହ୍ମ ରୂପେ ପୂଜିତ ହୋଇଥାଆନ୍ତି। ଅଣସର ଶେଷରେ ଏହି ପଟବ୍ରହ୍ମଙ୍କର ବିସର୍ଜନ କରାଯାଏ ଏବଂ ଦାରୁବିଗ୍ରହମାନେ ଦାରୁବ୍ରହ୍ମ ଭାବରେ ନବଯୌବନରେ ଦର୍ଶନ ଦେଇଥାଆନ୍ତି। ମନ୍ଦିରର ମୁଖ୍ୟ ପଣ୍ଡା ବଳରାମ ମିଶ୍ର ଙ୍କ ତତ୍ତ୍ୱାବଧାନରେ ୬ଜଣ ପଣ୍ଡାଙ୍କ ଦ୍ୱାରା ଅଣସର



ନୀତି ଚାଲିଛି। ବର୍ତ୍ତମାନ ବିଭିନ୍ନ ଫଳ ଭୋଗ ଲାଗି ହେଉଥିବା ବେଳେ ଫୁଲୁରି ତେଲ ସେବା ଯୋଗାଇ ଦେଉଛନ୍ତି ପଣ୍ଡା ସେବକ ମାନେ। କାରଣ ଜ୍ୱର ରୁ ଉପଶମ ପାଇଁ।

ଇତି ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ମହାପ୍ରଭୁ ରଥିଯେମା ସ୍ଥିତ ମା ଭଗବତୀ ମନ୍ଦିର ( ମାଉସୀ ମା ମନ୍ଦିର) ରେ କିପରି ନଅ ଦିନ ଧରି ରହିବେ। କିପରି ସୁଚାର ରୂପେ ସମସ୍ତ ନିତିକାନ୍ତି ହେବ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାହୁ, ଚକ୍ରାଧର ନାୟକ, ବିକ୍ରମ କେଶରୀ ମହାନ୍ତି, ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ, କପିଳ ମହାରଣା, ସନ୍ତୋଷ ସାହୁ, ଶୁବାସ ମହାରଣା, ସୁରେଶ ମହାରଣା, ହରେକୃଷ୍ଣ ମହାରଣା ପ୍ରମୁଖ କର୍ମକର୍ତ୍ତା ଉକ୍ତ ବୈଠକରେ ଉଭୟ ମନ୍ଦିର ଯୋଗ ଦିଇଥିଲେ।

## ପାଣି ଘେରରେ ଶହେ ପରିବାର

ଯାଁଳା, ୬।୭(ସମିସ): ସମିସ ଲଗାଣ ବର୍ଷାରେ ରାଜଧାନୀ ଉପକଣ୍ଠ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାଁଳା ଓ ମଦନପୁର ପଞ୍ଚାୟତର କିଛି ତଳି ଅଞ୍ଚଳର ଦୁଇ ଦିନ ଲଗାଣ ବର୍ଷା ଫଳରେ ଗତକାଲି ଠାରୁ ପ୍ରାୟ ଶହେ ପରିବାର ଏବେ ଜଳ ଘେରରେ ଅଛନ୍ତି। ରାଜପଥରେ ଥିବା କଲଭଟରେ ପାଣି କଟି ପାରୁନଥିବାରୁ ଏଭଳି ଅସୁବିଧା ସୃଷ୍ଟି ହୋଇଛି।

ଗତ ଦୁଇ ଦିନ ତଳେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିଲା।ପ୍ରବଳ ବର୍ଷା ପ୍ରଭାବରେ ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିଲା। ଯାଁଳା ଓ ମଦନପୁର ଖାଲୁଆ ଅଞ୍ଚଳରେ ଥିବା ପାଣି ଜମି ହରିବା ଯୋଗୁଁ ବହୁ ପରିବାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ସହ ଡେରାସ ବନ୍ଧ ପାଣି ଯାଁଳା ଗହିର ଦେଇ ପ୍ରବାହିତ ହୁଏ। ତେଣୁ ଡେରାସ ପାଣି ପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଜଳ ପତନ ବଢ଼ିଥିଲା।ଗତକାଲି ଉକ୍ତ ଅଞ୍ଚଳର ରାସ୍ତାରେ ପ୍ରାୟ ୩/୪ ଫୁଟ ପାଣି ଚାଲିଥିଲା। କିନ୍ତୁ ଆଜି ରାସ୍ତାରୁ ପାଣି ପାୟ ଦୁଇ ଫୁଟ କମିଥିଲେ ମଧ୍ୟ ଏବେବି ରାସ୍ତାରେ ପ୍ରାୟ ଫୁଟେ ପାଣି ପ୍ରବାହିତ ହେଉଛି। ଲୋକଙ୍କ ଘର ଭିତରେ ମଧ୍ୟ ୩/୪ ଫୁଟ ପସିଯିବା ଦ୍ୱାରା ଗାଡି ଅନ୍ୟାନ୍ୟ ବୈଦୁତିକ ସାମଗ୍ରି ବୁଡି ଯାଇଥିଲା। ଫଳରେ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ଶିକାର ହୋଇଛନ୍ତି। ପାଣି ଛାଡିବା ବିଳମ୍ବ ହେଲେ ଉକ୍ତ ଅଞ୍ଚଳରେ ଡାଇରିଆ ଓ ମେଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି କରିଛି।

## ଜୟନ୍ତୀରେ ଡ. ଶ୍ୟାମାପ୍ରସାଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୬।୭(ସମିସ): ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସତ୍‌ସଙ୍ଗ ବିହାରସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅସୁସ୍ଥ ନବଜାତକକୁ ନୂଆ ଜୀବନ ଦେଲେ ସମ୍ ଡାକ୍ତର



ଭୁବନେଶ୍ୱର, ୬।୭(ସମିସ): ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରମାନେ ମାତ୍ର ୨୪ ସପ୍ତାହରେ ଜନ୍ମ ହୋଇଥିବା ଗୋଟିଏ ଅସୁସ୍ଥ ଏବଂ ଅପରିପକ୍ୱ ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି। ଅନ୍ୟ ଏକ ହସ୍ପିଟାଲରେ ଜନ୍ମିତ ଶିଶୁଟିର ଓଜନ ୬୩୦ ଗ୍ରାମ ଥିବା ସହ ଶିଶୁଟିକୁ ଗୁରୁତର ଅବସ୍ଥାରେ ସମ୍ ହସ୍ପିଟାଲର ଭର୍ତ୍ତି କରାଯାଇଥିଲା। ଏଭଳି ଅତ୍ୟନ୍ତ ଅପରିପକ୍ୱ ଶିଶୁଙ୍କ କ୍ଷେତ୍ରରେ ବଞ୍ଚିବାର ସମ୍ଭାବନା ସାଧାରଣତଃ କମ୍ ଥିବାରୁ ଶିଶୁଟିକୁ ଇନଭେସିଭ୍ ମେକାନିକାଲ୍ ଭେଣ୍ଟିଲେସନ୍ ଓ ପରବର୍ତ୍ତୀ ସମୟରେ ନନ୍- ଇନଭେସିଭ୍ ଭେଣ୍ଟିଲେସନ୍ (ଏନ୍ଆଇଭି), ସିପିଏପି ଏବଂ ପାରେନ୍‌ଟେରାଲ୍ ନ୍ୟୁଟ୍ରିସନ୍ ଭଳି ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ନବଜାତ ଶିଶୁରୋଗ ବିଭାଗର ସମସ୍ତ ଡାକ୍ତର ଓ ନର୍ସମାନଙ୍କର ସମନ୍ୱିତ ପ୍ରୟାସ ଏହି ସଫଳତାର ମୂଳ କାରଣ ବୋଲି ବିଭାଗର ମୁଖ୍ୟ ଡ. ଦେବାଶିଷ ନନ୍ଦ କହିଛନ୍ତି।

## ଅଷ୍ଟମ କେନ୍ଦ୍ରୀୟ ବେତନ କମିସନଙ୍କ ନିକଟରେ କନଫେଡେରେସନର ଦାବିପତ୍ର



ଭୁବନେଶ୍ୱର, ୬।୭(ସମିସ): ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନଙ୍କ ଆଲୋଚନା ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ (କନଫେଡେରେସନ୍ ଅଫ୍ ସେଣ୍ଟ୍ରାଲ୍ ଗଭର୍ଣ୍ଣମେଣ୍ଟ ଏମ୍ପ୍ଲୟିଜ୍ ଆଣ୍ଡ ୱାର୍କର୍ସ), ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସଂଘର ସାଧାରଣ ସମ୍ପାଦକ ବୃହସ୍ପତି ସାମଲ ଜାତୀୟ ପରିଷଦ (ଜେସିଏମ୍) ର କର୍ମଚାରୀ ପକ୍ଷରୁ ଦାଖଲ ହୋଇଥିବା ସମସ୍ତ ଦାବିକୁ ସମର୍ଥନ କରିବା ସହ କର୍ମଚାରୀ ଓ ପେନସନ୍‌ଭୋଗୀଙ୍କ ପାଇଁ ନ୍ୟାୟସଙ୍ଗତ, ପ୍ରଗତିଶୀଳ ଓ ଆବଶ୍ୟକତାଭିତ୍ତିକ ବେତନ ବ୍ୟବସ୍ଥା ସୁପାରିଶ କରିବାକୁ କମିଶନଙ୍କୁ ଅନୁରୋଧ କରିଥିଲେ। ପରିବାରର ସଂଜ୍ଞାକୁ ୩ଟି ଉପଭୋକ୍ତା ୟୁନିଟ୍ ପରିବର୍ତ୍ତେ ନିର୍ଭରଶୀଳ ବୃଦ୍ଧ ପିତାମାତାଙ୍କୁ ସାମିଲ କରି ୫ଟି ଉପଭୋକ୍ତା ୟୁନିଟ୍ କରାଯିବା, ସର୍ବନିମ୍ନ ମାସିକ ବେତନ ୧, ୧୫, ୦୦୦ ଟଙ୍କା, ବାର୍ଷିକ ବେତନ ବୃଦ୍ଧିକୁ ୩ ପ୍ରତିଶତରୁ ୬ ପ୍ରତିଶତକୁ ବୃଦ୍ଧି, ଏକ୍ସ, ୱାଇ ଓ ଜେଡ୍ ଶ୍ରେଣୀର ସହର ପାଇଁ ଗୃହଭଡ଼ା ଭତ୍ତା କ୍ରମଶଃ ୪୦, ୩୫ ଓ ୩୦ ପ୍ରତିଶତ କରିବା, ଓଡ଼ିଶାର ସାଂସ୍କୃତିକ ସ୍ୱାତନ୍ତ୍ର୍ୟକୁ ସମ୍ମାନ ଜଣାଇ ତିନୋଟି ଜାତୀୟ ଛୁଟି ବ୍ୟତୀତ ଅନ୍ୟ ସମସ୍ତ ଛୁଟି ନିର୍ଦ୍ଧାରଣର କ୍ଷମତା ରାଜ୍ୟସ୍ତରୀୟ କେନ୍ଦ୍ର ସରକାରୀ କର୍ମଚାରୀ କଲ୍ୟାଣ କମିଟିକୁ ପ୍ରଦାନ କରିବା ଆଦି ଦାବି କରିଛି ସଂଘ। ପେନସନଭୋଗୀଙ୍କ ପକ୍ଷରୁ ଅଲ୍ ଇଣ୍ଡିଆ ପୋଷ୍ଟାଲ୍ ଆଣ୍ଡ ଆରଏମଏସ ପେନସନର୍ସ ଆସୋସିଏସନ୍, ଓଡ଼ିଶାର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଧଳଙ୍କ ସମେତ ଏହି ବୈଠକରେ ବିଭିନ୍ନ ସଂଘ, ଫେଡେରେସନ ଓ ପେନସନର୍ସ ସଂଗଠନର ପ୍ରତିନିଧିମାନେ କମିଶନଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ।

## ରଥଯାତ୍ରାରେ ଦୃଷ୍ଟିବାଧିତ ପିଲାଙ୍କ ଦ୍ୱାରା ପରିବେଷିତ ହେବ ଭଜନ ଓ କଥାମୃତ

ଭୁବନେଶ୍ୱର, ୬।୭(ସମିସ):ପବିତ୍ର ରଥଯାତ୍ରା ଅବସରରେ ଦୃଷ୍ଟିବାଧିତ ଶିଶୁମାନ୍ତନେ ପରିବେଷଣ କରିବେ ଭଜନ ଓ କଥାମୃତ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆର ସଭାପତି ଡ. ନାରାୟଣ ମହାପାତ୍ର ଏବଂ ଓଡ଼ିଶା ସର୍ଭିସ ସେଣ୍ଟର ଫର ଦି ଦିବ୍ୟାଙ୍ଗ ପିପୁଲର ସଭାପତି ଭବାନୀ ଶଙ୍କର ପାଢ଼ୀଙ୍କ ମିଳିତ ସହଯୋଗରେ ପରିବେଷିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅଧୀନରେ ଚଳିତ ବର୍ଷ ସ୍ନାନଯାତ୍ରାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଭକ୍ତି ସଙ୍ଗୀତ ଓ ଆଲୋଚନାଚକ୍ରର ଆୟୋଜନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ବିଜୟ ମୋହନ ପଣ୍ଡା, ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ଆଡ୍‌ଭୋକେଟ୍ ମାନସ ଓ ସମାଜସେବୀ ଶିଶିର ପାଇବେ 'ଗଙ୍ଗାଧର ମହାପାତ୍ର ସମ୍ମାନ'





ଭୁବନେଶ୍ୱର, ୬।୭(ସମିସ): ବରିଷ୍ଠ ଓକିଲ ମାନସ ମହାପାତ୍ର ଓ ସମାଜସେବୀ ଶିଶିର ନାୟକଙ୍କୁ 'ଗଙ୍ଗାଧର ମହାପାତ୍ର ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ୧୪ ତାରିଖରେ ବୁଦ୍ଧମନ୍ଦିର ସ୍ୱର୍ଗତ ମହାପାତ୍ରଙ୍କ ଜନ୍ମଉତ୍ସବରେ ପ୍ରଦାନ ଏହି ସମ୍ମାନ କରାଯିବ ବୋଲି ଆୟୋଜିତ ବୈଠକରେ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ଏହି ବୈଠକରେ ଟ୍ରଷ୍ଟି ଡ. ବୁଦ୍ଧଦେବ ମିଶ୍ର, ସୀତାବଲ୍ଲଭ ମହାପାତ୍ର, ପୁଷ୍ପରାଜ ପ୍ରଧାନ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି, ଶ୍ୟାମାବଲ୍ଲଭ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ଦ୍ୱାରା ବନ ମହୋତ୍ସବ




ଭୁବନେଶ୍ୱର, ୬।୭(ସମିସ): ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ଆନୁକୂଲ୍ୟରେ ଛତାବରସ୍ଥିତ ମହାତ୍ମାଗାନ୍ଧୀ କାରାଗାର ଏବଂ ସଂସ୍କାର ଏକାଡେମୀ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। କ୍ଲବର ସଭାପତି ରଘୁନାଥ ପୃଷ୍ଟିଙ୍କ ନେତୃତ୍ୱ ତଥା ସମ୍ପାଦକ ମନମୋହନ ମିଶ୍ର ଓ କୋଷାଧ୍ୟକ୍ଷ କୀର୍ତ୍ତିବର୍ଦ୍ଧନ ଭୂୟାଁଙ୍କର ପ୍ରଚେଷ୍ଟାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲାୟନ ସଦସ୍ୟ ଓ ସଦସ୍ୟାମାନେ ଆମ୍ବ, ପିଜୁଳି, ସପେଟା, ଲିଚୁ, ଜାମୁରୋଳ ଓ ଗୋଲାବଜାମୁ ଆଦି ଫଳ ଚାରା ରୋପଣ କରିଥିଲେ। ଏକାଡେମୀର ଉପ ନିର୍ଦ୍ଦେଶିକା ଉର୍ମିଳା ମିଞ୍ଜ ଓ ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ଜେନାଙ୍କ ତଥା ଅନ୍ୟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲାୟନ୍ସ କ୍ଲବର ସର୍ଭିସ କମିଟି ଅଧ୍ୟକ୍ଷା ଗାୟତ୍ରୀ ମିଶ୍ର, ଲାୟନ ଜିଲ୍ଲାର ପ୍ରାକ୍ତନ ଜିଇଟି ସଂଯୋଜକ ମନୋରଞ୍ଜନ ଭୂୟାଁ, ପୂର୍ବତନ ସଭାପତିବୃନ୍ଦ ଅଭୟ କୁମାର ମହାପାତ୍ର, ବାନାମ୍ବର ସାହୁ ଓ ପୂର୍ବତନ ସମ୍ପାଦକ ବିଚିତ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଆର୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରମେଶ ଚନ୍ଦ୍ର ଦାଶଙ୍କୁ 'ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ'

ଭୁବନେଶ୍ୱର,୬।୭(ସମିସ): ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷକ ରମେଶ ଚନ୍ଦ୍ର ଦାଶଙ୍କୁ 'ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବୃତ୍ତିରେ ଜଣେ ଶିକ୍ଷକ ହୋଇଥିବା ବେଳେ ନିଜ ଅଞ୍ଚଳର ପ୍ରାୟ ୩୦ ଖଣ୍ଡ ଗ୍ରାମରେ ମହାପ୍ରଭୁଙ୍କ ସଂସ୍କୃତିର ବାର୍ତ୍ତା ପହଞ୍ଚାଇବା ସହ ଏପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୩୦୦୦ରୁ ଉର୍ଦ୍ଧ୍ୱ ଥର 'ଶ୍ରୀ ଜଗନ୍ନାଥ କଥାମୃତ' କାର୍ଯ୍ୟକ୍ରମ ସଫଳତାର ସହ କରିସାରିଛନ୍ତି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ପାଇଁ ସେ ସଂକଳ୍ପବଦ୍ଧ। ତାଙ୍କର ଏହି ଅନନ୍ୟ ଓ ନିଷ୍ଠାପର ପ୍ରୟାସକୁ ସ୍ୱୀକୃତି ଦେଇ ସଂସ୍ଥାନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ସଂସ୍ଥାନ ପକ୍ଷରୁ ଡ. ନାରାୟଣ ମହାପାତ୍ର ଏହି ସୂଚନା ପ୍ରଦାନ କରିଛନ୍ତି।

# ଦେଶରେ ଶ୍ରେଷ୍ଠ ୧୦ ମେଡିକାଲ କଲେଜ ମଧ୍ୟରେ ଭୁବନେଶ୍ୱର ଏମ୍ସ

### ଇଣ୍ଡିଆ ଟୁଡେ ସର୍ଭେରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ଉନ୍ନୀତ ମେଡିକାଲ କଲେଜ

ଭୁବନେଶ୍ୱର, ୬।୭ (ସମିସ): ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୬ରେ ସମଗ୍ର ଦେଶରେ ଦଶମ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ଉନ୍ନତ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି।



ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇଣ୍ଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି। ଏହି ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।' ୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୬ ରେ ଏହି ସୂଚୀରେ ୧୦ମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା,

ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ସୌଭାଗ୍ୟ କୁମାର ଜେନା, ଡ. ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୨୩ • ପାଉଣ୍ଡ ୧୨୪.୪୯
- ୟୁରୋ ୧୦୭.୧୮ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୩୪,୫୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୭,୭୬୩.୦୦
- ନିଫ୍ଟି ୨୪,୨୭୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ଇଞ୍ଜିନ୍ ଉପରେ ଇ-୨୦ର ପ୍ରଭାବ

# ଇ-୨୦ ପେଟ୍ରୋଲ ବିରୋଧରେ କେନ୍ଦ୍ରକୁ ସତର୍କ କରିଥିଲା ଏସ୍ଆଇଏମ୍

ନୂଆଦିଲ୍ଲୀ,୬।୭ (ଏଜେନ୍ସି):



ଦେଶରେ ୨୦ ପ୍ରତିଶତ ଇଥାନଲ ମିଶ୍ରିତ ଇ୨୦ ପେଟ୍ରୋଲ୍‌ର ବାଧ୍ୟତାମୂଳକ ପ୍ରଚଳନକୁ ନେଇ ପ୍ରବଳ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ୨୦୨୧ର ଏକ ନୀତି ଆୟୋଗ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ଅଟୋମୋବାଇଲ୍ ନିର୍ମାତାମାନଙ୍କ ସଂଗଠନ 'ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମ୍ୟାନୁଫ୍ୟାକଚରର୍ସ' (ଏସ୍ଆଇଏମ୍) ପୁରୁଣା ଗାଡ଼ିଗୁଡ଼ିକର ସୁରକ୍ଷା ପାଇଁ ଚିନ୍ତା ପ୍ରକଟ କରିଥିଲେ। ରିପୋର୍ଟ ଅନୁଯାୟୀ, ଇ୨୦ ଇନ୍ଧନ ବଜାରକୁ ଆସିବା ପରେ ମଧ୍ୟ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ଇ୧୦ ପେଟ୍ରୋଲକୁ ଏକ ସୁରକ୍ଷା ଶ୍ରେଣୀ ଇନ୍ଧନ ଭାବେ ଜାରି ରଖିବାକୁ ଏସ୍ଆଇଏମ୍ ସରକାରଙ୍କୁ ଅନୁରୋଧ କରିଥିଲା। ଶିଳ୍ପ ସଂଘ ଅନ୍ୟ ଦେଶଗୁଡ଼ିକରେ କମ୍-ଇଥାନଲ୍ ଇନ୍ଧନ ବିକଳ୍ପ ପ୍ରଦାନ କରାଯାଉଥିବା ମଧ୍ୟ ସରକାରଙ୍କୁ ଅବଗତ କରିଥିଲା। ପୁରୁଣା ଗାଡ଼ିଗୁଡ଼ିକର ଇଞ୍ଜିନ୍ ଗୁଡ଼ିକ ଇ୨୦ ପେଟ୍ରୋଲ୍ ସହିତ ଖାପ ଖୁଆଇ ପାରିବ ନାହିଁ। ଏହାଦ୍ୱାରା ଇଞ୍ଜିନର ସାମଗ୍ରୀକ ଅବକ୍ଷୟ ଘଟିବାର ସମ୍ଭାବନା ରହିଛି। ଫଳରେ ପରେ ଇନ୍ଧନ ଟାଙ୍କିରୁ ପେଟ୍ରୋଲ ଲିକ୍ ଭଳି ସୁରକ୍ଷା ଜନିତ ବିପଦ ସୃଷ୍ଟି ହୋଇପାରେ। ଏହାସହ ଇ୨୦ ଅନୁପଯୋଗୀ ଗାଡ଼ି ଗୁଡ଼ିକର ମାଇଲେଜ ହ୍ରାସ ପାଇବ। ୪ ଚକିଆ ଯାନରେ ୬-୭% (ପ୍ରାୟ ୨କିମି) ଏବଂ ୨ ଚକିଆ ଯାନରେ ୩-୪% (ପ୍ରାୟ ୨-୩ କିମି) ମାଇଲେଜ କମିଯିବ। ପୁଣି ଦେଶରେ ସବୁଠାରୁ ଅଧିକ ବ୍ୟବହୃତ ଅଳ୍ପ ଶକ୍ତି ସମ୍ପନ୍ନ ୨ ଚକିଆ ଗାଡ଼ି ଏହି ମିଶ୍ରଣ ଇନ୍ଧନ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେବ। ଏହା ଉକ୍ତ ଗାଡ଼ି ମାଲିକମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରିବ। ଭାରତ ଭଳି ସ୍ୱଳ୍ପ ଆୟଥିବା ଦେଶରେ ପୂର୍ବରୁ ବ୍ୟବହୃତ ବହୁ ସଂଖ୍ୟକ ଯାନବାହାନ ପ୍ରକାର ଏବଂ ଇନ୍ଧନ-ପ୍ରଣାଳୀ ବିନ୍ୟାସକୁ ହଠାତ ପରିବର୍ତ୍ତନ କରିବା ବ୍ୟୟସାପେକ୍ଷ ତଥା ଅସମ୍ଭବ। ବର୍ତ୍ତମାନ ବିଦ୍ୟମାନ ଯାନଗୁଡ଼ିକରେ ଉନ୍ନତ ଯନ୍ତ୍ରପାତି ଲଗାଇ ସେଗୁଡ଼ିକୁ ଉଚ୍ଚ ଇଥାନଲ ମିଶ୍ରଣ ଉପଯୋଗୀ କରିହେବ; କିନ୍ତୁ ଗ୍ରାହକଙ୍କ ପକ୍ଷରେ ଏହାକୁ ଗ୍ରହଣ କରିବା ଏକ ଅବାସ୍ତବ ପ୍ରକ୍ରିୟା। ଇ୨୦ ଅନୁପଯୋଗୀ ଇଞ୍ଜିନ ପକ୍ଷରେ କଦାପି ସର୍ବୋତ୍କୃଷ୍ଟ ପ୍ରଦର୍ଶନ ସମ୍ଭବ ନୁହେଁ ବୋଲି ଏସ୍ଆଇଏମ୍ ସରକାରଙ୍କୁ ପରାମର୍ଶ ଦେଇଥିଲା।

ଅନ୍ୟପଟେ, କେନ୍ଦ୍ର ସରକାର ଏବଂ ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ (ପିଆଇବି) ଏବେ ଇ୨୦ ପେଟ୍ରୋଲ୍ ଯୋଗୁଁ ବ୍ୟାପକ ଭାବେ ଇଞ୍ଜିନ୍ ଖରାପ ହେଉଥିବା ଦାବିକୁ ଖଣ୍ଡନ କରିଛନ୍ତି। ସରକାରଙ୍କ ଅନୁସାରେ, ବ୍ୟାପକ ପରୀକ୍ଷଣ ପରେ ହିଁ ଏହି ଇନ୍ଧନକୁ ବଜାରକୁ ଅଣାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବଡ଼ ଧରଣର ଇଞ୍ଜିନ୍ ବିଫଳତାର ପ୍ରମାଣ ମିଳିନାହିଁ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏଆର୍ଏଆଇ ଏବଂ ଇଣ୍ଡିଆନ୍ ଅଏଲ୍ ଭଳି ସଂସ୍ଥା ଦ୍ୱାରା କରାଯାଇଥିବା ପରୀକ୍ଷଣରେ ଇନ୍ଧନ ଦକ୍ଷତା କମିଥିଲେ ମଧ୍ୟ ଗାଡ଼ିର ଇଞ୍ଜିନ୍ ଅଂଶଗୁଡ଼ିକରେ କୌଣସି ଅସ୍ୱାଭାବିକ କ୍ଷତି ଦେଖାଯାଇ ନଥିଲା। ତଥାପି, ୨୦୨୧ର ଏହି ପୁରୁଣା ରିପୋର୍ଟ ସାମ୍ନାକୁ ଆସିବା ପରେ ପୁରୁଣା ଗାଡ଼ି ମାଲିକମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାହକଙ୍କ ସୁବିଧା ଏବଂ ଗାଡ଼ିର ସୁରକ୍ଷା ପାଇଁ ଦେଶରେ ସମାନ୍ତରାଳ ଭାବେ ଇ୧୦ ଇନ୍ଧନର ଉପଲବ୍ଧତା ଜରୁରୀ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ୪,୮୦୦ କର୍ମଚାରୀଙ୍କୁ ବହିଷ୍କାର କଲା ମାଇକ୍ରୋସଫ୍ଟ




ନୂଆଦିଲ୍ଲୀ/ରେଡମଣ୍ଡ, ୬।୭ (ଏଜେନ୍ସି) ବିଶ୍ୱର ଅଗ୍ରଣୀ ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ପୁଣିଥରେ ବଡ଼ଧରଣ କର୍ମଚାରୀ ଛଟେଇ କରିଛି। କମ୍ପାନୀ ଏକ ସମୟରେ ୪,୮୦୦ ଜଣ କର୍ମଚାରୀଙ୍କୁ ଚାକିରିରୁ ବିଦାୟ ଦେଇଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ବିପୁଳ ବିନିଯୋଗ କରୁଥିବାରୁ ଖର୍ଚ୍ଚ ନିୟନ୍ତ୍ରଣ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ଏହାପରେ ପୁଣିଥରେ ଆଇଟି ଶିଳ୍ପରେ ଚାକିରି ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ମାଇକ୍ରୋସଫ୍ଟ ବର୍ତ୍ତମାନ ଏଆଇ ପ୍ରଯୁକ୍ତିର ବିକାଶ ପାଇଁ ବିଶାଳ ଡାଟା ସେଣ୍ଟର, ଉନ୍ନତ ଚିପ୍, କ୍ଲାଉଡ୍ ସର୍ଭରରେ ବିପୁଳ ବିନିଯୋଗ କରୁଛି। ତେଣୁ ବ୍ୟୟକୁ ସନ୍ତୁଳିତ କରିବା ପାଇଁ କମ୍ପାନୀ ବିଭିନ୍ନ ବିଭାଗରେ କର୍ମଚାରୀ ସଂଖ୍ୟା କମାଇବାର ନିଷ୍ପତ୍ତି ନେଇଛି। ପ୍ରବନ୍ଧନ, ବିକ୍ରୟ, ବିପଣନ ଓ କିଛି ପ୍ରଯୁକ୍ତି ବିଭାଗରୁ କର୍ମଚାରୀ ଛଟେଇ କରାଯାଇଛି। ବଜାରରେ ଦ୍ରୁତ ପରିବର୍ତ୍ତନ ସହ ତାଳମେଳ ରଖିବା, ଏଆଇ-ଆଧାରିତ ସେବାକୁ ଆହୁରି ଶକ୍ତିଶାଳୀ କରିବା ଏବଂ ଭବିଷ୍ୟତର ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଗତ ଛଅ ମାସ ମଧ୍ୟରେ ମାଇକ୍ରୋସଫ୍ଟର ସେୟାର ମୂଲ୍ୟ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଥିବା କୁହାଯାଉଛି। ବିଶେଷଜ୍ଞଙ୍କ ମତରେ କେବଳ ମାଇକ୍ରୋସଫ୍ଟ ନୁହେଁ, ବିଶ୍ୱର ଅନେକ ବଡ଼ ପ୍ରଯୁକ୍ତି କମ୍ପାନୀ ଇଓ କ୍ଷେତ୍ରରେ ବ୍ୟାପକ ବିନିଯୋଗ କରୁଥିବା ବେଳେ ପାରମ୍ପରିକ ବ୍ୟବସାୟିକ ଗଠନରେ ପରିବର୍ତ୍ତନ ଆଣୁଛନ୍ତି। ଏହାର ପ୍ରଭାବରେ କେତେକ ବିଭାଗରେ କର୍ମଚାରୀ ଛଟେଇ କରାଯାଉଛି।

# ଦେଶରେ ଇସ୍ପାତ ଚାହିଦା ୮.୩% ବୃଦ୍ଧି

ନୂଆଦିଲ୍ଲୀ,୬।୭ (ଏଜେନ୍ସି): ଘରୋଇ ଚାହିଦା ଯୋଗୁଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ (ଏପ୍ରିଲ-ଜୁନ୍)ରେ ଇସ୍ପାତ ବ୍ୟବହାରରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ଶିଳ୍ପ ସମ୍ବନ୍ଧୀୟ ତଥ୍ୟ ଅନୁସାରେ ଏହି ଅବଧିରେ ଭାରତର ଇସ୍ପାତ ବ୍ୟବହାର ବାର୍ଷିକ ଆଧାରରେ ୮.୩ ପ୍ରତିଶତ ବୃଦ୍ଧି ପାଇଛି। ଦେଶରେ ବଢୁଥିବା ଭିତ୍ତିଭୂମି ପ୍ରକଳ୍ପ, ନିର୍ମାଣ କ୍ଷେତ୍ରର ବିସ୍ତାର ଏବଂ ଅଟୋମୋବାଇଲ୍ ସମେତ ବିଭିନ୍ନ ଶିଳ୍ପରେ ଚାହିଦା ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ବ୍ୟାପକ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ, ରାଜପଥ, ରେଳ, ସେତୁ, ବନ୍ଦର ଏବଂ ସହରାଞ୍ଚଳ ବିକାଶ ପ୍ରକଳ୍ପରେ ବିନିଯୋଗ ବଢ଼ିବା ଫଳରେ ଇସ୍ପାତର ଚାହିଦା ଦ୍ରୁତ ଗତିରେ ବଢୁଛି। ଏହା ସହିତ ଘର ନିର୍ମାଣ, ବାଣିଜ୍ୟିକ ଭବନ ଏବଂ ଶିଳ୍ପ ପ୍ରକଳ୍ପରେ ମଧ୍ୟ ଇସ୍ପାତର ବ୍ୟବହାର ବଢ଼ିଛି। ବିଶ୍ୱ ବଜାରର ଅନିଶ୍ଚିତତା ସତ୍ତ୍ୱେ ଘରୋଇ ବଜାରର ଶକ୍ତିଶାଳୀ ଚାହିଦା ଭାରତର ଇସ୍ପାତ ଶିଳ୍ପକୁ ମଜବୁତ ସ୍ଥିତିରେ ରଖିଛି। ବିଶ୍ୱର ଅନେକ ଦେଶରେ ଚାହିଦା ମନ୍ଥର ଥିବା ବେଳେ ଭାରତର ଘରୋଇ ବଜାର ଇସ୍ପାତ ଉତ୍ପାଦନକାରୀ କମ୍ପାନୀମାନଙ୍କ ପାଇଁ ପ୍ରମୁଖ ଭରସା ପାଲଟିଛି। ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଇସ୍ପାତ ଉତ୍ପାଦକ ଦେଶ ହୋଇଥିବାରୁ ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଇସ୍ପାତର ଚାହିଦା ଉଚ୍ଚ ସ୍ତରରେ ରହିବାର ସମ୍ଭାବନା ରହିଛି। 'ମେକ୍ ଇନ୍ ଇଣ୍ଡିଆ', ଉତ୍ପାଦନ କ୍ଷେତ୍ରର ବିସ୍ତାର ଏବଂ ଭିତ୍ତିଭୂମିରେ ସରକାରୀ ବିନିଯୋଗ ଏହି ବୃଦ୍ଧିକୁ ଆହୁରି ଗତି ଦେଇପାରେ ବୋଲି କୁହାଯାଉଛି।


# କେନ୍ଦ୍ର ଆଣିବ ନୂଆ ଜୀବନ ବୀମା କମ୍ପାନୀ

ନୂଆଦିଲ୍ଲୀ,୬।୭ (ଏଜେନ୍ସି): ସମବାୟ କ୍ଷେତ୍ରକୁ ଆହୁରି ସଶକ୍ତ କରିବା ଦିଗରେ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଘୋଷଣା କରିଛନ୍ତି ଯେ, 'ଭାରତ ଟ୍ୟାକ୍ସି' ମଡେଲ୍ ଅନୁସାରେ ଦେଶରେ ଏକ ସମବାୟ ଜୀବନ ବୀମା କମ୍ପାନୀ ସ୍ଥାପନ କରାଯିବ। ଏହା ଦ୍ୱାରା ବୀମା କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକର ଅଂଶଗ୍ରହଣ ବୃଦ୍ଧି ପାଇବା ସହ ସାଧାରଣ ଲୋକଙ୍କ ପାଖରେ ବୀମା ସେବା ଅଧିକ ସହଜରେ ପହଞ୍ଚିପାରିବ। ନୂଆଦିଲ୍ଲୀରେ ସହକାରିତା ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଶାହା କହିଛନ୍ତି ଯେ ସହକାରିତାକୁ ପାରମ୍ପରିକ କ୍ଷେତ୍ରରୁ ବାହାର କରି ନୂଆ ନୂଆ ବ୍ୟବସାୟିକ କ୍ଷେତ୍ରକୁ ବିସ୍ତାର କରିବା ସରକାରଙ୍କ ଲକ୍ଷ୍ୟ। ସେ କହିଥିଲେ, ସହକାରିତା ମଡ଼େଲରେ ଆରମ୍ଭ ହୋଇଥିବା 'ଭାରତ ଟ୍ୟାକ୍ସି' ସେବା ଭଲ ପ୍ରଦର୍ଶନ କରୁଛି ଏବଂ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏହାକୁ ୫୦୦ ସହରକୁ ବିସ୍ତାର କରାଯିବ। ଭାରତ ଟ୍ୟାକ୍ସିର ସଫଳତାକୁ ଆଧାର କରି ଏକ ଜୀବନ ବୀମା କମ୍ପାନୀ ଗଠନ କରାଯିବ। ଏହା ଦ୍ୱାରା ସମବାୟ ସଂସ୍ଥାମାନେ କେବଳ କୃଷି, ଦୁଗ୍ଧ, ସାର କିମ୍ବା ବ୍ୟାଙ୍କିଙ୍ଗରେ ସୀମିତ ନ ରହି ଆର୍ଥିକ ସେବା କ୍ଷେତ୍ରରେ ମଧ୍ୟ ନିଜର ପ୍ରଭାବ ବଢ଼ାଇପାରିବେ। ଦେଶରେ ବର୍ତ୍ତମାନ ପ୍ରାୟ ୮.୫ ଲକ୍ଷ ସମବାୟ ସମିତିରେ ୩୦ କୋଟିରୁ ଅଧିକ ସଦସ୍ୟ ଜଡ଼ିତ ଅଛନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ସମବାୟ କ୍ଷେତ୍ରକୁ ସ୍ୱଚ୍ଛ, ପ୍ରଯୁକ୍ତିନିର୍ଭର ଏବଂ ପେସାଦାର କରିବା ପାଇଁ ଅନେକ ସଂସ୍କାର ଆଣାଯାଇଛି।

### ଟ୍ରମ୍ପଙ୍କ କଠୋର ଇମିଗ୍ରେସନ୍ ନୀତି

# ଆମେରିକୀୟଙ୍କ ଭାରତୀୟ ଜୀବନ ସାଥୀ ପ୍ରଭାବିତ

ୱାଶିଂଟନ୍ : ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଇମିଗ୍ରେସନ୍ ନୀତିର ପ୍ରଭାବ ଏବେ କେବଳ ଅବୈଧ ପ୍ରବାସୀଙ୍କ ମଧ୍ୟରେ ସୀମିତ ରହିନାହିଁ।



ଆମେରିକୀୟ ନାଗରିକଙ୍କ ବିଦେଶୀ ଜୀବନସାଥୀମାନେ ମଧ୍ୟ ଏହି କଠୋର ନୀତି ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଦୀର୍ଘ ଦିନ ଧରି ଆମେରିକାର ଇମିଗ୍ରେସନ୍ ଆଇନରେ ଏହି ଶ୍ରେଣୀକୁ ବିଶେଷ ସୁବିଧା ଓ ପ୍ରାଥମିକତା ମିଳୁଥିବାବେଳେ, ବର୍ତ୍ତମାନ କଠୋର ଯାଞ୍ଚ ଓ ନିର୍ବାସନ ଭୟ ଭଳି ସମସ୍ୟା ଦେଖା ଦେଇଛି। ବିଶେଷଭାବରେ ଆମେରିକୀୟଙ୍କ ଭାରତୀୟ ଜୀବନସାଥୀମାନେ ଏଥିରେ ବିଶେଷ ପ୍ରଭାବିତ ହୋଇଛନ୍ତି।

ଟ୍ରମ୍ପ ପ୍ରଶାସନ ଦେଶରେ ବୈଧ ପ୍ରବାସ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ୭୫ଟି ଦେଶର ନାଗରିକଙ୍କ ପାଇଁ ଇମିଗ୍ରାଣ୍ଟ ଭିସା ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି। ଅନୁରୂପ ଭାବରେ ଗ୍ରୀନ୍ କାର୍ଡର କଠୋର ଯାଞ୍ଚ ପରି ନିଷ୍ପତ୍ତି ନେଇଛି। ଇମିଗ୍ରେସନ୍ ଆଇନଜୀବୀ ଓ ବିଭିନ୍ନ ସାମାଜିକ ସଂଗଠନଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ଆମେରିକୀୟ ନାଗରିକଙ୍କ ବିଦେଶୀ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ଇମିଗ୍ରେସନ୍ ପ୍ରକ୍ରିୟାରେ ଅଧିକ ସୁରକ୍ଷା ଓ ସୁବିଧା ମିଳୁଥିଲା। କିନ୍ତୁ ବର୍ତ୍ତମାନ ସେମାନଙ୍କୁ ମଧ୍ୟ ଅନ୍ୟ ପ୍ରବାସୀଙ୍କ ପରି ସମାନ କଠୋର ନିୟମ ଓ ତଦନ୍ତର ସମ୍ମୁଖୀନ ହେବାକୁ ପଡୁଛି।

ଆମେରିକାର ପରିବାରଭିତ୍ତିକ ଇମିଗ୍ରେସନ୍ ଅଧିକାର ପାଇଁ କାମ କରୁଥିବା ସଂଗଠନ ଆମେରିକାନ ଫ୍ୟାମିଲିଜ୍ ୟୁନାଇଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଆଶଲି ଡିଆଜେଭେଡୋ କହିଛନ୍ତି ଯେ ବିଦେଶରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ବିବାହ କରିଥିବା ଆମେରିକୀୟ ନାଗରିକଙ୍କ ଜୀବନ ଏବେ ପୂର୍ବାପେକ୍ଷା ବହୁତ କଷ୍ଟସାଧ ହୋଇପଡ଼ିଛି। ଗତ ଏକ ବର୍ଷ ମଧ୍ୟରେ ସଂଗଠନର ସଦସ୍ୟ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ଏପରିକି ଟ୍ରମ୍ପ ପ୍ରଶାସନର ନୂଆ ନିୟମ ଭୟରେ ଆମେରିକା ଛାଡ଼ି ଅନ୍ୟ ଦେଶକୁ ଚାଲିଯାଇଛନ୍ତି କିମ୍ବା ଦେଶକୁ ପ୍ରବେଶ କରିବା ପାଇଁ ସଂଘର୍ଷ କରୁଛନ୍ତି। ଏହି କଠୋର ନୀତି କେବଳ ପ୍ରବାସୀଙ୍କ ଉପରେ ନୁହେଁ, ଆମେରିକୀୟ ନାଗରିକଙ୍କ ପାରିବାରିକ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଫଳରେ ଟ୍ରମ୍ପ ପ୍ରଶାସନର ଇମିଗ୍ରେସନ୍ ନୀତିକୁ ନେଇ ଆମେରିକାରେ ପୁଣିଥରେ ବ୍ୟାପକ ରାଜନୈତିକ ଓ ସାମାଜିକ ଚର୍ଚ୍ଚା ଜୋର ଧରିଛି।

### ବେଦାନ୍ତ ଆଲୁମିନିୟମର କୋଇଲା ଖଣି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍

# ୫୦ ହଜାରରୁ ଅଧିକ ଲୋକ ଉପକୃତ

ଭୁବନେଶ୍ୱର,୬।୭ (ସମିସ): ଓଡ଼ିଶାର ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ମୌଳିକ ସ୍ୱାସ୍ଥ୍ୟସେବା ପାଇବା ଏକ ଆହ୍ୱାନ ହୋଇ ରହିଛି, ଯାହା ପ୍ରାୟତଃ ଚିକିତ୍ସାରେ ବିଳମ୍ବ ଏବଂ ଦୂର ଯାତ୍ରା ପାଇଁ ହୋଇଥାଏ। ଏହି ଶୂନ୍ୟସ୍ଥାନକୁ ପୂରଣ କରି ବେଦାନ୍ତ ଆଲୁମିନିୟମର କୋଇଲା ଖଣିଗୁଡ଼ିକ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମଏଚୟୁ) କାର୍ଯ୍ୟକ୍ରମ ଜରିଆରେ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୬ଟି ଗ୍ରାମରେ ୪ହଜାରରୁ ଅଧିକ ଶିଶୁଙ୍କ ସମେତ ୫୦ହଜାରରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି। ଗତ ତିନି ବର୍ଷ ମଧ୍ୟରେ ଏହି ପଦକ୍ଷେପ ୩୫୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ୧୧୦୦ରୁ ଅଧିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଚିକିତ୍ସା ପରାମର୍ଶ, ରୋଗ ନିରୀକ୍ଷଣ, ମଧୁମେହ ପରୀକ୍ଷା, ନିଦାନ ସହାୟତା ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିବା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ଭଳି ପ୍ରମୁଖ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଶିକ୍ଷା ପ୍ରଦାନ କରାଯାଇ ପାରିଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ନିୟମିତ ଭାବରେ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରି ଦୀର୍ଘସ୍ଥାୟୀ ଅବସ୍ଥା ଉପରେ ନଜର ରଖିଥାଏ। ରକ୍ତହୀନତା, ପାକସ୍ଥଳୀ ସମ୍ବନ୍ଧୀୟ ରୋଗ, ଶ୍ୱାସକ୍ରିୟା ସଂକ୍ରମଣ, ଫଙ୍ଗସ୍ ସଂକ୍ରମଣ, ଗଣ୍ଠି ଯନ୍ତ୍ରଣା ଆଦି ରୋଗର ଚିକିତ୍ସା ମଧ୍ୟ କରିଥାଏ। ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକ୍ରମ ଆଖପାଖର ଲୋକଙ୍କ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇଥାଏ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଟିମ୍‌ର ଡା. ଇନ୍ଦ୍ରପ୍ରକାଶ ପ୍ରଜାପତି କହିଛନ୍ତି, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ସହାୟତାରେ, ଆମେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଶୀଘ୍ର ଚିହ୍ନଟ କରିଥାଉ, ସମୟୋଚିତ ଚିକିତ୍ସା ପ୍ରଦାନ କରିଥାଉ।




### ଉଚ୍ଚ ମଧ୍ୟବିତ୍ତ ଆୟ

# ଦେଶରେ ଦିଲ୍ଲୀ ସବୁଠୁ ଆଗରେ

## ଓଡ଼ିଶାଠାରୁ ପଛରେ ବିହାର, ଝାରଖଣ୍ଡ, ଉତ୍ତରପ୍ରଦେଶ

ନୂଆଦିଲ୍ଲୀ,୬।୭ (ଏଜେନ୍ସି):

ଭାରତର ଅର୍ଥନୀତି ଦ୍ରୁତ ଗତିରେ ବିକାଶ କରୁଥିବା ବେଳେ ରାଜ୍ୟଗୁଡ଼ିକ ମଧ୍ୟରେ ଆୟର ଅସମାନତା ପୁଣିଥରେ ସାମ୍ନାକୁ ଆସିଛି। ଏକ ନୂତନ ଅର୍ଥନୈତିକ ବିଶ୍ଳେଷଣ ଅନୁଯାୟୀ, ଭାରତର ୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଶ୍ୱବ୍ୟାଙ୍କ 'ଅପର-ମିଡିଲ୍-ଇନକମ୍' ଶ୍ରେଣୀର ମାନଦଣ୍ଡରେ ପହଞ୍ଚିଛନ୍ତି। ଅନ୍ୟପଟେ ଦେଶର ଦୁଇ ବଡ଼ ରାଜ୍ୟ ବିହାର ଓ ଉତ୍ତରପ୍ରଦେଶର ମୁଣ୍ଡପିଛା ଆୟ ସବୁଠୁ ପଛରେ ଥିବା କୁହାଯାଉଛି।

ରିପୋର୍ଟ ଅନୁସାରେ ଦିଲ୍ଲୀ ମୁଣ୍ଡପିଛା ଆୟ କ୍ଷେତ୍ରରେ ଦେଶରେ ସର୍ବାଧିକ। ଦିଲ୍ଲୀର ପ୍ରତ୍ୟେକ ବ୍ୟକ୍ତିଙ୍କ ହାରାହାରି ବାର୍ଷିକ ମୁଣ୍ଡପିଛା ଆୟ ୫.୨୦ ଲକ୍ଷ ଟଙ୍କା। ଦିଲ୍ଲୀ ବ୍ୟତୀତ ଗୋଆ, ସିକ୍କିମ, ଚଣ୍ଡୀଗଡ଼ ଏବଂ ପୁଡୁଚେରୀ ମଧ୍ୟ ଏହି ଶ୍ରେଣୀରେ ସ୍ଥାନ ପାଇଥିବା କୁହାଯାଇଛି। ଶିଳ୍ପ, ସେବା କ୍ଷେତ୍ର, ପର୍ଯ୍ୟଟନ, ଆର୍ଥିକ କାର୍ଯ୍ୟକଳାପ ଏବଂ ଉଚ୍ଚ ଉତ୍ପାଦନ କ୍ଷମତା ଯୋଗୁଁ ମୁଣ୍ଡପିଛା ଆୟ ଦେଶର ହାରଠାରୁ ଅନେକ ଅଧିକ ରହିଛି। ଉଚ୍ଚ ନିବେଶ, ଉନ୍ନତ ଭିତ୍ତିଭୂମି ଓ ଅଧିକ ରୋଜଗାର ସୁଯୋଗ ଏହି ଅଞ୍ଚଳଗୁଡ଼ିକର ଦ୍ରୁତ ଅର୍ଥନୈତିକ ବିକାଶର ପ୍ରମୁଖ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।



ଅପରପକ୍ଷରେ ବିହାର ଓ ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟରେ ମୁଣ୍ଡପିଛା ଆୟ ଏବେ ମଧ୍ୟ ଅତ୍ୟନ୍ତ କମ୍ ରହିଛି। ଏହା ଦେଶର ଆଞ୍ଚଳିକ ଅର୍ଥନୈତିକ ବୈଷମ୍ୟକୁ ସ୍ପଷ୍ଟ ଭାବେ ପ୍ରକାଶ କରୁଛି। ଏପରିକି ଓଡ଼ିଶାଠାରୁ ଏହି ଦୁଇ ରାଜ୍ୟର ମୁଣ୍ଡପିଛା ଆୟ ଯଥେଷ୍ଟ କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ବିହାରର ମୁଣ୍ଡପିଛା ଆୟ ବାର୍ଷିକ ୭୬୪୯୦ ଟଙ୍କା ଥିବାବେଳେ ଝାରଖଣ୍ଡରେ ଏହା ୧.୧୭ ଲକ୍ଷ ଓ ଉତ୍ତରପ୍ରଦେଶରେ ଏହା ୧.୨୬ ଲକ୍ଷ। ମାତ୍ର ଓଡ଼ିଶାରେ ମୁଣ୍ଡପିଛା ଆୟ ୧.୮୬ ଲକ୍ଷ ବୋଲି କୁହାଯାଇଛି। ବିଶ୍ୱବ୍ୟାଙ୍କ ଦେଶଗୁଡ଼ିକୁ ମୁଣ୍ଡପିଛା ଜାତୀୟ ଆୟ (ପର କ୍ୟାପିଟା ଜିଏନ୍ଆଇ) ଆଧାରରେ ବିଭିନ୍ନ ଆୟ ଶ୍ରେଣୀରେ ବିଭକ୍ତ କରିଥାଏ। ଭାରତ ଏବେ ମଧ୍ୟ ଏକ ଲୋଅର-ମିଡିଲ୍-ଇନକମ୍ ଦେଶ ହୋଇଥିଲେ ମଧ୍ୟ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ୱତନ୍ତ୍ର ଭାବେ ଅପର-ମିଡିଲ୍-ଇନକମ୍ ସ୍ତରକୁ ପହଞ୍ଚିବାରେ ସକ୍ଷମ ହୋଇଛନ୍ତି। ଏହି ରିପୋର୍ଟ ଭାରତର ବିକାଶର ଦୁଇଟି ଭିନ୍ନ ଚିତ୍ର ସାମ୍ନାକୁ ଆଣିଛି। ଗୋଟିଏ ପଟେ କେତେକ ରାଜ୍ୟ ବିଶ୍ୱସ୍ତରୀୟ ଆୟ ମାନଦଣ୍ଡକୁ ଛୁଇଁଥିବା ବେଳେ, ଅନ୍ୟପଟେ କୋଟି କୋଟି ଜନସଂଖ୍ୟା ବିଶିଷ୍ଟ କେତେକ ରାଜ୍ୟ ଏବେ ମଧ୍ୟ ନିମ୍ନ ଆୟ ଓ ସୀମିତ ଆର୍ଥିକ ସୁଯୋଗ ସହ ସଂଘର୍ଷ କରୁଛନ୍ତି। ଏହି ବୈଷମ୍ୟ କମାଇବା ପାଇଁ ସନ୍ତୁଳିତ ଆଞ୍ଚଳିକ ବିକାଶ ଓ ଅଧିକ ନିବେଶ ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଅଶୋଧିତ ତେଲ ବ୍ୟାରେଲ ପିଛା ୧୧ ଡ଼ଲାର କମିଲା

ରିୟାଦ, ୬।୭ (ଏଜେନ୍ସି): ସାଉଦି ଆରବର ସରକାରୀ ତୈଳ କମ୍ପାନୀ ସାଉଦୀ ଆରାମକୋ ଏସୀୟ ଦେଶଗୁଡ଼ିକ ପାଇଁ ଅଶୋଧିତ ତୈଳର ବିକ୍ରୟ ମୂଲ୍ୟରେ ବ୍ୟାରେଲ୍ ପିଛା ୧୧ ଡଲାର ହ୍ରାସ କରିଛି। ଗତ ୨୬ ବର୍ଷ ମଧ୍ୟରେ ଏକ ସମୟରେ ଏହା ସବୁଠୁ ବଡ଼ ମୂଲ୍ୟ ହ୍ରାସ ବୋଲି କୁହାଯାଉଛି। ବିଶ୍ୱ ବଜାରରେ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ସହ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଆରାମକୋ ଏହି ପଦକ୍ଷେପ ନେଇଛି। ଏସିଆ ହେଉଛି ସାଉଦି ଆରବର ସବୁଠାରୁ ବଡ଼ ତୈଳ ବଜାର। ଭାରତ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ସାଉଦି ତୈଳର ପ୍ରମୁଖ କ୍ରେତା। ତେଣୁ ଏହି ଅଞ୍ଚଳ ପାଇଁ ଦର ହ୍ରାସ କରି ବଜାରରେ ନିଜ ଦଖଲ ବଢ଼ାଇବାକୁ ଆରାମକୋ ରଣନୀତି ପ୍ରସ୍ତୁତ କରିଛି। ଅର୍ଥନୈତିକ ବିଶ୍ଳେଷକଙ୍କ ଆକଳନ ଅନୁସାରେ ତୈଳ ଦର କମିବା ଫଳରେ ଭାରତ ଭଳି ଦେଶଗୁଡ଼ିକ ଲାଭାନ୍ୱିତ ହେବେ। ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତରୁ ଅଧିକ ଅଶୋଧିତ ତୈଳ ବିଦେଶରୁ ଆମଦାନି କରିଥାଏ। ତେଣୁ ଆମଦାନି ଖର୍ଚ୍ଚ ହ୍ରାସ ପାଇଲେ ବାଣିଜ୍ୟ ନିଅଣ୍ଟ, ମୁଦ୍ରାସ୍ଫୀତି ଉପରେ ସକାରାତ୍ମକ ପ୍ରଭାବ ପଡ଼ିପାରେ।

# ବିସ୍ଫୋରକ ସାମଗ୍ରୀ ଚୋରା କାରବାର ବେଳେ ମାଡ଼ି ବସିଲା ପୁଲିସ, ୩ ଗିରଫ

ଖୋର୍ଦ୍ଧା,୬।୭(ସମିସ): ଖୋର୍ଦ୍ଧାରେ ଦୀର୍ଘ ବର୍ଷ ବ୍ୟବଧାନ ପରେ ପୁଣି ଆରମ୍ଭ ହୋଇଛି ପାହାଡ ବିସ୍ଫୋରଣ ପାଇଁ ଯୋଜନା। ସମସ୍ତ ପାହାଡ, କ୍ରସର ବନ୍ଦ ଥିବା ବେଳେ ବେଆଇନ ଭାବେ ଜିଲୋଟିନ୍ ଏବଂ ଡିଟନେଟର ଆଣି ମୁଣ୍ଡିଆ ଫଟାଇବାକୁ ମସୁଧା ଚାଲୁଥିଲା। ସଦର ଥାନା ପୁଲିସ ବିଶ୍ୱସ୍ତ

- ୬.୮୦ ଲକ୍ଷ ଟଙ୍କା ସହ ଜିଲାଟିନ ଷ୍ଟିକ୍ ଓ ଡିଟୋନେଟର ଜବତ
- ପୁଣି ପାହାଡ ବିସ୍ଫୋରଣ ପାଇଁ ହେଉଥିଲା ଡିଲ୍

ସୂତ୍ରରୁ ଖବର ପାଇ ଏକ ବଡ଼ ଧରଣର ଚଢ଼ଉ କରି ବେଆଇନ ବିସ୍ଫୋରକ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ପଳାଶପିଠିଆ ଗ୍ରାମର ବିଶ୍ୱନାଥ କଅଁର ଓରଫ୍ ବିଶୁ, ଗଞ୍ଜାମ ଜିଲ୍ଲା ଜକରାର ଫିଂଟୁ ପ୍ରଧାନ (୩୩) ଏବଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଗଡନିଆଳର ରବିନାରାୟଣ ଖଟେଇ ଓରଫ୍ ରବି (୩୪)। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ ୧୦୦ଟି ଡିଟୋନେଟର, ୨୦୦ଟି ଜିଲାଟିନ ଷ୍ଟିକ୍, ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ୩ଟି ସ୍ମାର୍ଟ ଫୋନ୍, ୨ଟି ମୋଟରସାଇକେଲ ଏବଂ ଗୋଟିଏ ଅଶୋକ ଲେଲାଣ୍ଡ ଗାଡ଼ି ଜବତ କରାଯାଇଛି ବୋଲି ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ୍ ପରଷୋତ୍ତମ ଦାସ କହିଛନ୍ତି।

ଏସ୍‌ପିଙ୍କ କହିବା ଅନୁସାରେ, ସଦର ଥାନା ଅନ୍ତର୍ଗତ



ତାପଙ୍ଗ ସବୁଜ କୃତ୍ରିମ ହ୍ରଦ ନିକଟ ପାହାଡ ଅଞ୍ଚଳରେ କିଛି ବ୍ୟକ୍ତି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର କରୁଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ସେମାନଙ୍କୁ ଧରିବା ଲାଗି ପରମାର ସ୍ମିଥ ପରଷୋତ୍ତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ.ଡି.ପି.ଓ ପଙ୍କଜ କୁମାର ମାଝୀ ଓ ସଦର ଥାନା ଆଇ.ଆଇ.ସି ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏ.ଏସ.ଆଇ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଗୁପ୍ତ ସୂଚନା ଆଧାରରେ ଗତ ରବିବାର ସନ୍ଧ୍ୟା ପ୍ରାୟ ୬.୧୫ଟାରେ ଏହି ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବିଶୁ ଠାରୁ ଗୋଟିଏ ମୋଟରସାଇକେଲ୍ ଓ ଗୋଟିଏ ମୋବାଇଲ୍, ଫିଂଟୁ ନିକଟରୁ ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ଅଶୋକ ଲେଲାଣ୍ଡ ଗାଡ଼ି, ଏବଂ ରବି ନିକଟରୁ ଗୋଟିଏ ମୋବାଇଲ୍ ଓ ଏକ ମୋଟରସାଇକେଲ୍ ଜବତ କରିଥିଲା ପୁଲିସ। ଢେଙ୍କାନାଳ ଅଞ୍ଚଳରୁ ଏହି ବିସ୍ଫୋରକ ସାମଗ୍ରୀ ସବୁ ଅଣାଯାଇ ଏଠାରେ ବିଭିନ୍ନ ପାହାଡ ବିସ୍ଫୋରଣ ପାଇଁ ଯୋଗାଇ ଦେବାକୁ ବଡ ଧରଣର ଡିଲ୍ ଚାଲୁଥିଲା ବୋଲି ପ୍ରାରମ୍ଭିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଏସ୍‌ପି କହିଥିଲେ। ଅଧିକ ଲାଭ ଆଶାରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ବିକ୍ରି ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ଏହି ଘଟଣାରେ ଖୋର୍ଦ୍ଧା ସଦର ଥାନା କେସ୍ ନଂ-୩୦୯/୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୮/୬୧(୨) ଏବଂ ବିସ୍ଫୋରକ ପଦାର୍ଥ ଆଇନ, ୧୯୦୮ ର ଧାରା ୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏତେ ପରିମାଣର ଡେଟୋନେଟର ଓ ଜେଲାଟିନ ଷ୍ଟିକ୍ କେଉଁଠାରୁ ଆସିଥିଲା, କାହାକୁ ବିକ୍ରି କରିବା ପାଇଁ ଚୁକ୍ତି ହୋଇଥିଲା, ଏବଂ ଏହି କାରବାର ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ଦିଗରେ ପୁଲିସ ତଦନ୍ତ ଚଳାଇଛି। ସେହିପରି ଏତେ ପରିମାଣ ର ଟଙ୍କା ଜବତ ପରେ ବେଆଇନ ବିସ୍ଫୋରଣ ସାମଗ୍ରୀ କାରବାର ପାଇଁ ଅର୍ଥ ଯୋଗାଉଥିବା କିଙ୍ଗ ପିନ କିଏ ସେ ସମ୍ପର୍କରେ ପୁଲିସ ତଦନ୍ତ କରି ମୁଖ୍ୟ ଆସାମୀକୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ବେଆଇନ୍ ବିସ୍ଫୋରଣ ପରେ କେବଳ ପାହାଡ ନୁହେଁ, ଆଖପାଖରେ ଥିବା ଅନେକ କୋଠାଘର ମଧ୍ୟ ଫାଟି କ୍ଷତିଗ୍ରସ୍ତ ହୁଏ। ପୁଲିସ ଏହି ଘଟଣାର ତଦନ୍ତ କରି ଖୁବ୍ ଶୀଘ୍ର ରାକେଟକୁ ଧରିବାରେ ସଫଳ ହେବ ବୋଲି ଏସ୍‌ପି ଶ୍ରୀ ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଉପନିରୀକ୍ଷକ ସୁଜାତା ପଲେଇ କରୁଛନ୍ତି।

### ବୈତରଣୀରେ ବନ୍ୟା ସ୍ଥିତି

# ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ



ଭୁବନେଶ୍ୱର,୬।୭(ସମିସ): ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଏବଂ ସେ ପ୍ରଭାବରୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା।

**ଚାଷଜମିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ସମୀକ୍ଷା ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ଅଛି। କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। କୌଣସି ଜଣେ ଲୋକକୁ ମଧ୍ୟ ସ୍ଥାନାନ୍ତରଣ କିମ୍ବା ସହାୟତା ଆବଶ୍ୟକ ଥିଲେ ତାହାକୁ ଗୁରୁତ୍ୱର ସହିତ ଦୃଷ୍ଟିରେ ରଖି ସହଯୋଗ ଯୋଗାଇ ଦେବାକୁ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଲଗାଣ ବର୍ଷା ପ୍ରଭାବରେ କିଛି ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି ବୋଲି ମନ୍ତ୍ରୀ କହିଥିବା ବେଳେ ଜିଲ୍ଲାପ୍ରଶାସନକୁ ତାହାର ସର୍ଭେ ଏବଂ କ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କ୍ଷୟକ୍ଷତିର ୨୪ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଭଦ୍ରକ ସହରରେ ବୁଲିଲା ବୁଲ୍‌ଡୋଜର

# ମାଟିରେ ମିଶିଲା ୫୦ରୁ ଅଧିକ କୋଠା ଓ ଅସ୍ଥାୟୀ ଘର

ଭଦ୍ରକ,୬।୭(ସମିସ): ଭଦ୍ରକ ସହରରେ ପୁଣି ବୁଲିଲା ବୁଲ୍‌ଡୋଜର। ସହରାଞ୍ଚଳର



୭ ନମ୍ବର ୱାର୍ଡ ଅଧୀନ ମାଠସାହି ହନୁମାନ ମନ୍ଦିର ନିକଟରେ ଦୀର୍ଘ ବର୍ଷ ହେବ ସରକାରୀ ଜମିରେ ରହିଥିବା କୋଠାଘର, ଆଜ୍‌ବେଷ୍ଟସ ଘର ଓ ଦୋକାନ ଘର ସହ ଅସ୍ଥାୟୀ ଘରଗୁଡ଼ିକୁ ସୋମବାର ପ୍ରଶାସନ ଓ ପୁଲିସ ମିଳିତଭାବେ ଜେସିବି ଲଗାଇ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ସହର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମଠସାହି ମୌଜାର ଖାତା ନମ୍ବର-୮୯୭ରେ ୧୬୨୨ ପ୍ଲଟ୍‌ରେ ଥିବା ପ୍ରାୟ ୧ଏକର ପତିତ କିସମ ସରକାରୀ ଜମିରେ ଦୀର୍ଘ ବର୍ଷ ହେବ ଜବରଦଖଲ କରି ୫୦ରୁ ଅଧିକ ବ୍ୟକ୍ତି କୋଠାଘର, ଦୋକାନ ଘର ଓ ଅସ୍ଥାୟୀ ଘର କରି ରହୁଥିଲେ। ତେବେ ଜବରଦଖଲ ଯୋଗୁଁ ବିଭିନ୍ନ ସମସ୍ୟା ଉପୁଜିବା ସହ ସମ୍ପୃକ୍ତ ଅଞ୍ଚଳରେ ଡ୍ରଗ୍ସ କାରବାରଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଥିଲା। ପରେ ପ୍ରଶାସନ ପକ୍ଷରୁ ଏହାର ଉଚ୍ଛେଦ ଲାଗି ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ଉଚ୍ଛେଦ ବେଳେ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସ୍‌ନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ବିକାଶ ଦାସ, ଡିଏସ୍‌ପି ଅନିରୁଦ୍ଧ ମୁଦୁଲି, ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ଇନ୍ସପେକ୍ଟର ଦୟାନିଧି ଦାସ, ଭଦ୍ରକ ସଦର ଆର୍‌ଆଇ ଭଦ୍ରକ ସୌମ୍ୟ ସାମନ୍ତ, ଚରମ୍ପା ଆର୍‌ଆଇ ମନୋରମା ଧଳ, ବେକା ଆର୍‌ଆଇ ମଧୁସ୍ମିତା ସାହୁ, ସାତଭଉଣୀ ଆର୍‌ଆଇ ଗୌତମ ମଲ୍ଲିକ ଓ ସର୍ଭେୟର ସୁବାସ ପଲେଇ ପ୍ରମୁଖ ପୁଲିସ ଅଧିକାରୀ ତଥା ଫୋର୍ସ ସହ ପୌର କର୍ମଚାରୀମାନେ ସାମିଲ୍ ଥିଲେ।

# ଶିଶୁ ବାଟିକାରେ ନିଯୁକ୍ତ ହେବେ ୭,୨୩୪ ଶିକ୍ଷକ

ଭୁବନେଶ୍ୱର, ୬।୭ (ସମିସ) : ରାଜ୍ୟର ପ୍ରାୟ ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲିଛି। ଏସବୁ ଶ୍ରେଣୀରେ ଶିଶୁଙ୍କ ଯତ୍ନ ନେବା ପାଇଁ ପୂର୍ବରୁ ଶିଶୁ ସେବିକା ନିଯୁକ୍ତ ହୋଇଥିବା ବେଳେ ଏବେ ସେମାନଙ୍କୁ ଶିକ୍ଷାଦାନ ପାଇଁ ୭ହଜାର ୨୩୪ଜଣ ଶିକ୍ଷକ ନିଯୁକ୍ତି ହେବେ। ଏହାକୁ ଅର୍ଥ ବିଭାଗ ପକ୍ଷ୍ୟରୁ ଅନୁମୋଦନ ମିଳିଥିବା ବେଳେ ଖୁବ୍ ଶୀଘ୍ର ନିଯୁକ୍ତି ନେଇ ଆଶା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମୋଟ ୭ ହଜାର ୨୩୪ଟି ଶିକ୍ଷକ ପଦ ପାଇଁ ଅର୍ଥ ବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ପ୍ରତି ଶିକ୍ଷକଙ୍କୁ ମାସିକ ୨୬ ହଜାର ୨୦୦ ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯିବ। ଏଥିପାଇଁ ସମଗ୍ର ଶିକ୍ଷା ପାଣ୍ଠିରୁ ବାର୍ଷିକ ୨୨୭ କୋଟି ୪୩ ଲକ୍ଷ ୬୯ ହଜାର ୬୦୦ ଟଙ୍କା ଖର୍ଚ୍ଚ ହେବ। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଶିଶୁମାନଙ୍କ ବୌଦ୍ଧିକ ବିକାଶ ସହିତ ସେମାନଙ୍କ ପାଠପଢ଼ାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏହି ନୂତନ ପଦ ସୃଷ୍ଟି କରିଛନ୍ତି। ଖୁବଶୀଘ୍ର ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ମଧ୍ୟ ଆଶା ପ୍ରକାଶ ପାଇଛି

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ; ପ୍ରଧାନଶିକ୍ଷକ ଥାନାରେ ଅଟକ

ବାରିକପୁର,୬।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ଶୁକଦେବ ଜେନା ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ନାମରେ ଗୁରୁତର ଅଭିଯୋଗ ଆସିଛି। ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ଜନୈକ ଶିକ୍ଷୟିତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ସହିତ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ପ୍ରଧାନଶିକ୍ଷକ ଯୌନ ଶୋଷଣ ଭଳି ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଶିକ୍ଷୟିତ୍ରୀ ଜଣକ ବାରମ୍ବାର ଏହାକୁ ପ୍ରତିରୋଧ କରିଥିଲେ। ଏହାସତ୍ତ୍ୱେ ପ୍ରଧାନଶିକ୍ଷକ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣୁ ନ ଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଜଣକ ଅତିଷ୍ଠ ହୋଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସମେତ ସ୍ଥାନୀୟ ଥାନାରେ ଗତ ୩୦ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୫ଦିନ ପରେ ପୁଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ପାଇ ସ୍ଥାନୀୟ ୨୦୦ରୁ ଅଧିକ ମହିଳା ସ୍କୁଲ ପ୍ରାଙ୍ଗଣରେ ପହଞ୍ଚିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ମହିଳାମାନେ ବିଭିନ୍ନ ନାରାବାଜି ଦେଇଥିଲେ। ପରିସ୍ଥିତିକୁ ଆୟତ କରିବା ପାଇଁ ପୁଲିସ ନାକେଦମ୍ ହୋଇଥିଲା। କିଛି ସମୟ ପରେ ପୁଲିସ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ଏନେଇ ପୁଲିସ ଉପଖଣ୍ଡ ଅଧିକାରୀଙ୍କ ମତାମତ ନେବାରୁ ଅଭିଯୋଗକୁ ନେଇ ସମ୍ପୃକ୍ତ ଶିକ୍ଷକ ଏବେ ପୁଲିସ ହେପାଜତରେ ଥିବାବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି।

**ବାଲିଅନ୍ତା ଭିଡ଼ ହତ୍ୟା**

# ଆଜି ହୋଇପାରେ ଅସଦାଚରଣ ମାମଲାର ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର, ୬।୭(ସମିସ): ରାଜ୍ୟରେ ବହୁଚର୍ଚ୍ଚିତ ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଦୁଇଟି ମାମଲା ରୁଜୁ କରିଥିଲା। ଗୋଟିଏ ମାମଲା ଭିଡ ହତ୍ୟା ସମ୍ପର୍କରେ ଥିଲା ବେଳେ ଅନ୍ୟଟି ଦୁଇ ଯୁବତୀଙ୍କୁ ଅସଦାଚରଣ ସମ୍ପର୍କିତ ରହିଥିଲା। ଏହି ଦୁଇ ମାମଲା ମଧ୍ୟରୁ ଦୁଇ ଯୁବତୀଙ୍କ ଅସଦାରଣ ସମ୍ପର୍କିତ ମାମଲାର ଚାର୍ଜସିଟ୍ ଦାଖଲ ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ଦାଖଲ କରିପାରେ। ଅସଦାଚରଣ ଘଟଣା ସତ ନା ଆ ମିଛ। ଏହି ମାମଲାରେ କଣ ତଦନ୍ତ କରାଯାଇଛି ସେ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ କୋର୍ଟଙ୍କୁ ଜଣାଇବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଅସଦାଚରଣକୁ ନେଇ ସୌମ୍ୟଙ୍କ ସହଯୋଗୀ ଓମ୍ କହୁଥିଲା ବେଳେ ଦୁଇ ଯୁବତୀ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏବେ ଓମ୍‌ଙ୍କ କଥାରେ ତାଳମେଳ ରହୁ ନାହିଁ। ସେ ମିଛ କହୁଛନ୍ତି ବୋଲି କ୍ରାଇମ୍‌ବ୍ରାଞ୍ଚ ସନ୍ଦେହ କରି ଓମ୍‌ଙ୍କ ଲାଏ ଡିଟେକ୍ସନ୍ ପରୀକ୍ଷା କରାଇଛି। ଦୁଇ ଯୁବତୀ କହିଥିଲେ ଓମ୍ ପଛରୁ ଧକ୍କା ଦେଇଥିଲା। ହେଲେ ଓମ୍ କ୍ରାଇମ୍‌ବ୍ରାଞ୍ଚକୁ ବୟାନ ଦେଇଥିଲା ସୌମ୍ୟ ପଛରୁ ଫେରିକି ଆସି ଯୁବତୀମାନଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଲାଏ ଡିଟେକ୍‌ସନ୍ ଟେଷ୍ଟ ହୋଇଥିଲା। ଓମ୍‌ଙ୍କ ବାତ ମରା ବୟାନ ନେଇ ମଧ୍ୟ କ୍ରାମଇବ୍ରାଞ୍ଚର ସନ୍ଦେହ ଆହୁରୀ ବଢିଥିଲା।

**କୋର୍ଟଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜଣାଇବ ଅସଦାଚରଣର ସତ୍ୟାସତ୍ୟ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆବେଦନ ଖାରଜ...

ଡିଭିଜନ ହାଇକୋର୍ଟ ସଞ୍ଜୟ ଭଣ୍ଡାରୀ ମାମଲାର ଉଦାହରଣ ଦେଇ ନୀରବ ମୋଦୀ କରିଥିବା ପୁନଃ ଶୁଣାଣି ଆବେଦନକୁ ଖାରଜ କରିଦେଇଥିଲେ। ଭାରତ ଗଲେ ତାଙ୍କୁ ନିର୍ଯାତନା ଦିଆଯିବ ବୋଲି ନୀରବ ଯୁକ୍ତି ବାଢ଼ିଥିଲେ, କିନ୍ତୁ ସିବିଆଇ ଅଧିକାରୀମାନେ କୋର୍ଟରେ ଏହି ଦାବିକୁ ଭୁଲ୍ ପ୍ରମାଣିତ କରିଥିଲେ। ବର୍ତ୍ତମାନ ସମସ୍ତ ଆଇନଗତ ବାଧା ଦୂର ହୋଇଥିବାରୁ ବ୍ରିଟେନ କର୍ତ୍ତୃପକ୍ଷ ତାଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ଏବଂ ଯେକୌଣସି ସମୟରେ ତାଙ୍କୁ ଭାରତ ଅଣାଯାଇପାରେ ବୋଲି କୁହାଯାଉଛି।

### ବଢୁଛି ଏସ୍‌ଆଇଆର୍...

କରୁନାହାନ୍ତି। ଏହା ବଦଳରେ ସେମାନେ ବିଭିନ୍ନ କମ୍ୟୁନିଟି ହଲ୍, ଧର୍ମାନୁଷ୍ଠାନ ଏବଂ ନିଜ ବାସଭବନରେ ବସି ଭୋଟର ଫର୍ମ ପୂରଣ କରୁଛନ୍ତି। ଏଥିପାଇଁ ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ଖୋଲାଯାଇଛି। ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ କଂଗ୍ରେସ ପକ୍ଷରୁ ଶିବିରମାନ ଆୟୋଜନ କରୁଥିବା ବିରୋଧୀ ଦଳ ଦାବି କରିଛନ୍ତି। ଅପରପକ୍ଷରେ, ଉପମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ନିର୍ବାଚନ ପ୍ରକ୍ରିୟାରେ କୌଣସି ହସ୍ତକ୍ଷେପ କରୁନାହାନ୍ତି। ସରକାରୀ ସ୍ତରରେ ଭୋଟର ସଚେତନତା ବ୍ୟାପକ କରାଯାଉଥିବାରୁ ବିରୋଧୀ ଦଳ ଭୟଭୀତ ହୋଇପଡ଼ିଛନ୍ତି।

### ଓଡ଼ିଶାରେ ନିର୍ବାଚନମଣ୍ଡଳୀ...

ଯାଜପୁରରେ ୧୦୫୦୧୪, ବଲାଙ୍ଗୀରରେ ୯୯୨୫୮, ବାଲେଶ୍ୱରରେ ୯୩୬୪୯, ପୁରୀରେ ୮୫୧୬୨, ସୁନ୍ଦରଗଡ଼ରେ ୮୪୬୯୨, ବରଗଡ଼ରେ ୭୪୪୦୫ ଜଣ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। କଳାହାଣ୍ଡିରେ ୭୪୫୪୬ ଜଣଙ୍କ ନାମ ବାଦ ଦିଆଯାଇଥିବା ବେଳେ ଭଦ୍ରକରେ ୬୮୩୩୭, ଖୋର୍ଦ୍ଧାରେ ୬୬୬୬୯, ଜଗତସିଂହପୁରରେ ୬୪୯୫୬, କେନ୍ଦୁଝରରେ ୬୪୪୦୯, କୋରାପୁଟରେ ୬୨୨୯୦, କେନ୍ଦ୍ରାପଡାରେ ୬୦୨୪୦, ଢେଙ୍କାନାଳରେ ୫୮୫୫୪, ନୟାଗଡରେ ୫୬୭୦୫, ସମ୍ବଲପୁରରେ ୫୬୮୦୧, ରାୟଗଡାରେ ୪୫୪୯୩, ନବରଙ୍ଗପୁରରେ ୪୫୭୫୭, ଅନୁଗୋଳରେ ୪୪୮୮୨, କନ୍ଧମାଳରେ ୩୮୯୯୯ ଓ ଗଜପତିରେ ୩୧୩୫୬ ଜଣଙ୍କର ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

ଭୋଟର ତାଲିକାରେ ନାମ ବାଦ୍ ଯିବାକୁ ନେଇ ଅନେକ ଲୋକଙ୍କ ମନରେ ଛନକା ପଶିଛି। ବିଭିନ୍ନ ଜିଲ୍ଲାରେ ଏ ନେଇ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଢେଙ୍କାନାଳରେ ଜଣେ ଭୋଟର କହିଛନ୍ତି ଯେ ମୋର ଦୁଇଜଣ ପିଲା ତଥା ସ୍ତ୍ରୀଙ୍କର ଚିଠା ଭୋଟର ତାଲିକାରେ ନାମ ଆସିଛି। ମାତ୍ର ମୋର ନାମ ନାହିଁ। ସେହିପରି ଅନ୍ୟଜଣେ ବ୍ୟକ୍ତିବିଶେଷ କହିଛନ୍ତି ଯେ ୧୯୭୪ ମସିହାରୁ ମୁଁ ଭୋଟ୍ ଦେଇ ଆସୁଛି। ମୋତେ ଆବାସ ଯୋଜନାରେ ଘର ସହ ଭତ୍ତା ମଧ୍ୟ ମିଳିଛି। ଏହାସତ୍ତ୍ୱେ ଭୋଟର ତାଲିକାରୁ ନାମ କଟିଛି। ଅପରପକ୍ଷେ କୌଣସି କାରଣରୁ ଯୋଗ୍ୟ ଭୋଟରଙ୍କ ନାମ କଟିଥିଲେ ଆପତ୍ତି, ଅଭିଯୋଗ କରାଗଲେ ସେମାନଙ୍କ ନାମ ପୁନର୍ବାର ନାମ ଭୋଟର ତାଲିକାରେ ସଂଯୋଗ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ। ଏପରିକି ପରିଗଣନା ଫର୍ମ ହାସଲ ପାଇଁ ବିଏଲଓମାନେ ଅତି କମରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଘରକୁ ୩ ଥର ଯାଇଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ୨୦ ଲକ୍ଷ ୧୨ ହଜାରରୁ ଅଧିକ ପରିଗଣନା ଫର୍ମ ଫେରିନାହିଁ ବୋଲି ସେ କହିଛନ୍ତି।

### ହଟିଲେ ଚମ୍ପତ...

ପରିପ୍ରେକ୍ଷୀରେ ସେମାନଙ୍କ ବିରୋଧରେ ଏବେ ଏଫ୍‌ଆଇଆର ହୋଇପାରେ ବୋଲି କୁହାଯାଉଛି। ଟ୍ରଷ୍ଟ ସେମାନଙ୍କ ଉପରେ ଏତେ କ୍ଷୁବ୍ଧ ଯେ ଆଜିର ବୈଠକକୁ ଆସିବା ଲାଗି ସେମାନଙ୍କୁ ଅନୁମତି ଦିଆଯାଇ ନଥିଲା।

ବୈଠକ ପରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ସାମ୍ବାଦିକମାନଙ୍କୁ କହିଲେ ଯେ ଚାନ୍ଦା ଚୋରି କୋଟି କୋଟି ରାମଭକ୍ତଙ୍କୁ ଆଘାତ ଦେଇଛି। ଏହି ଘଟଣା ଟ୍ରଷ୍ଟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ଏହାର ସମ୍ମାନ କ୍ଷୁଣ୍ଣ ହୋଇଛି। ତେଣୁ ଏଥିରେ ଯେଉଁଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କାହାକୁ ଛଡ଼ାଯିବ ନାହିଁ। ଏସଂପର୍କରେ ଗଠିତ ଏସ୍‌ଆଇଟିକୁ ଟ୍ରଷ୍ଟ ସବୁପ୍ରକାର ସହାୟତା ଓ ସହଯୋଗ ଦେବ। ଆସନ୍ତା ୨୨ ତାରିଖରେ ଟ୍ରଷ୍ଟର ଆଉ ଏକ ବୈଠକ ବସିବ ଏବଂ ଏଥିରେ ଏସଆଇଟିର ଚୂଡ଼ାନ୍ତ ରିପୋର୍ଟର ସମୀକ୍ଷା କରାଯିବ। ସେ ଆହୁରି କହିଲେ ଯେ ଭକ୍ତମାନେ ଦାନ କରିଥିବା ସମସ୍ତ ୨୮୦୦ ମୂଲ୍ୟବାନ ଉପହାର ସୁରକ୍ଷିତ ରହିଛି। ସେଥିମଧ୍ୟରୁ କିଛି ଉପହାର ସାମଗ୍ରୀକୁ ସାମ୍ବାଦିକମାନଙ୍କ ପାଇଁ ପ୍ରଦର୍ଶିତ ରାଯାଇଥିଲା। ଏଥିରେ ସୁନାର ରାମଚରିତ ମାନସ ଓ କିଛି ସୁନା ହାର ମଧ୍ୟ ରହିଛି।

### କେବଳ ଅଧିକୃତ...

ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଆଉ କାହାକୁ ପାସ୍ ଦିଆଯିବ ନାହିଁ। ରଥଯାତ୍ରାର ସୁପରିଚାଳନା ପାଇଁ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବେନିୟମ ଭାବେ କର୍ଡନ ଅଞ୍ଚଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଶାଳୀନତାର ସହ ବୁଝାଇ ବାରଣ କରିବାକୁ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ସମର୍ପଣ ଓ ସମନ୍ୱୟର ମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସମର୍ପଣ ଭାବ ନେଇ ସବୁ ବିଭାଗକୁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡ଼ିଶା ତଥା ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୁରକ୍ଷା ଓ ଭିଡ଼ ପରିଚାଳନା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା ହୋଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ। ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ୍ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍‌ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ୍‌ସାଇଟ୍ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡ଼ାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ-ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ, ସାଂସଦ ଓ ବିଧାୟକଗଣ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଅଧିକାରୀ ବୃନ୍ଦ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମଠାଧୀଶ, ସେବାୟତ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ପାଣ୍ଡିଆନଙ୍କ ସହଯୋଗ...

ମୁକାବିଲା ସମ୍ପର୍କରେ ଓଡ଼ିଶାର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଭେନେଜୁଏଲା ଆଗ୍ରହ ପ୍ରକାଶ କରିଛି।

୧୯୯୯ ମହାବାତ୍ୟାରୁ ଶିକ୍ଷା ନେଇ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ସର୍ବଶ୍ରେଷ୍ଠ ମଡେଲ ପ୍ରସ୍ତୁତ କରି ପାରିଥିଲା। ନବୀନଙ୍କ ମାର୍ଗଦର୍ଶନରେ ୫-ଟି ସଚିବ ଭି. କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ମୁକାବିଲାରେ ଅକଳ୍ପନୀୟ ସଫଳତା ପାଇଥିଲେ। ବିପର୍ଯ୍ୟୟ ସମୟରେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଏବଂ 'ଶୂନ୍ୟ ଜୀବନ ହାନି' ନୀତିକୁ ସାରା ବିଶ୍ୱ ଗ୍ରହଣ କରିଛି। ବିଶେଷକରି ଫାଇଲିନଠାରୁ ଆରମ୍ଭ କରି ଫନି, ହୁଡ୍‌ହୁଡ୍, ଅମ୍ଫନ, ଗୁଲାବ, ୟସ୍ ପରି ବାତ୍ୟା ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ମୁକାବିଲା ପାରଦର୍ଶିତାକୁ ଦେଶବିଦେଶରେ ଉଚ୍ଚ ପ୍ରଶଂସା ମିଳିଥିଲା। କେବଳ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ; ଅତି ଭୟଙ୍କର ରେଳ ଦୁର୍ଘଟଣା ସମୟରେ ସରକାରଙ୍କ ତ୍ୱରିତ ପଦକ୍ଷେପ ଅନେକ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲଣ। ତେଣୁ ବିପର୍ଯ୍ୟୟ ମୁକାବିଲାର ପ୍ରସ୍ତୁତି ଓ ବିପର୍ଯ୍ୟୟ ପରେ ଏହାର ପରିଚାଳନାର ଅନୁଭବ ଓ ଅଭିଜ୍ଞତାକୁ ଶ୍ରୀ ପାଣ୍ଡିଆନ ଭେନେଜୁଏଲାର ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାପୂର୍ବରୁ ଶ୍ରୀ ପାଣ୍ଡିଆନ ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଦଳ ସହିତ ଆଲୋଚନା କରିଥିଲେ। ଏଭଳି ଏକ ଆହ୍ୱାନପୂର୍ଣ୍ଣ ସମୟରେ ସେଠାରେ ସେବା ଯୋଗାଇ ଦେଉଥିବା ଭାରତୀୟ ସେନାର ଅତୁଳନୀୟ କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହିତ ଦିନରାତି ଏକ କରି ଲୋକଙ୍କ ଜୀବନ ବଞ୍ଚାଉଥିବା ଡାକ୍ତରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ତ୍ୟାଗକୁ ମଧ୍ୟ ସେ ପ୍ରଶଂସା ଜଣାଇଛନ୍ତି।

ଶ୍ରୀ ପାଣ୍ଡିଆନ ତାଙ୍କ ସାମାଜିକ ଗଣମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭେନେଜୁଏଲାର ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷଙ୍କ ଭେଟିଥିବା ସେ କହିଛନ୍ତି। ଏହି ଭୟଙ୍କର ଆହ୍ୱାନପୂର୍ଣ୍ଣ ସମୟରେ ଲୋକଙ୍କ ସହ ଛିଡ଼ା ହୋଇଥିବାରୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆନ୍ତରିକତାର ସହ ପ୍ରଶଂସା ସହ ପ୍ରଭାବିତ ଲୋକଙ୍କ ପାଇଁ ସେବା ଯୋଗାଇ ଦେଉଥିବା ଭାରତୀୟ ସେନା ଏବଂ ମେଡିକାଲ ଟିମ୍‌କୁ ମଧ୍ୟ ସେ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହିତ ଭେନେଜୁଏଲାର ରାଷ୍ଟ୍ରପତି ସତ୍ୟସାଇ ବାବାଙ୍କ ଜଣେ ଅନୁଗାମୀ ବୋଲି ଉଲ୍ଲେଖ କରି ଭାରତ ସହ ତାଙ୍କର ନିବିଡ଼ ସମ୍ପର୍କକୁ ଶ୍ରୀ ପାଣ୍ଡିଆନ ଉନ୍ମୋଚିତ କରିଛନ୍ତି। ତେବେ ଭେନଜୁଆଲା ପରି ଦେଶ ବିପର୍ଯ୍ୟୟ ପରିଚାଳନାର ଜ୍ଞାନ ସଂଗ୍ରହ ନିମନ୍ତେ ପାଣ୍ଡିଆନଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ସଫଳତା, ନିଷ୍ପାପର ଉଦ୍ୟମ ତଥା ଅଧ୍ୟବସାୟ କେବେ ନିରର୍ଥକ ଯାଏ ନାହିଁ ବୋଲି ଅନେକ ମତ ପ୍ରକାଶ କରିଛନ୍ତି।

### ମାନଦଣ୍ଡ କୋହଳ...

ରଖିଥିଲେ। ଶକ୍ତିବିଭାଗ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଥିବାରୁ ଓଇଆରସିରେ ନିୟାମକ ପ୍ରସ୍ତୁତି ତଥା ପ୍ରଣୟନ କ୍ଷେତ୍ରରେ ଏହା ବେଶ୍ ସହାୟକ ହେଉଥିଲା। ତେବେ ପ୍ରଦୀପ କୁମାର ଜେନାଙ୍କ ଇସ୍ତଫା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଜ ପସନ୍ଦ ତଥା କୋଟେରୀ ଲୋକଙ୍କୁ ନିଯୁକ୍ତି ଦେବାକୁ ପ୍ରଶାସନର କିଛି ପ୍ରଭାବଶାଳୀ ବ୍ୟକ୍ତି ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ଏଥିପାଇଁ ନିୟମରେ ଆବଶ୍ୟକୀୟ ସଂଶୋଧନ କରିବାକୁ ମଧ୍ୟ ନୀତିଗତ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

ଉପଭୋକ୍ତାଙ୍କୁ ସୁଲଭ ତଥା ଗୁଣବତ୍ତା ସମ୍ପନ୍ନ ବିଜୁଳି ଯୋଗାଣ ଓ ସେମାନଙ୍କ ସ୍ୱାର୍ଥ ରକ୍ଷାରେ ଓଇଆରସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରିସ୍ଥଳେ ଶକ୍ତି କ୍ଷେତ୍ରରେ ଅଭିଜ୍ଞତା ନ ଥିବା ଅଧିକାରୀଙ୍କୁ ଏହି ପଦରେ ଆସୀନ କରିବା ବୁଦ୍ଧିମତାର କାର୍ଯ୍ୟ ନୁହେଁ। ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପୁରୁଣା ମାନଦଣ୍ଡକୁ କାର୍ଯ୍ୟକାରୀ କରିବା ସହ ଶକ୍ତି କ୍ଷେତ୍ରରେ ଅଭିଜ୍ଞତା ଥିବା ଜଣେ ବ୍ୟକ୍ତିବିଶେଷଙ୍କୁ ତୁରନ୍ତ ଆସୀନ କରାଇବାକୁ ଶକ୍ତି ବିଶେଷଜ୍ଞ ଓ ସମୀକ୍ଷକମାନେ ଦାବି କରିଛନ୍ତି।

### ଭୁବନେଶ୍ୱର ଡିସିପିଙ୍କ...

ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପରବର୍ତ୍ତି ସମୟରେ କଳାହାଣ୍ଡି ଏସ୍‌ଡିପିଓ, ଅନୁଗୁଳ ଓ ଗଞ୍ଜାମ ଏସ୍‌ପି ଭାବେ କାମ କରିଛନ୍ତି। ପରେ କଟକ ଯୁଗ୍ମ ଡିସିପି ଓ ଗତବର୍ଷ ମାର୍ଚ୍ଚ ୫ରୁ ଭୁବନେଶ୍ୱର ଡ଼ିସିପି ଭାବରେ କାର୍ଯ୍ୟ କରୁଥିଲେ। ଯଦିଓ ସେ ଇସ୍ତଫାର କାରଣ ସେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଭାବେ ଦର୍ଶାଇଛନ୍ତି; ତଥାପି ଏହି ନିଷ୍ପତ୍ତି ଖୋଦ୍ ପୁଲିସ ବିଭାଗକୁ ବି ସନ୍ଦେହରେ ପକାଇଛି। ବୈଷୟିକ ଜ୍ଞାନକୌଶଳରେ ସେ ତାଙ୍କ ସମୟର ଅନ୍ୟତମ ଶ୍ରେଷ୍ଠ ଅଧିକାରୀ ରୂପେ ପରିଚିତ। ୨୦୨୫ରେ ଭୁବନେଶ୍ୱର ପୁଲିସ ଜିଲ୍ଲାରେ ରୁଜୁ ହୋଇଥିବା ୧୫୬୬୪ ମାମଲା ମଧ୍ୟରୁ ୧୪୪୯୭ ମାମଲାର ତଦନ୍ତ ଶେଷ ପଛରେ ତାଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସିସିଟିଏନ୍‌ରେ ମଧ୍ୟ ଫାଇନାଲ ଫର୍ମ ଅପଲୋଡ଼ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା ତାଙ୍କ ସମୟରେ ପ୍ରଗତି ଡ଼୍ୟାସବୋର୍ଡ଼୍‌ରେ ରାଜ୍ୟରେ ଭୁବନେଶ୍ୱର ପୁଲିସ ଜିଲ୍ଲା ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା। ମାତ୍ର ଉଚ୍ଚ ପ୍ରଶାସନିକ ଚାପ, ସରକାରୀସ୍ତରରେ ଦୁର୍ବ୍ୟବହାର ଓ ସାଧାରଣରେ ସମାଲୋଚନା ଯୋଗୁଁ ସେ ଚାକିରି ଛାଡ଼ିଥିବା କୁହାଯାଉଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ହୋଇପାରେ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଅତିଥି ସତ୍କାର କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଦାନ ଧର୍ମ କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯୋଜନା ମୁତାବକ କାର୍ଯ୍ୟ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟରେ ବାଧା ଆସିପାରେ । ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା।
- ୧୯୯୬- ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।

## ସୁଜେନ ନେଇ ନାହାନ୍ତି ୪୦୦ କୋଟି

# ଭଉଣୀ ଖୋଲିଲେ ଗୁମର



ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ୍ ରୋଶନ ନିଜର ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ସେ ସୁଜେନ ଖାନ୍‌ଙ୍କଠାରୁ ଅଲଗା ହେବା ପରେ ଏବେ ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି। ଏବେ ହ୍ରିତିକ୍‌ଙ୍କ ଏକ ବ୍ୟକ୍ତିଗତ କଥା ସାମ୍ନାକୁ ଆସିଛି। ସେ ସୁଜେନଙ୍କୁ ବିବାହ କରିବାର ୧୪ ବର୍ଷ ପରେ ଏହି ସମ୍ପର୍କ ଭାଙ୍ଗିଯାଇଥିଲା। ଏହା ପରଠାରୁ ଅନେକ ଥର ଖବର ଆସିଛି ଯେ, ହ୍ରିତିକ୍ ସୁଜେନଙ୍କୁ ଛାଡ଼ପତ୍ର ପରେ ୪୦୦ କୋଟି ଟଙ୍କା ଭରଣପୋଷଣ ବାବଦରେ ଦେଇଥିଲେ। ହେଲେ ଏନେଇ ହ୍ରିତିକ୍ ଓ ସୁଜେନ କେବେବି କିଛି କହି ନାହାନ୍ତି। ଏବେ ବହୁ ବର୍ଷ ପରେ ସୁଜେନଙ୍କ ଭଉଣୀ ତଥା ଜୁଏଲାରୀ ଡିଜାଇନର୍ ଫରାହ ଅଲ୍ଲୀ ଖାନ୍ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାର ସମୟରେ ଏସମ୍ପର୍କରେ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ, 'ଏହି ଛାଡ଼ପତ୍ର ଆପୋଷ ବୁଝାମଣାରେ ହୋଇଥିଲା।

ଏକଥା ଶୁଣି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବହୁତ ହଙ୍ଗାମା ମଧ୍ୟ ହୋଇଥିଲା। ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଲୋକଙ୍କର ଭିନ୍ନ ଭିନ୍ନ ମତ ଥିଲା, କିନ୍ତୁ ମୋତେ ଲାଗୁଛି ଯେ, ସେ ଦୁହେଁ ଏହାକୁ ବହୁତ ଭଲ ଭାବରେ ସମ୍ଭାଳିଥିଲେ।' ଏହାବାଦ୍ ସେ ସୁଜେନଙ୍କୁ ୪୦୦ କୋଟି ଭରଣପୋଷଣ ରାଶି ମିଳିବା ଉପରେ କହିଥିଲେ, 'ଗୋଟିଏ କଥା, ମୁଁ ଆଜି ବି ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି, ସେମାନଙ୍କ ମଧ୍ୟରେ କେବେ ବି ୪୦୦ କୋଟି ଟଙ୍କା ନେଇ କୌଣସି ପ୍ରକାରର ଆଲୋଚନା ହୋଇ ନ ଥିଲା। ଯେତେବେଳେ ବି ମୁଁ ଇଣ୍ଟରନେଟ୍‌ରେ ଲୋକମାନଙ୍କୁ କହୁଥିବାର ଦେଖେ ଯେ, ସୁଜେନଙ୍କୁ ୪୦୦ କୋଟି ଟଙ୍କା ମିଳିବାରୁ ସେ ଧନୀ ହୋଇଗଲେ, ସେତେବେଳେ ମୁଁ ବହୁତ ଦୁଃଖୀ ହୋଇଯାଏ।' ଫରାହ ତାଙ୍କ ଭଉଣୀଙ୍କ ବିଷୟରେ କହିଛନ୍ତି ଯେ, ସେ କୌଣସି ଅର୍ଥ ନେଇନାହାଁନ୍ତି ଏବଂ ଟଙ୍କା ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନଙ୍କୁ ଶିକ୍ଷା ଦିଆଯାଇଛି। ଏହି କାରଣରୁ ଏବେବି ହ୍ରିତିକ୍‌ଙ୍କ ପରିବାର ସହ ସୁଜେନଙ୍କର ଭଲ ସମ୍ପର୍କ ରହିଛି।, "ମୋ ଭଉଣୀ ଭଦ୍ର ଏବଂ ସେ ସମ୍ଭ୍ରାନ୍ତ ପରିବାରର। ହ୍ରିତିକ୍ ମଧ୍ୟ ଜଣେ ଭଲ ମଣିଷ। ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଭାବେ ଚାଲିପାରିଲାନି, ତେଣୁ ସେମାନେ ଅଲଗା ହୋଇଗଲେ। ଏହି ଛାଡ଼ପତ୍ରରେ କୌଣସି ଭରଣପୋଷଣ ଭତ୍ତା ସାମିଲ ନଥିଲା। ଏଭଳି ଖବର ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ।' ଏଠାରେ ପ୍ରକାଶ ଥାଉ କି, ହ୍ରିତିକ୍ ଏବଂ ସୁଜେନ ୨୦୦୦ ମସିହାରେ ବିବାହ କରିଥିଲେ। ୨୦୧୪ରେ ଆଇନଗତ ଭାବେ ଛାଡ଼ପତ୍ର ନେଇଥିଲେ। ସେମାନେ ଅଲଗା ହେବା ପରେ ମଧ୍ୟ ନିଜ ଦୁଇ ପୁଅଙ୍କ ପାଇଁ ଭଲ ସମ୍ପର୍କ ବଜାୟ ରଖିଛନ୍ତି।

## ଗିନିଜ୍ ବିଶ୍ୱ ରେକର୍ଡରେ ଭାରତୀୟ ବ୍ୟଞ୍ଜନ



ଭାରତରେ ଏମିତି ଅନେକ ସ୍ୱାଦିଷ୍ଟ ବ୍ୟଞ୍ଜନ ଅଛି, ଯାହା ତାହାର ଅନନ୍ୟ ସ୍ୱାଦ ଯୋଗୁଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି। କିଛି ବ୍ୟଞ୍ଜନ ତ ଏତେ ବଡ଼ ଆକାରରେ ପ୍ରସ୍ତୁତ କରାଯାଏ ଯେ, ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସାମିଲ ହୋଇଛି। ଏହି କ୍ରମରେ ୨୦୦୮ ମସିହାରେ ବିରିୟାନିକୁ ନେଇ ଏକ ରେକର୍ଡ ହୋଇଥିଲା। ନୂଆଦିଲ୍ଲୀର ଜଣେ ସେଫ୍ ୧୪,୦୬୦ କେଜିର ବିରିୟାନି ପ୍ରସ୍ତୁତ କରି ରେକର୍ଡ କରିଥିଲେ। ଏଥିରେ ହଜାର ହଜାର କିଲୋର ଚାଉଳ, ଘିଅ ଏବଂ ମସଲା ଇତ୍ୟାଦି ବ୍ୟବହାର କରାଯାଇଥିଲା। ଖେଚୁଡ଼ିଠାରୁ ଅଧିକ ସରଳ ଖାଦ୍ୟ ଭାରତରେ ବୋଧହୁଏ ଆଉ କିଛି ନାହିଁ। ଏହା ମଧ୍ୟ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ୨୦୧୭ ମସିହାରେ ଦିଲ୍ଲୀରେ ଆୟୋଜିତ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ସେଫ୍ ସଞ୍ଜୀବ କପୁର ଅନ୍ୟ ୫୦ ଜଣ ରୋଷେୟାଙ୍କ ଦଳ ସହ ମିଶି ୯୧୮ କେଜିର ଖେଚୁଡ଼ି ପ୍ରସ୍ତୁତ କରି ରେକର୍ଡ କରିଥିଲେ। ଦକ୍ଷିଣ ଭାରତର ଲୋକପ୍ରିୟ ଖାଦ୍ୟ ଦୋସା ମଧ୍ୟ ଗିନିଜ୍ ରେକର୍ଡରେ ସାମିଲ ହୋଇଛି। ୨୦୧୪ ମସିହାରେ ହାଇଦ୍ରାବାଦରେ ୨୯ ଜଣ ସେଫ୍‌ଙ୍କର ଏକ ଦଳ ବିଶ୍ୱର ସବୁଠାରୁ ଲମ୍ବା ଦୋସା ପ୍ରସ୍ତୁତ କରିଥିଲେ। ଏହାର ଲମ୍ବ ୧୬.୬୮ ମିଟର ଅର୍ଥାତ୍ ୫୪ ଫୁଟ ଏବଂ ୮.୬୯ ଇଞ୍ଚ ଥିଲା। ସେହିଭଳି ୨୦୧୨ ମସିହା ସେପ୍ଟେମ୍ବର ମାସରେ ଗୁଜରାଟର ଜାମନଗରଠାରେ 'ଦଗଡୁ ସେଠ୍ ଗଣପତି ସାର୍ବଜନୀନ ମହୋତ୍ସବ' ସମୟରେ ବିଶ୍ୱର ସବୁଠାରୁ ବଡ଼ ରୁଟି ପ୍ରସ୍ତୁତ କରାଯାଇଥିଲା। ଏହାର ଓଜନ ୧୪୫ କେଜି ଥିଲା। ଏହାକୁ ଏକ ବିଶାଳକାୟ ତାୱାରେ ପ୍ରସ୍ତୁତ କରାଯାଇଥିଲା।

## ସ୍ମାର୍ଟ ଶୌଚାଳୟ



ପରିଣତ ବୟସ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଶୌଚାଳୟ ଯିବାରେ ଅସୁବିଧା ହୋଇଥାଏ। ହେଲେ ଏବେ ଏହି ସମସ୍ୟାକୁ ଆଖି ଆଗରେ ରଖି ଚୀନ୍ ଏକ ସ୍ମାର୍ଟ ଶୌଚାଳୟ ପ୍ରସ୍ତୁତ କରିଛି। ଏହି ସ୍ମାର୍ଟ ଶୌଚାଳୟକୁ ସ୍ଥାନୀୟ କମ୍ପାନି ୟୁଏବାନ୍ ନିର୍ମାଣ କରିଛି। ଏହାର ନାଁ ରହିଛି ସାଓବାନ୍। ଏହା ଏକ ଏଆଇ ଚାଳିତ ରୋବଟ୍ ଟଏଲେଟ୍। ସ୍ମାର୍ଟ ଶୌଚାଳୟଟିକୁ ଏମିତି ଟେକ୍ନିକ୍‌ରେ ତିଆରି କରାଯାଇଛି ଯଦ୍ୱାରା ଲୋକଙ୍କୁ ଏହା ନିକଟକୁ ଯିବାକୁ ପଡ଼ିବନି। ବରଂ ଲୋକଙ୍କ ସୁବିଧାକୁ ଦୃଷ୍ଟି ଦେଇ ଶୌଚାଳୟଟି ଆପେ ଆପେ ବିଛଣା ପାଖରେ ପହଞ୍ଚିବ। ବିଶେଷକରି ଏହି ରୋବଟ୍ ଘରର ଦୁଆର ବନ୍ଧକୁ ଏଡ଼ାଇ ସ୍ୱତଃପ୍ରବୃତ୍ତ ଭାବେ ରୋଗୀଙ୍କ ନିକଟରେ ପହଞ୍ଚିଯିବ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ ବ୍ୟବହାର କରାଯାଇ ସାରିବା ପରେ ଆପେଆପେ ସଫା ମଧ୍ୟ ହୋଇଯିବ। ଏହି ସ୍ମାର୍ଟ ଟେକ୍ନିକ୍ ଆସିବା ପରେ ବିଶେଷକରି ଚାଲିବା ବୁଲିବା ପାଇଁ ଅସମର୍ଥ ଲୋକ ଓ ରୋଗୀଙ୍କ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ। ଏହା ଏଆଇ ଦ୍ୱାରା ପରିଚାଳିତ ହେଉଥିବାରୁ ଘରର ଭିତରର ମାହୋଲ୍‌କୁ ବେଶ୍ ସହଜରେ ଜାଣିପାରେ। ଖାସ୍ ସେଥିପାଇଁ ଏହା ଘରର କୌଣସି ଆସବାବପତ୍ର ସହ ବାଡ଼େଇ ନହୋଇ ସିଧା ଲୋକଙ୍କ ପାଖରେ ପହଞ୍ଚିଯାଏ। ରୋବୋଟିକ୍ ଟଏଲେଟ୍‌ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାର ଅଟୋମେଟିକ୍ ଡିସପୋଜାଲ୍ ସିଷ୍ଟମ୍। ଏହାକୁ ବ୍ୟବହାର କରିସାରିବା ପରେ, ଏହି ରୋବୋଟ୍ ଏହାର ଲିଡାର୍ ନେଭିଗେସନ୍ ସିଷ୍ଟମ୍ କୁ ପୁଣିଥରେ ଚାଲୁ କରିଥାଏ ଏବଂ ଘରେ ଥିବା ଏହାର ନିର୍ଦ୍ଦିଷ୍ଟ ଡକିଂ ଷ୍ଟେସନ୍‌କୁ ଯାଇ ଜମା ହୋଇଥିବା ମଇଳାକୁ ବାହାର କରିଦେଇଥାଏ। ରୋବୋଟିକ୍ ଟଏଲେଟର ଡକିଂ ଷ୍ଟେସନ୍ ସିଧାସଳଖ ଘରର ମଇଳା ପାଣି ପାଇପ୍ ଲାଇନ ସହିତ ସଂଯୁକ୍ତ ହୋଇଥାଏ। ଏହା ଟଏଲେଟ୍ ଭିତରର ମଇଳାକୁ ସିଧାସଳଖ ସିୱେଜ୍ ସିଷ୍ଟମ୍‌ରେ ଫ୍ଲଶ୍ କରିଦିଏ। ଏହାଦ୍ୱାରା ଘରର ପାଇପ୍ ଲାଇନରେ କୌଣସି ପ୍ରକାରର ଜାମ୍ ହେବାର ଆଶଙ୍କା ରହି ନ ଥାଏ। ଟଏଲେଟ୍‌ଟି ଖାଲି ହୋଇଯିବା ପରେ, ଏହା ନିଜକୁ ନିଜେ ସଫା କରିବା ଆରମ୍ଭ କରେ। ଘର ଭିତରେ ବ୍ୟବହାର ସମୟରେ ଦୁର୍ଗନ୍ଧ ନ ହେବା ପାଇଁ 'ଶାଓବାନ୍' ସ୍ମାର୍ଟ ଶୌଚାଳୟରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଦୁର୍ଗନ୍ଧରୋଧକ ପ୍ରଣାଳୀର ବ୍ୟବହାର କରାଯାଇଛି। ଏଥିରେ ଏକ ବିଶେଷ ଫୋମ୍ ସିଲ୍ଡ ଏବଂ ଚାରକୋଲ୍ ଫିଲ୍ଟର୍ ଲାଗିଥାଏ, ଯାହା କୌଣସି ବି ପ୍ରକାରର ଦୁର୍ଗନ୍ଧକୁ ବାହାରକୁ ବ୍ୟାପିବାରୁ ସମ୍ପୂର୍ଣ୍ଣ ରୂପେ ରୋକିଥାଏ। ବର୍ତ୍ତମାନ ଚୀନ୍ ବଜାରରେ ଏହି ଶୌଚାଳୟ ବିକ୍ରି ପାଇଁ ଉପଲବ୍ଧ ରହିଛି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୩ ଲକ୍ଷ ଟଙ୍କା ରଖାଯାଇଛି। ତେବେ ଚୀନ୍‌କୁ ଛାଡି ଅନ୍ୟ ଦେଶରେ ଏହି ଶୌଚାଳୟ କେବେ ଲଞ୍ଚ୍ କରାଯିବ ସେ ବିଷୟରେ କମ୍ପାନି ପକ୍ଷରୁ ସ୍ପଷ୍ଟ କିଛି କୁହାଯାଇ ନାହିଁ।

## ବର୍ଷାଦିନେ ପନିପରିବା ତଳିଘରାର ଯତ୍ନ



**ଆମ ରାଜ୍ୟର ଅଧିକାଂଶ ଚାଷୀ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ଚାଷୀମାନେ ବର୍ଷାଦିନେ ପାଣିର ଉପଯୋଗ କରି ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଥାନ୍ତି। ଏହି ଦିନେ ପନିପରିବା ତଳିଘରାର ସଠିକ୍ ଯତ୍ନ ନେବା ଆବଶ୍ୟକ।**

ଅନ୍ୟଋତୁ ତୁଳନାରେ ବର୍ଷାଦିନେ ପନିପରିବା ତଳିଘରାର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ଏହି ସମୟରେ ତଳିଘରା ଲଗାଇବାକୁ ପ୍ରଥମେ ବିହନକୁ ଭଲ ଭାବେ ବିଶୋଧନ କରିବା ଉଚିତ। ତଳିଘରାର ଉଚ୍ଚତା ୬ ଇଞ୍ଚ ରଖିବା ଆବଶ୍ୟକ। ଅଧିକ ବର୍ଷାରୁ ପନିପରିବା ତଳିଘରାକୁ ସୁରକ୍ଷା ଦେବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ପଲିଥିନ୍ ଢାଙ୍କି ପାରିବେ। ତଳିଘରାରେ ମୂଳସଢ଼ା ରୋଗ ଲାଗିବାର ଆଶଙ୍କା ଅଧିକ ରହିଥାଏ। ଏହାର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ କିମ୍ବା ମାଙ୍କୋଜେବ ପ୍ରୟୋଗ କରିପାରିବେ। ତଳିଘରାରେ ଅନ୍ୟାନ୍ୟ ରୋଗ ପୋକ ଦେଖିଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ସେହିପରି ତଳିଘରାରୁ ଅନାବନା ଘାସ ବାଛିବା ସହ ମାଟି ଯେପରି ଅଧିକ ଓଦା ବା କାଦୁଆ ନ ରହିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ପାଣିପାଗର ପୂର୍ବାନୁମାନ କରି ତଳିଘରାରେ ହାଲୁକା ଜଳସେଚନ କରିପାରିବେ।

# ସୁବର୍ଣ୍ଣା

## ସଫଳ ଗେଣ୍ଡୁଫୁଲ ଚାଷୀ



ବର୍ତ୍ତମାନର ଚାକଚକ୍ୟ ସମାଜ ଓ ଡିଜିଟାଲ ଯୁଗରେ 'ଚାଷ କାମ ଯାହାର କେଡ଼େ ସୁଖ ତାହାର..', ଉକ୍ତିଟିକୁ ଖୁବ କମ୍ ପିଲା ଗ୍ରହଣ କରୁଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କରିଛନ୍ତି ଉତ୍ତରପ୍ରଦେଶ, ଗୋଣ୍ଡା ଜିଲ୍ଲାର ବିଜୟ କୁମାର। ସେ ଚାକିରି ପଛରେ ନ ଗୋଡ଼ାଇ, ନିଜ ଜମିରେ ଗେଣ୍ଡୁଫୁଲ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଯୁକ୍ତଦୁଇ ପଢ଼ା ସାରି ବିଜୟ ତାଙ୍କ ବନ୍ଧୁଙ୍କ ପାଖରୁ ଗେଣ୍ଡୁଫୁଲ ଚାଷ ସମ୍ପର୍କରେ ବୁଝିଥିଲେ। ପ୍ରଥମେ ଅଳ୍ପ ଜମିରେ ଏହି ଚାଷ ଆରମ୍ଭ କଲେ। ଗେଣ୍ଡୁଫୁଲ ଚାଷରୁ ଭଲ ଅମଳ ପାଇଁ ସେ ମାଟି ପରୀକ୍ଷା, ଉନ୍ନତ ବିହନ ଚୟନ, ସାର ପ୍ରୟୋଗ ଏବଂ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦେଇଥିଲେ। ଫସଲର ଉପଯୁକ୍ତ ଦେଖାଶୁଣା ଯୋଗୁଁ ଅଧିକ ଫୁଲ ଫୁଟିଥିଲା। ଏହାପରେ ବିଜୟ ଏକର ଜମିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କଲେ। ବର୍ତ୍ତମାନ ଏହି ଚାଷରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ବିଜୟ କୁହନ୍ତି, ବଜାରରେ ଗେଣ୍ଡୁଫୁଲ ଚାହିଦା ସବୁବେଳେ ରହିଥାଏ। ପୂଜାପାଠ, ବିବାହ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ସାଜସଜ୍ଜା ପାଇଁ ଗେଣ୍ଡୁ ଫୁଲର ଆବଶ୍ୟକତା ଅଧିକ। ପର୍ବପର୍ବାଣୀ ଏବଂ ବିବାହ ଋତୁରେ ଫୁଲର ମୂଲ୍ୟ ଅଧିକ ରହୁଥିବାରୁ ଚାଷୀମାନଙ୍କୁ ଏହା ଭଲ ଲାଭ ଦେଇଥାଏ। ବିଜୟ ଅମଳ ଗେଣ୍ଡୁ ଫୁଲକୁ ଅଯୋଧ୍ୟାକୁ ଯୋଗାଇଥାନ୍ତି। ତେଣୁ ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ଚାଷ କାର୍ଯ୍ୟରେ ମନୋନିବେଶ କରିଲେ ନିଶ୍ଚୟ ସଫଳ ପାଇପାରିବେ ବୋଲି ବିଜୟ କୁହନ୍ତି।

## ଛେଳିଙ୍କୁ ସବୁଜ ଚାରା ଦେଉଥିଲେ...

**ଛେଳି ପାଳନ ଏକ ଭଲ ବ୍ୟବସାୟ। ଏଥିପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ବର୍ଷାଦିନେ ଛେଳିଙ୍କୁ ସବୁଜ ଚାରା ଦେଉଥିଲେ ସତର୍କ ରହିବା ଜରୁରି।**



ବର୍ଷାଦିନେ ସବୁଜ ଚାରାରେ ଆର୍ଦ୍ରତା ଅଧିକ ରହୁଥିବାରୁ ଏହାକୁ ଖାଇବା ଦ୍ୱାରା ଛେଳିଙ୍କ ପେଟଜନିତ ସମସ୍ୟା ହୁଏ। ସେଥିପାଇଁ ଛେଳିଙ୍କୁ ବର୍ଷାଦିନେ ପିଜୁଳି, ନିମ୍ବ ଏବଂ ସଜନା ପତ୍ର ଖାଇବାକୁ ଦେଇପାରିବେ। ଏହି ପତ୍ରଗୁଡ଼ିକରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ଥାଏ। ଏହି ପତ୍ରରୁ ପେଲେଟ୍‌ସ (ଗୋଲି)କୁ ଛେଳିଙ୍କୁ ଖାଇବାକୁ ଦିଆଯାଇ ପାରିବ। ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ। ସେହିପରି ସଜନା, ପିଜୁଳିର କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଯାଏ। କଅଁଳିଆ ଡାଳକୁ ଛେଳିଙ୍କୁ ଖାଇବାକୁ ଦିଆଯାଏ। ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଛେଳିଙ୍କୁ ଏହି ପତ୍ରର ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିବେଶୀରେ ୩୦% ସାମିଲ କରିବା ଜରୁରି।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଆଗାମୀ ପାଞ୍ଚଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଚାଷୀଭାଇମାନଙ୍କୁ ସାର ଓ କୀଟନାଶକ ପ୍ରୟୋଗ କିଛିଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।
- ପରିପକ୍ୱ ପନିପରିବା ଓ ଫଳ ଯେପରି ଆମ୍ବ, ପଣସ, ଡାଳିମ୍ବ, ଲେମ୍ବୁ ଇତ୍ୟାଦିକୁ ଅମଳ କରିନିଅନ୍ତୁ।
- ଖରିଫ ମକା/ ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଧାନ ତଳିଘରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଆଖୁଗଛ ୪ରୁ୫ ମାସର ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢି ୨ରୁ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ।
- ବର୍ତ୍ତମାନ ଅମୃତଭଣ୍ଡା, କାଜୁ, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ।

## ବାଇଗଣ ଚାଷ ପାଇଁ ଉନ୍ନତ କିସମ

ବାଇଗଣ ଚାଷକରି ଅଧିକାଂଶ ଚାଷୀ ଲାଭବାନ ହୋଇପାରିଛନ୍ତି। କେଉଁ କିସମର ବାଇଗଣ ଚାଷ କଲେ ଲାଭ ମିଳିପାରିବ ସେନେଇ ଅନେକଙ୍କ ଦ୍ୱନ୍ଦ୍ୱ ଥାଏ। ତେବେ ବର୍ତ୍ତମାନ ବାଇଗଣ ଚାଷରେ ସଙ୍କର କିସମକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଏନେଇ ନିକଟସ୍ଥ କୃଷି ଭଣ୍ଡାରରୁ ସଙ୍କର କିମ୍ବା ଅଧିକ ଅମଳକ୍ଷମ ବାଇଗଣ ବିହନ ପାଇପାରିବେ। ଏହାକୁ ଦୃଷ୍ଟି ଦେଲେ ସଙ୍କର କିସମର ଭିଏନ୍‌ଆର୍-୨୧୨ ମଞ୍ଜି ୧୦ ଗ୍ରାମ୍‌କୁ ୧୮୦ ଟଙ୍କା, ଅର୍କା ଆନନ୍ଦ ୩୦ ଗ୍ରାମ୍‌କୁ ୩୫୦ରୁ ୪୮୦ ଟଙ୍କା, ଭିଏନ୍‌ଆର୍ ଉତ୍କଳ ୧୦ ଗ୍ରାମ୍‌କୁ ୧୫୦ଟଙ୍କା, ଅକ୍ଷିତା ୧୦ଗ୍ରାମ୍‌କୁ ୨୨୦ ଟଙ୍କା ରହିଛି। ସେହିପରି ବାଇଗଣର ଅଧିକ ଅମଳକ୍ଷମ ବିହନ ଗ୍ରୀନ୍ ଲଙ୍ଗ ୧୦ଗ୍ରାମ୍‌କୁ ୮୦ଟଙ୍କା, ବୁଷ୍ଟାର ୧୦ ଗ୍ରାମ୍ ବିହନକୁ ୮୦ ଟଙ୍କା ମୂଲ୍ୟ ରହିଛି।

## କାକୁଡ଼ି ଚାଷ



ଆମ ରାଜ୍ୟରେ କାକୁଡ଼ି ଚାଷ ମୁଖ୍ୟତଃ ବର୍ଷା ଓ ଖରାଦିନେ ହୋଇଥାଏ। ତେବେ ଜୁଲାଇ ମାସ କାକୁଡ଼ି ଚାଷ ପାଇଁ ଉପଯୁକ୍ତ ସମୟ। ଏହି ଚାଷ ପାଇଁ ଉର୍ବର, ନିଗିଡ଼ା, ବାଲି ଦୋରସା ମୃତ୍ତିକା ସର୍ବୋତ୍ତମ। ଚାଷ ପାଇଁ ସର୍ବଦା ଉନ୍ନତ ରୋଗସହଣି କିସମ ଚୟନ କରାଯାଏ। ବର୍ଷାଦିନେ ଜମିରେ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରିବା ସହ ମନ୍ଦାରେ ଚାଷ କରିବା ଭଲ। ଏହି ଚାଷ ପାଇଁ ଏକର ପ୍ରତି ୧ରୁ ୧.୫ କି.ଗ୍ରା. ବିହନ ଦରକାର ହୁଏ। ଏକ କି.ଗ୍ରା. ବିହନକୁ ୨ଗ୍ରାମ୍ ଥିରାମ ଏବଂ ୧ ଗ୍ରାମ କାର୍ବେଣ୍ଡାଜିମ୍ (ବାଭିଷ୍ଟିନ୍) ପ୍ରୟୋଗ କରି ବିଶୋଧନ କରାଯାଇଥାଏ। ବିହନକୁ ଲଗାଇବା ପୂର୍ବରୁ ୬ରୁ ୧୨ଘଣ୍ଟା ଯାଏଁ ପାଣିରେ ବତୁରାଇ ଲଗାଇଲେ ଗଜା ଶୀଘ୍ର ହୋଇଥାଏ। ୧-୧.୫ ମିଟର ବ୍ୟବଧାନରେ ମନ୍ଦା କରି ଲଗାଯାଏ। ଏଥିପାଇଁ ନାଳୀ ଗୁଡ଼ିକୁ ୧-୧.୫ ବ୍ୟବଧାନରେ ରଖି ଗଛକୁ ଗଛ ୫୦ରୁ ୭୫ ସେମି ବ୍ୟବଧାନରେ ରଖି ମାଟିରେ ମାଡ଼ିବାକୁ ଦିଆଯାଏ। ମନ୍ଦା ପ୍ରଣାଳୀରେ ଗଭୀର ଗାତ ଖୋଳି ଏକରପ୍ରତି ୬ରୁ ୮ ଟନ୍ କମ୍ପୋଷ୍ଟ ଓ ମୂଳସାର ପ୍ରୟୋଗ କରି ବିହନ ଲଗାଯାଏ। ବର୍ଷା ଋତୁ ପାଇଁ ମନ୍ଦାଗୁଡ଼ିକୁ ମାଟି ଉପରେ ଲଗାଯାଇଥାଏ ଏବଂ ଲତା ଭାଡ଼ିରେ ମାଡ଼େ। ବିହନ ଲଗାଇବା ସମୟରେ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୦ କି.ଗ୍ରା. ଫସ୍‌ଫରସ୍ ଏବଂ ୩୦ କି.ଗ୍ରା. ପୋଟାସିୟମ ସାର ପ୍ରୟୋଗ କରାଯାଇଥାଏ। ସେହିପରି କାକୁଡ଼ି ଗଛ ବୃଦ୍ଧି ପାଇଁ ମଞ୍ଚାର ବନ୍ଦୋବସ୍ତ କରି ପାଣିପାଗର ପୂର୍ବାନୁମାନ କରି ଜଳସେଚନ କରାଯାଏ। ତେବେ ବିହନ ଲଗାଇବାର ୪୫-୫୦ ଦିନରେ କାକୁଡ଼ି ଅମଳ ଆରମ୍ଭ ହୁଏ।






# ପାଞ୍ଚ ଥର ଚାମ୍ପିଅନ ବ୍ରାଜିଲ ଓ ମେକ୍ସିକୋ ବିଦା

ମେକ୍ସିକୋ ସିଟି/ନ୍ୟୁୟର୍କ,୬।୭ (ଏଜେନ୍ସି)

୫ଥରର ଚାମ୍ପିଅନ ବ୍ରାଜିଲ ଓ ଯୁଗ୍ମ ଆୟୋଜକ ମେକ୍ସିକୋ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହୋଇଛନ୍ତି। ସୋମବାର ସକାଳେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲରେ ୧୯୬୬ର ଚାମ୍ପିଅନ ଇଂଲଣ୍ଡ ୩-୨ ଗୋଲରେ ଯୁଗ୍ମ ଆୟୋଜକ ମେକ୍ସିକୋକୁ ପରାସ୍ତ କରିଛି। ସେହିପରି ରବିବାର ରାତିରେ ଖେଳାଯାଇଥିବା ମୁକାବିଲାରେ ନରୱେ ୨-୧ ଗୋଲରେ କଳାତ୍ମକ ଫୁଟବଲ ଖେଳ ଲାଗି ଖ୍ୟାତି ଲାଭ କରିଥିବା ବ୍ରାଜିଲକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୧ ତାରିଖ ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ୟୁରୋପ ମହାଦେଶର ଦୁଇ ଦଳ ଇଂଲଣ୍ଡ ଏବଂ ନରୱେ ମଧ୍ୟରେ ମୁକାବିଲା ହେବ।

| ଫିଫା ବିଶ୍ୱକପ୍ 26 |
| --- |
| ରାଉଣ୍ଡ ୧୬ ବିଶ୍ୱକପ୍ ମୁକାବିଲା |
| ମଙ୍ଗଳବାର ରାତି |
| ଆର୍ଜେଣ୍ଟିନା- ଇଜିପ୍ଟ |
| ଆଟଲାଣ୍ଟା, ରାତି ୯ଟା ୩୦ |
| ମଙ୍ଗଳବାର ସକାଳ |
| ସ୍ୱିଜରଲାଣ୍ଡ-କଲମ୍ବିଆ |
| ଭାଙ୍କୋଭର, ରାତି ୧ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ-ନରୱେ ମୁକାବିଲା

ମେକ୍ସିକୋ ସିଟିର ଆଜଟେକା ଷ୍ଟାଡିୟମ୍‌ରେ ସୋମବାର ମେକ୍ସିକୋ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲକୁ ଏଯାଏ ଖେଳାଯାଇଥିବା ବିଶ୍ୱକପ୍‌ରେ ସର୍ବଶ୍ରେଷ୍ଠ ମୁକାବିଲା ଭାବେ ବିବେଚନା କରାଯାଉଛି। ସମୁଦ୍ର ପତ୍ତନଠାରୁ ୭,୦୦୦ ଫୁଟରୁ ଉଚ୍ଚରେ ଏବଂ ଆୟୋଜକ ମେକ୍ସିକୋର ଘରୋଇ ମାଟିରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ଅସୁବିଧାର ସମ୍ମୁଖୀନ ହେବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ଏହି ମୁକାବିଲାରେ ଉଭୟ ଦଳ ଏପରି ଖେଳିଥିଲେ ଯେ ସମର୍ଥକ ଓ ଦର୍ଶକ ଗୋଟିଏ ମୁହୂର୍ତ୍ତ ମ୍ୟାଚ୍ ଛାଡି ପାରି ନ ଥିଲେ। ଖେଳାଳିଙ୍କ ସମନ୍ୱୟ, ନିଖୁଣ ପାସ୍, ଯୋଜନାବଦ୍ଧ ଆକ୍ରମଣ, ଚତୁର ଡ୍ରିବଲିଂ ଏବଂ କାଉଣ୍ଟର ଆଟାକ୍ ଏହି ମ୍ୟାଚ୍‌ର ଗୁରୁତ୍ୱକୁ ବଢ଼ାଇଦେଇଥିଲା। ଖେଳର ପ୍ରଥମାର୍ଦ୍ଧର ୩୬ ଓ ୩୮ତମ ମିନିଟ୍‌ରେ ଜୁଡ୍ ବେଲିଂହାମ ମାତ୍ର ୯୬ ସେକେଣ୍ଡ ମଧ୍ୟରେ ୨ଟି ଗୋଲ ସ୍କୋର କରି ଇଂଲଣ୍ଡକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ୨ଟି ଗୋଲ ପଛରେ ଥିଲେ ମଧ୍ୟ ମେକ୍ସିକୋ ଚାପରେ ପଡ଼ି ନ ଥିଲା ଓ କାଉଣ୍ଟର ଆଟାକ୍ କରି ୪୨ତମ ମିନିଟ୍‌ରେ ଜୁଲିଆନ୍ କ୍ୱିନୋନ୍ସଙ୍କ ମାଧ୍ୟମରେ ଗୋଟିଏ ଗୋଲ ଶୁଝାଇଦେଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଇଂଲଣ୍ଡ ଲାଗି ବିପଦକୁ ନିମନ୍ତ୍ରଣ କରିଥିଲା। ୫୪ତମ ମିନିଟ୍‌ରେ ବିପଜ୍ଜନକ ଫାଉଲ ମାରିଥିବାରୁ ଇଂଲଣ୍ଡର ଜାରେଲ କ୍ୱାନ୍‌ଶାଙ୍କୁ ରେଫରି ରେଡ୍‌କାର୍ଡ ଦେଖାଇଥିଲେ। ଫଳରେ ଅବଶିଷ୍ଟ ସମୟ ଇଂଲଣ୍ଡ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ସେହିପରି ୬୦ତମ ମିନିଟ୍‌ରେ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ମେକ୍ସିକୋର ଜଣେ ଖେଳାଳି ନିଜ ଗୋଲପୋଷ୍ଟ ଏରିଆରେ ଇଂଲଣ୍ଡ ଖେଳାଳିଙ୍କୁ ଫାଉଲ ମାରିଥିଲେ। ଏଥିଲାଗି ଇଂଲଣ୍ଡକୁ ପେନାଲ୍ଟି ମିଳିଥିଲା ଓ ଏହାକୁ ହ୍ୟାରୀ କେନ୍ ଗୋଲରେ ପରିଣତ କରି ଦଳକୁ ୩-୧ରେ ଅଗ୍ରଣୀ କରାଇବା ସହ ଖେଳାଳି ଓ ସମର୍ଥକଙ୍କୁ ଆଶ୍ୱସ୍ତ କରିଥିଲେ। ଖେଳର ୬୯ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟିରୁ ମେକ୍ସିକୋର ରଲ ଜିମିନେଜ୍ ଗୋଲ ସ୍କୋର କରିବା ପରେ ଇଂଲଣ୍ଡର ଉତ୍ତେଜନା ବଢ଼ିଯାଇଥିଲା। କିନ୍ତୁ ଖେଳାଳିମାନେ ଧୈର୍ଯ୍ୟର ସହ ଅବଶିଷ୍ଟ ସମୟ ମେକ୍ସିକୋର ଆକ୍ରମଣକୁ ପ୍ରତିହତ କରିବା ସହ ଇଂଲଣ୍ଡ ଏହି ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ।



## ୩୬ ବର୍ଷ ପରେ ପ୍ରି-କ୍ୱାର୍ଟରରୁ ବିଦା



ନ୍ୟୁୟର୍କର ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ରବିବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ନରୱେ ନିକଟରୁ ବ୍ରାଜିଲ ୨-୧ ଗୋଲରେ ହାରିଯାଇଥିଲା। ଏହି ପରାଜୟ ଯୋଗୁଁ ୧୯୯୦ ପରେ ପ୍ରଥମଥର ବ୍ରାଜିଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ବିଦା ହୋଇଥିଲା। ଏହି ମ୍ୟାଚ୍ ଜିତିବା ସହ ବ୍ରାଜିଲ ବିପକ୍ଷରେ ନରୱେର ଅପରାଜେୟ ରେକର୍ଡ ବଜାୟ ରହିଛି। ଅନ୍ତର୍ଜାତୀୟସ୍ତରରେ ଏହାକୁ ମିଶାଇ ଉଭୟଙ୍କ ମଧ୍ୟରେ ୫ଥର ମୁକାବିଲା ହୋଇଥିଲା। ଏହା ମଧ୍ୟରୁ ନରୱେ ୩ଟି ମ୍ୟାଚ୍ ଜିତିଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଥିଲା। ବିଜୟୀ ନରୱେ ପକ୍ଷରୁ ଏର୍ଲିଙ୍ଗ ହଲାଣ୍ଡ ୨ଟି ଯାକ ଗୋଲ ସ୍କୋର କରିଥିଲେ। ବ୍ରାଜିଲର ଷ୍ଟାର ଖେଳାଳି ନେମାର ପେନାଲ୍ଟିରୁ ଗୋଟିଏ ଗୋଲ ଶୁଝାଇଥିଲେ।

ଏହି ମୁକାବିଲାରେ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ଏପରିକି ଖେଳ ପ୍ରଥମ ୧୫ ମିନିଟ୍‌ରେ ଉଭୟ ଦଳକୁ ମିଳିଥିବା ସୁଯୋଗ ହାତଛଡ଼ା ହୋଇଯାଇଥିଲା। ପ୍ରଥମେ ନରୱେ ବ୍ରାଜିଲ ପୋଷ୍ଟ ମଧ୍ୟରେ ଗୋଲ ସ୍କୋର କରିଥିଲା। ଏହା କିନ୍ତୁ ଅଫ୍‌ସାଇଡ ହୋଇଯାଇଥିଲା। ସେହିପରି ଏହା ପରେ ବ୍ରାଜିଲ ପାଇଥିବା ପେନାଲ୍ଟିକୁ ବ୍ରୁନୋ ଗୁଇମାରେସ ଗୋଲ ପୋଷ୍ଟକୁ ପଠାଇ ପାରି ନ ଥିଲେ। ସେ ମାରିଥିବା ସଟ୍‌କୁ ନରୱେ ଗୋଲରକ୍ଷକ ଅର୍ଜାନ ନାଇଲାଣ୍ଡ ଅଟକାଇ ଦେଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଯୋଜନାବଦ୍ଧ ଖେଳିଥିଲେ। ଯାହା ଫଳରେ ଖେଳ ଉପଭୋଗ୍ୟ ହୋଇଥିଲା। କିନ୍ତୁ ପ୍ରଥମ ଗୋଲ ସ୍କୋର ହେବାକୁ ୭୯ତମ ମିନିଟ୍ ଲାଗିଯାଇଥିଲା। ଏହି ସମୟରେ ପାଇଥିବା ସୁଯୋଗକୁ ଏର୍ଲିଙ୍ଗ ହଲାଣ୍ଡ ବ୍ରାଜିଲ ପୋଷ୍ଟକୁ ପଠାଇ ପ୍ରଥମ ଗୋଲ ସ୍କୋର କରିଥିଲେ। ଗୋଲ ଖାଇବା ପରେ ବ୍ରାଜିଲ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରି ୯୦ତମ ମିନିଟରେ ଦ୍ୱିତୀୟ ଗୋଲ ବରଣ କରିଥିଲା। ନରୱେର ହଲାଣ୍ଡ ମଧ୍ୟ ଏହି ଗୋଲ ସ୍କୋର କରିଥିଲେ। ବ୍ରାଜିଲ ଅନ୍ୟ ଉପାୟ ନ ପାଇ ତାହାର ଆହତ ତାରକା ଖେଳାଳି ନେମାରଙ୍କୁ ପଡ଼ିଆକୁ ଓହ୍ଲାଇଥିଲା। ଷ୍ଟପେଜ୍ ଟାଇମ୍‌ର ଶେଷ ମୁହୂର୍ତ୍ତରେ ପାଇଥିବା ପେନାଲ୍ଟିରୁ ଗୋଲ ଦେଇ ସେ ଗୋଟିଏ ଗୋଲ ଶୁଝାଇଥିଲେ। କିନ୍ତୁ ନେମାର ବ୍ରାଜିଲକୁ ପରାଜୟରୁ ରକ୍ଷା କରି ନ ପାରି ପଡ଼ିଆରେ କାନ୍ଦିଥିଲେ।

## ଗୋଲ୍ଡେନ ବୁଟ୍ ରେସ୍‌ରେ ହଲାଣ୍ଡ

**ନ୍ୟୁୟର୍କ,୬।୭ (ଏଜେନ୍ସି):** ବ୍ରାଜିଲ ବିପକ୍ଷରେ ଡବଲ ଗୋଲ ସ୍କୋର କରି ନରୱେର ସୁପରଷ୍ଟାର ଫରୱାର୍ଡ ଖେଳାଳି ଏର୍ଲିଙ୍ଗ ହଲାଣ୍ଡ ଚଳିତ ବିଶ୍ୱକପ୍‌ରେ ଗୋଲ୍ଡେନ ବୁଟ୍ ରେସ୍‌ରେ ସାମିଲ ହୋଇଛନ୍ତି। ଫ୍ରାନ୍ସ ଓ ଆର୍ଜେଣ୍ଟିନାର ଅଧିନାୟକ କିଲିଆନ୍ ଏମ୍‌ବାପେ ଓ ଲିଓନେଲ ମେସି ମଧ୍ୟ ଏହି ବିଶ୍ୱକପ୍‌ରେ ୭ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ୩ଜଣ ଖେଳାଳି ୭ଟି ଲେଖାଏଁ ଗୋଲ କରିଥିଲାବେଳେ ଦୁଇଟି ଗୋଲ ଦେବାରେ ଆସିଷ୍ଟ କରିଥିବାରୁ ଏମ୍‌ବାପେ ଏହି ପୁରସ୍କାର ଦୌଡ଼ରେ ପ୍ରଥମ ସ୍ଥାନରେ ରହିଛି। ସେହିପରି ମେକ୍ସିକୋ ବିପକ୍ଷରେ ଗୋଲ ଦେଇଥିବା ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍‌ଙ୍କ ଏହି ବିଶ୍ୱକପ୍‌ରେ ଗୋଲ ସଂଖ୍ୟା ୬ରେ ପହଞ୍ଚାଇଛନ୍ତି। ଏମାନଙ୍କ ପଛକୁ ଫ୍ରାନ୍ସର ଓଉସମାନେ ଡେମ୍ବେଲେ, ଇଜିପ୍ଟର ମିକେଲ ଓୟାରଜାବଲ, ବ୍ରାଜିଲର ଭିନିସିଅସ ଜୁନିଅର, ସେନେଗାଲର ଇସ୍‌ମାଇଲା ସର ୪ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି।

## ନେମାର, ଓଚୋଆଙ୍କ ଅବସର



**ନ୍ୟୁୟର୍କ, ୬।୭ (ଏଜେନ୍ସି):** ନରୱେଠାରୁ ପରାଜିତ ହୋଇ ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହେବା ପରେ ଏହାର ସୁପରଷ୍ଟାର ନେମାର ଅର୍ନ୍ତଜାତୀୟ ଫୁଟବଲ ଖେଳରୁ ଅବସର ଘୋଷଣା କରିଛନ୍ତି। ଜଣେ ଦକ୍ଷ ଫରୱାର୍ଡ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ସେ ବିଶ୍ୱକପ୍‌ରେ ବ୍ରାଜିଲର ଆବଶ୍ୟକ ବେଳେ କାମରେ ଆସି ନ ଥିଲେ। ସେ ନିଜ ଦେଶ ଲାଗି ୧୩୦ଟି ମ୍ୟାଚ୍ ଖେଳି ରେକର୍ଡ ୮୦ଟି ଗୋଲ ସ୍କୋର କରିଛନ୍ତି। ସେ ଥରେ ହେଲେ ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଟାଇଟଲ ଜିତିବାରେ ସଫଳ ହୋଇ ନ ଥିଲେ। କନ୍‌ଫେଡେରେସନ କପ୍ ଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଏହା ତାଙ୍କୁ ଖୁସି କରି ପାରି ନ ଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ନିକଟରୁ ହାରିଯିବା ପରେ ମେକ୍ସିକୋର ଦୀର୍ଘ ଦିନ ଧରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଥିବା ଗୋଲରକ୍ଷକ ଗୁଇଲେରମୋ ଓଚୋଆ ମଧ୍ୟ ଅର୍ନ୍ତଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ସେ ୨୩ ବର୍ଷ ଧରି ଜାତୀୟ ଦଳ ଓ କ୍ଲବ୍ ଫୁଟବଲ ଖେଳିଥିଲେ। ମେକ୍ସିକୋ ଗୋଲ ପୋଷ୍ଟରେ ସେ ପାହାଡ ପରି ଛିଡ଼ା ହୋଇଥିଲେ। ୪୦ ବର୍ଷୀୟ ଏହି କିଂବଦନ୍ତୀ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ବିଶ୍ୱର ମାତ୍ର ତୃତୀୟ ଖେଳାଳି ଭାବେ ୬ଟି ବିଶ୍ୱକପ୍‌ରେ ଭାଗନେବାର ରେକର୍ଡ କରିଛନ୍ତି।

### ୱିମ୍ବଲଡନରୁ ସାବାଲେଙ୍କା ବିଦା

## କ୍ୱାର୍ଟରରେ ପାଓଲିନ୍, ଗଫ୍



**ଲଣ୍ଡନ, ୬।୭ (ଏଜେନ୍ସି):** ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କାଙ୍କୁ ହରାଇ ନାଓମି ଓସାକା ଏଠାରେ ଚାଲିଥିବା ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ୭ମ ସିଡ୍ ଜାପାନ ତାରକା ଓସାକା ୬-୨, ୭-୬ (୭/୨) ସେଟରେ ଚାରିଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସାବାଲେଙ୍କାଙ୍କୁ ହରାଇଥିଲେ। ବିଜୟ ସହ ଓସାକା ତାଙ୍କ କ୍ୟାରିୟରରେ ପ୍ରଥମଥର ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସେହିଭଳି ମହିଳା ବିଭାଗର ଅନ୍ୟ ମ୍ୟାଚରେ କୋକୋ ଗଫ୍ ଓ ଯସ୍ମିନ ପାଓଲିନ ବିଜୟୀ ହୋଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛନ୍ତି। ଗଫ୍ ୪-୬, ୬-୩, ୬-୪ ସେଟରେ ବେଲିଣ୍ଡା ବେନସିକଙ୍କୁ ଏବଂ ୧୩ତମ ସିଡ୍ ପାଓଲିନ ୬-୪, ୪-୬ ଓ ୬-୩ ସେଟରେ ଫିଲିପାଇନ୍ସର ଆଲେକ୍ସଜାଣ୍ଡ୍ରା ଇଲାଙ୍କୁ ହରାଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର,ନୋଭାକ ଜୋକୋଭିଚ୍ ଓ ଇଟାଲୀର ଫ୍ଲାବିଓ କୋବୋଲି ମଧ୍ୟ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟପ୍ ସିଡ୍ ସିନ୍ନର ୬-୩, ୭-୬ (୭/୦), ୬-୩ ସେଟରେ ଜାପାନର ସିନ୍ତାରୋ ମୋଚିଜୁକିଙ୍କୁ ହରାଇଥିଲେ।

## ଅଷ୍ଟ୍ରେଲିଆକୁ ୨୪ତମ ଆଇସିସି ଟ୍ରଫି

**ଲଣ୍ଡନ, ୬।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡକୁ ୭ ୱିକେଟରେ ହରାଇ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ମହିଳା ଦଳ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ ଟାଇଟଲ୍ ଜିତିଛି। ଅଷ୍ଟ୍ରେଲିଆ ପୁରୁଷ ଓ ମହିଳା ଦଳର ଏହା ଓଭରଅଲ୍ ୨୪ତମ ଆଇସିସି ଟ୍ରଫି ରହିଛି। ଯେଉଁଥିରେ ମହିଳା ଦଳ ୭ଥର ଲେଖାଏ ଟି-୨୦ ଓ ଦିନିକିଆ ବିଶ୍ୱକପ ଜିତିଛି। ସେହିଭଳି ପୁରୁଷ ଦଳ ୬ଥର ଦିନିକିଆ ବିଶ୍ୱକପ୍ ଓ ଥରେ ଟି-୨୦ ବିଶ୍ୱକପରେ ଚାମ୍ପିଅନ ହୋଇଛି। ଏହାବାଦ୍ ଅଷ୍ଟ୍ରେଲିଆ ପୁରୁଷ ଦଳ ଦୁଇଥର ଚାମ୍ପିଅନ୍ସ ଟ୍ରଫି ଓ ଥରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟ୍ରଫି ବିଜୟୀ ହୋଇଛି।

### ଆଜି ୩ୟ ଟି-୨୦

## ବିଜୟ ଲକ୍ଷ୍ୟରେ ଭାରତ

**ନଟିଂହାମ, ୬।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ରାତି ୧୦ଟାରେ ଏହି ମୁକାବିଲା ଆରମ୍ଭ ହେବ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ସେହିଭଳି ଶନିବାର ମାଞ୍ଚେଷ୍ଟରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦କୁ ଘରୋଇ ଇଂଲଣ୍ଡ ୪ ୱିକେଟରେ ଜିତିଥିଲା। ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଇଂଲଣ୍ଡ ଏବେ ୧-୦ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚକୁ ଜିତି ହ୍ୟାରୀ ବ୍ରୁକ୍‌ଙ୍କ ଦଳ ସିରିଜ ଜିତିବା ଦିଗରେ ଆଉ ପାଦେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ତୃତୀୟ ଟି-୨୦ ଲାଗି ଇଂଲଣ୍ଡ ଦଳ କୌଣସି ପରିବର୍ତ୍ତନ କରିନାହିଁ। ଅପରପକ୍ଷରେ ନୂଆ ଅଧିନାୟକ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଚଳିତ ୟୁକେ ଗସ୍ତ ନୈରାଶ୍ୟଜନକ ରହିଛି। ଏହି ୟୁକେ ଗସ୍ତରେ ଭାରତ ପ୍ରଥମେ ୨-୦ରେ ଆୟର୍ଲାଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ଟି-୨୦ ସିରିଜ ହାରିଥିଲା। ଏହାପରେ ଇଂଲଣ୍ଡରେ ମଧ୍ୟ ଦଳ ଏହି ପରାଜୟଧାରାକୁ ବଜାୟ ରଖିଛି। ଫଳରେ ଏହି ଗସ୍ତରେ ଭାରତୀୟ ଦଳ ୪ଟି ମ୍ୟାଚ ଖେଳିସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରିନାହିଁ। ଯାହା ଅଧିନାୟକ ଆୟରଙ୍କ ନେତୃତ୍ୱ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା କରାଇଛି। ସିରିଜ ଉଜ୍ଜୀବିତ ରଖିବାକୁ ହେଲେ ତୃତୀୟ ଟି-୨୦ ମ୍ୟାଚରେ ଭାରତ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ପ୍ରତୀକ୍ଷିତ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ମାଞ୍ଚେଷ୍ଟରରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ବିଫଳ ହୋଇଥିଲେ।

ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ହଟଷ୍ଟାର

## ଓଡ଼ିଶା ମହିଳା କାୟାକିଂ ଓ କାନୋଇଂ ଦଳ ରନର୍ସଅପ୍

**ଭୁବନେଶ୍ୱର, ୬।୭ (ସମିସ):** ବିଶାଖାପାଟନମରେ ଶେଷ ହୋଇଥିବା ଅସ୍ମିତା ଖେଲୋ ଇଣ୍ଡିଆ ଜୋନାଲ କାୟାକିଂ ଓ କାନୋଇଂ ଚାମ୍ପିଅନସିପ୍‌ରେ ଓଡ଼ିଶା ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୩୩ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୫ଟି ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭ଟି କାଂସ୍ୟ ପଦକ ସାମିଲ ରହିଛି। ଏଥିସହ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଛି। ସେହିଭଳି ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ମଧ୍ୟପ୍ରଦେଶ ଦଳ ଚାମ୍ପିଅନ ଓ କେରଳ ତୃତୀୟ ସ୍ଥାନ ହାସଲ କରିଛି।




## ଜିମ୍ବାୱେ ସିରିଜ୍‌ରୁ ସାମସନ ବାଦ୍

**ନୂଆଦିଲ୍ଲୀ, ୬।୭ (ଏଜେନ୍ସି):** ଜିମ୍ବାୱେ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ସୋମବାର ଭ୍ରମଣକାରୀ ଭାରତୀୟ ଦଳ ଘୋଷଣା କରାଯାଇଛି। ଚଳିତ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବିଶେଷ କରି ବରିଷ୍ଠ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଜିମ୍ବାୱେ ଗସ୍ତରୁ ବାଦ୍ ଦିଆଯାଇଛି। ଟି-୨୦ ବିଶ୍ୱକପରେ 'ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ହୋଇଥିବା ସାମସନ ଚଳିତ ୟୁକେ ଗସ୍ତରେ ବେଶ୍ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ତିନୋଟି ଟି-୨୦ ମ୍ୟାଚରୁ ସେ ମୋଟ୍ ୬ ରନ କରିଛନ୍ତି। ଯେଉଁଥି ପାଇଁ ତାଙ୍କୁ ଜିମ୍ବାୱେ ସିରିଜରୁ ବାଦ୍ ଦିଆଯାଇଛି। ସେହିଭଳି ଇଂଲଣ୍ଡ ଗସ୍ତରେ ସାମିଲ ଥିବା ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ଜିମ୍ବାୱେ ସିରିଜରେ ସ୍ଥାନ ମିଳିନି। ଅପରପକ୍ଷରେ ଯଶ ଠାକୁର ଓ ଅଶୋକ ଶର୍ମାଙ୍କୁ ପ୍ରଥମଥର ଲାଗି ଜାତୀୟ ଦଳରେ ସୁଯୋଗ ମିଳିଛି। ସେହିଭଳି ଅଭିଜ୍ଞ ରିଙ୍କୁ ସିଂ ମଧ୍ୟ ଦଳକୁ ଫେରିଛନ୍ତି।



ପ୍ରଭସିମରନ ସିଂହ, ମୟଙ୍କ ଯାଦବ ଦୀର୍ଘ ବର୍ଷ ପରେ ଦଳକୁ ଫେରିଛନ୍ତି। ଜୁଲାଇ ୨୩, ୨୫ ଓ ୨୬ ତାରିଖରେ ଘରୋଇ ଜିମ୍ବାୱେ ବିପକ୍ଷରେ ଭାରତ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳିବ।

**ଘୋଷିତ ଭାରତୀୟ ଦଳ:** ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଳକ ବର୍ମା (ଉପ-ଅଧିନାୟକ), ଇଶାନ କିଶାନ ଓ ପ୍ରଭସିମରନ ସିଂହ (ଉଭୟ ୱିକେଟକିପର), ଶିଭମ ଦୁବେ, ସୂର୍ଯ୍ୟାଂଶ ହେଡଗେ, ରିଙ୍କୁ ସିଂ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା ଓ ମୟଙ୍କ ଯାଦବ।

### ଫିଫାକୁ ତୀବ୍ର ସମାଲୋଚନା

## ଟ୍ରମ୍ପଙ୍କ ଫୋନ୍ ପରେ ବାସନ୍ଦ ପ୍ରତ୍ୟାହାର

ନ୍ୟୁୟର୍କ,୬।୭ (ଏଜେନ୍ସି)

ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ଫିଫା ରେଡ୍‌କାର୍ଡ ବାସନ୍ଦ ପ୍ରତ୍ୟାହାର କରିନେଇଛି। ଏହା ଫଳରେ ସେ ବେଲଜିୟମ ସହ ସିଆଟଲରେ ହେବାକୁ ଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ଭାଗ ନେଇପାରିବେ। କିନ୍ତୁ ରେଡ୍‌କାର୍ଡ ପାଇଥିବାରୁ ବର୍ଷକ ମଧ୍ୟରେ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବେ। ବୋସନିଆ ବିପକ୍ଷରେ ତାରିକ୍‌ଙ୍କୁ ଫାଉଲ ମାରିଥିବାରୁ ତାଙ୍କୁ ରେଫରି ରେଡକାର୍ଡ ଦେଖାଇଥିଲେ। କିନ୍ତୁ ଟିଭି ରିପ୍ଲେରେ ତାଙ୍କ ଫାଉଲ ମାରିବା ସ୍ପଷ୍ଟ ହୋଇ ନ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋନ୍ କରିବା ପରେ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିନିଆଯାଇଛି ବୋଲି ସମାଲୋଚକମାନେ ଅଭିଯୋଗ କରିଛନ୍ତି। ଫୋଲାରିନ୍‌ଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଥିଲା ତାହା ଫିଫା ପ୍ରତ୍ୟାହାର କରିନେଇଥିବାରୁ ରାଷ୍ଟ୍ରପତି ଟ୍ରମ୍ପ ଧନ୍ୟବାଦ ଦେବା ପରେ ଏହି ସମାଲୋଚନା ହୋଇଛି।

### କ'ଣ ଏହି ବିବାଦ

ଏହି ଘଟଣାର ପ୍ରଥମ ବିବାଦଟି ହେଲା, ରେଡ୍‌କାର୍ଡକୁ ନେଇ। ବୋସନିଆର ତାରିକ୍‌ଙ୍କ ଡ୍ରିବଲ କରିବାବେଳେ ଆମେରିକାର ତାରକା ଖେଳାଳି ଫୋଲାରିନ୍‌ଙ୍କ ଗୋଡ ତାଙ୍କ ପାଦ ଉପରେ ରହିଥିଲା। ଫଳରେ ରେଫରି ତାଙ୍କୁ ରେଡ୍‌କାର୍ଡ ଦେଇଥିଲେ। ଦ୍ୱିତୀୟ ବିବାଦଟି ହେଲା, ଫିଫା ଖେଳ ନିୟମର ଧାରା ୨୭ ଅନୁଯାୟୀ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିବା। ଏହାକୁ ତୀବ୍ର ବିରୋଧ କରିଛି ରୟାଲ ବେଲଜିୟମ ଫୁଟବଲ ଆସୋସିଏସନ ଓ ୟୁଏଫା। ଏମାନଙ୍କ ମତରେ ଫିଫାର ଧାରା ୬୬.୪ରେ ଜଣେ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଲେ ସେ ପରବର୍ତ୍ତୀ ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ଚଳିତବର୍ଷର ଫିଫା ୱାର୍ଲ୍ଡକପ୍ କମ୍ପିଟିସନ ରେଗୁଲେସନରେ ମଧ୍ୟ ସମାନ କଥା ରହିଛି।

ଫିଫା ଖେଳ ନିୟମର ଧାରା ୨୭ରେ ମଧ୍ୟ ଫିଫାର ନିୟମ ରହିଛି। କିନ୍ତୁ ଟ୍ରମ୍ପ ଫୋନ୍ କରିଥିବାରୁ ଏଭଳି ବିବାଦ ଅଧିକ ହୋଇଛି। ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରେଡ୍‌କାର୍ଡ ପରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ଫିଫା ଅନୁମତି ଦେବା ଏହା ପ୍ରଥମ ଘଟଣା ନୁହେଁ। ୧୯୬୨ ଫିଫା ବିଶ୍ୱକପ୍‌ରେ ବ୍ରାଜିଲର ସେମିଫାଇନାଲ ବିଜୟରେ ଷ୍ଟାର ଖେଳାଳି ଗାରିଞ୍ଚାଙ୍କୁ ରେଡ୍‌କାର୍ଡ ମିଳିଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ଶୃଙ୍ଖଳାଗତ କମିଟି ଏହାକୁ ବିଚାର କରି ବାସନ୍ଦ ପ୍ରତ୍ୟାହାର କରିଥିଲେ। ଗାରିଞ୍ଚା ଫାଇନାଲ ମ୍ୟାଚ୍ ଖେଳିଥିଲେ ଓ ବ୍ରାଜିଲ ଚାମ୍ପିଅନ ହୋଇଥିଲା।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS